

ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ବୁଧବାର ୨୨ ଏପ୍ରିଲ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 22 April 2026
Vol.No. 36 ■ No.106 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଖୁବ୍‌ଶୀଘ୍ର ଆସୁଛି
ସାଗରିକା
(ବିଷୁବସଂଖ୍ୟା)
ଡିଜିଟାଲ ଫର୍ମାଟରେ
ମଧ୍ୟ ଉପଲବ୍ଧ...
website : sagarika.in.net


## ଏପ୍ରିଲ ୨୭ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି

ଭୁବନେଶ୍ୱର, ୨୧/୪ (ନି.ପ୍ର): ଆସନ୍ତା ସୋମବାର ଏପ୍ରିଲ ୨୭ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ । ମୁଖ୍ୟମନ୍ତ୍ରୀ ସୋମବାର ସକାଳ ୭ ଘଟିକାରୁ ମଧ୍ୟାହ୍ନ ୧୨.୦୦ ପର୍ଯ୍ୟନ୍ତ ୟୁନିଟ-୨, ଅଶୋକ ନଗର, ଭୁବନେଶ୍ୱର ସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟ (କ୍ୟାପିଟାଲ ନର୍ସରୀ ନିକଟସ୍ଥ) ଠାରେ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ । ଏହି ଅଭିଯୋଗ ଶୁଣାଣି ପାଇଁ ଅନଲାଇନ ପଞ୍ଜୀକରଣ ଏପ୍ରିଲ ୨୨ ତାରିଖ ବୁଧବାର ଦିବା ୧୧ଘଟିକା ଠାରୁ ଆରମ୍ଭ ହେବ । ଏଥି ନିମନ୍ତେ, ଆଗ୍ରହୀ ଜନସାଧାରଣ ଜନଶୁଣାଣି ପୋର୍ଟାଲ ଅଥବା ଜନଶୁଣାଣି ମୋବାଇଲ ଆପ୍ଲିକେଶନ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ପାଇଁ ପଞ୍ଜୀକରଣ କରିପାରିବେ । ଜନସାଧାରଣ ପଞ୍ଜୀକୃତ ପ୍ରାପ୍ତି ସ୍ୱୀକାର ପତ୍ର ଏବଂ ବ୍ୟକ୍ତିଗତ ପରିଚୟ ପତ୍ର ତଥା ନିଜର ଅଭିଯୋଗ ପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇପାରିବେ ।

# ଇରାନ ସହ ସିଧାସଳଖ ଆଲୋଚନା ପାଇଁ ପ୍ରସ୍ତୁତ ଟ୍ରମ୍ପ



ନୂଆଦିଲ୍ଲୀ,୨୧/୪ : ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ, ଯଦି ଆମେରିକା ଏବଂ ଇରାନ ମଧ୍ୟରେ ଚାଲିଥିବା ଆଲୋଚନାରେ ପ୍ରଗତି ହେବାର ସଙ୍କେତ ମିଳେ, ତେବେ ସେ ବ୍ୟକ୍ତିଗତ ଭାବରେ ବରିଷ୍ଠ ଇରାନୀ ନେତାମାନଙ୍କ ସହିତ ସାକ୍ଷାତ କରିବାକୁ ଏବଂ ସିଧାସଳଖ ଆଲୋଚନା କରିବାକୁ ପ୍ରସ୍ତୁତ। ଏହି ବିବୃତି ଏପରି ଏକ ସମୟରେ ଆସିଛି ଯେତେବେଳେ ଇସଲାମାବାଦରେ ପ୍ରସ୍ତାବିତ ପରବର୍ତ୍ତୀ ପର୍ଯ୍ୟାୟ ଆଲୋଚନାକୁ ନେଇ ଅନିଶ୍ଚିତତା ରହିଛି। ନ୍ୟୁୟର୍କ ପୋଷ୍ଟ ସହିତ କଥାବାର୍ତ୍ତା ସମୟରେ ଟ୍ରମ୍ପ ଇରାନର ପଛଘୁଞ୍ଚାକୁ ହାଲୁକା ଭାବରେ ବର୍ଣ୍ଣନା କରି କୂଟନୈତିକ ପ୍ରୟାସ ଆଗକୁ ବଢ଼ିବ ବୋଲି ବିଶ୍ୱାସ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଯଦି ଇରାନ କଥାବାର୍ତ୍ତା କରିବାକୁ ଚାହେଁ, ତେବେ ସେମାନଙ୍କୁ ବ୍ୟକ୍ତିଗତ ଭାବରେ ଭେଟିବାରେ କୌଣସି ଅସୁବିଧା ନାହିଁ। ରିପୋର୍ଟ ଅନୁଯାୟୀ, ଯଦି ଏକ ଚୁକ୍ତି ହୁଏ, ତେବେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଜେ ବ୍ୟକ୍ତିଗତ ଭାବରେ କିମ୍ବା ଭର୍ଚୁଆଲ୍ ଭାବରେ ଏହି ଆଲୋଚନାରେ ଅଂଶଗ୍ରହଣ କରିପାରନ୍ତି। ଟ୍ରମ୍ପ ଏହା ମଧ୍ୟ ନିଶ୍ଚିତ କରିଛନ୍ତି, ଆମେରିକାର ଉପରାଷ୍ଟ୍ରପତି ଜେଡି ଭାନ୍ସ, ସ୍ୱତନ୍ତ୍ର ଦୂତ ଷ୍ଟିଭ ଓ୍ୱିଟକଫ ଏବଂ ପରାମର୍ଶଦାତା ଜାରେଡ କୁଶନରଙ୍କ ସମେତ ଏକ ଉଚ୍ଚସ୍ତରୀୟ ପ୍ରତିନିଧିମଣ୍ଡଳୀ ଆଲୋଚନା ପାଇଁ ଇସଲାମାବାଦ ଯାତ୍ରା କରିବେ। ସେ କହିଛନ୍ତି ଯେ ଆଲୋଚନା ଜରୁରୀ ଏବଂ ଉଭୟ ପକ୍ଷ ଗମ୍ଭୀରତା ଦେଖାଇବା ଉଚିତ। ତେବେ ସେ ଏହା ମଧ୍ୟ ଚେତାବନୀ ଦେଇଛନ୍ତି, ଯଦି କୌଣସି ସହମତି ନହୁଏ, ତେବେ ବର୍ତ୍ତମାନର ଅସ୍ତ୍ରବିରତି ଶେଷ ହେବା ପରେ ପରିସ୍ଥିତି ପୁଣି ଥରେ ଖରାପ ହୋଇପାରେ। ବିଫଳ ଆଲୋଚନା ଯୋଗୁ ପରିସ୍ଥିତି ହିଂସାରେ ପରିଣତ ହୋଇପାରେ ବୋଲି ଟ୍ରମ୍ପ ସଙ୍କେତ ଦେଇଛନ୍ତି।

# ପୌର ନିର୍ବାଚନ ପାଇଁ ପ୍ରସ୍ତୁତ ହେବ ଭୋଟର୍ ଲିଷ୍ଟ୍: ଖୁବଶୀଘ୍ର ଗାଁ ଓ ସହରାଞ୍ଚଳରେ ହେବ ସର୍ଭେ



ଭୁବନେଶ୍ୱର, ୨୧/୪ (ନି.ପ୍ର): କେମିତି ଭୋଟର ତାଲିକାରୁ ବାଦ ପଡ଼ିଲେ ୯ ଲକ୍ଷରୁ ଅଧିକ ଭୋଟର ଏହାକୁ ନେଇ ଉଦବେଗ ଦେଖାଦେଇଥିବା ବେଳେ ରାଜ୍ୟ ନିର୍ବାଚନ କମିଶନ ଆସନ୍ତା ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ଏକ ବଡ଼ ଅଭିଯାନ ଆରମ୍ଭ କରିବାକୁ ଯୋଜନା କରିଛନ୍ତି। କମିଶନଙ୍କ ସୂତ୍ରରୁ ଓଟିଭିକୁ ମିଳିଥିବା ଏକ୍ସକ୍ଲୁସିଭ୍ ସୂଚନା ଅନୁସାରେ, ରାଜ୍ୟର ସବୁ ଗାଁ ଓ ପୌରାଞ୍ଚଳରେ ଡୋର ଟୁ ଡୋର୍ ସର୍ଭେ କରାଯାଇ ଭୋଟର ଲିଷ୍ଟ ପ୍ରସ୍ତୁତ କରାଯିବ । ଏହି ଅଭିଯାନରେ ନୂଆ ଟେକ୍ନୋଲୋଜି ପ୍ରୟୋଗ କରାଯାଇ ପ୍ରତ୍ୟେକ ଭୋଟରଙ୍କ ନିର୍ଦ୍ଦିଷ୍ଟ କୋଡ୍ ରଖାଯିବ। ଯଦ୍ୱାରା ଅନିୟମିତତାର ଆଶଙ୍କା କମିବ । ପୂର୍ବରୁ ଯେଉଁଭଳି ଗୋଟିଏ ପରିବାରର ସଦସ୍ୟ ଭାଗ ଭାଗ ହୋଇ ଭିନ୍ନ ଭିନ୍ନ ବୁଥରେ ଭୋଟ୍ ଦେଉଥିଲେ, ଏଥର ସେମାନେ ସେହି ସମସ୍ୟାକୁ ସାମ୍ନା କରିବେ ନାହିଁ ।

◆◆ପୃଷ୍ଠା ୭

# ବାଣ କାରଖାନାରେ ଭୟଙ୍କର ବିସ୍ଫୋରଣ: ୧୩ ମୃତ୍ୟୁ

ନୂଆଦିଲ୍ଲୀ,୨୧/୪ : କେରଳର ତ୍ରିସୁର ଜିଲ୍ଲାରେ ଏକ ବାଣ କାରଖାନାରେ ବିସ୍ଫୋରଣ ଘଟି ୧୩ ଜଣଙ୍କର ମୃତ୍ୟୁ ଘଟିଛି ଏବଂ ଅନେକ ଆହତ ହୋଇଛନ୍ତି। ବାଣ ସାମଗ୍ରୀ ପ୍ରସ୍ତୁତ କରୁଥିବା ସମୟରେ ଏହି ଦୁର୍ଘଟଣା ଘଟିଛି । ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ ଏହାର ଶବ୍ଦ ଅନେକ ଦୂର ପର୍ଯ୍ୟନ୍ତ ଶୁଣାଯାଇଥିଲା । ଆଖପାଖର ବାସିନ୍ଦାମାନେ ପ୍ରଥମେ ଏହାକୁ ଭୂମିକମ୍ପ ବୋଲି ଭାବି ନେଇଥିଲେ। ଘଟଣା ପରେ, ସମଗ୍ର ଅଞ୍ଚଳରେ ନିଆଁ ଏବଂ ଘନଧୂଆଁ ବ୍ୟାପି ଯାଇଥିଲା। ବିସ୍ଫୋରଣ ସମୟରେ କାରଖାନାରେ ପ୍ରାୟ ୪୦ ଜଣ ଥିଲେ ବୋଲି ସୂଚନା ମିଳିଛି । ପ୍ରଧାନମନ୍ତ୍ରୀ ମୋଦୀ ଏହି ଘଟଣାରେ ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପିଛା ୨ ଲକ୍ଷ ଟଙ୍କା ଅନୁକମ୍ପା ରାଶି ଘୋଷଣା କରିଛନ୍ତି। ସେହିଭଳି ଦିନକ ତଳେ ତାମିଲନାଡୁରେ

◆◆ପୃଷ୍ଠା ୭

# ଜଳୁଛି ପଶ୍ଚିମ ଓଡ଼ିଶା, ଉପକୂଳରେ ଅସମ୍ଭାଳ ଗୁଳୁଗୁଳି: ୫ ଦିନ ଯାଏଁ ତାତିରୁ ମିଳିବନି ତ୍ରାହି



ଭୁବନେଶ୍ୱର, ୨୧/୪ (ନି.ପ୍ର): ରାଜ୍ୟରେ ପ୍ରବଳ ଖରା ସହ ଜଳୁଛି ପଶ୍ଚିମରୁ ଉପକୂଳ। ୨୫ ଯାଏ ତାତିରୁ ତ୍ରାହି ନଥିବା ବେଳେ ଡରାଇବ କାଳବୈଶାଖୀ । ଆସନ୍ତା ୨୪ ଘଣ୍ଟାରେ ଉପକୂଳ ଓଡ଼ିଶାର ୧୧ ଜିଲ୍ଲାରେ ପ୍ରବଳ ଖରା ଗରମ ଓ ଗୁଳୁଗୁଳିକୁ ନେଇ ଉଷ୍ମ ଓ ଆଦ୍ର ସ୍ଥିତିକୁ ନେଇ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ଗଂଜାମ, ଗଜପତି, ନୟାଗଡ, ଖୋର୍ଦ୍ଧା, କଟକ, ପୁରୀ, କେନ୍ଦ୍ରାପଡ଼ା, ଜଗତସିଂହପୁର, ଯାଜପୁର, ଭଦ୍ରକ ଓ ବାଲେଶ୍ୱର ପାଇଁ ସତର୍କତା ଜାରି କରାଯାଇଛି। ସେହିପରି ରାଜ୍ୟରେ କାଳବୈଶାଖୀର ପ୍ରଭାବ ୫ ଦିନ ଯାଏ ଥିବା ବେଳେ ଝାରସୁଗୁଡା ବରଗଡ଼ ସମ୍ବଲପୁର ଦେଓଗଡ ଓ ସମ୍ବଲପୁରକୁ ବାଦ ଦେଇ ଅବଶିଷ୍ଟ ୨୫ ଜିଲ୍ଲାକୁ ବିଜୁଳି ଘଡଘଡି ସହ ବର୍ଷା ସମ୍ଭାବନାକୁ ନେଇ ୟେଲୋ ୱର୍ଣ୍ଣିଙ୍ଗ ଜାରି ହୋଇଛି । ଆସନ୍ତାକାଲି ୧୧ ଜିଲ୍ଲାକୁ ଉଷ୍ମ ଓ ଆଦ୍ର ସ୍ଥିତିକୁ ନେଇ ୟେଲୋ ୱର୍ଣ୍ଣିଙ୍ଗ ଜାରି ହୋଇଛି। ୧୧ ଜିଲ୍ଲା ସମେତ ମାଲକାନଗିରି, କୋରାପୁଟ, ରାୟଗଡା ମୟୁରଭଞ୍ଜ ଓ କେନ୍ଦୁଝର ଏହି ୧୬ ଜିଲ୍ଲାକୁ ବିଜୁଳି ଘଡଘଡି ସହ ବର୍ଷା ସମ୍ଭାବନାକୁ ନେଇ ୟେଲୋ ୱର୍ଣ୍ଣିଙ୍ଗ ଜାରି କରିଛି ପାଣିପାଗ ବିଭାଗ।

◆◆ପୃଷ୍ଠା ୭

# ରାଉରକେଲାରେ ପ୍ଲାନେଟରିୟମ୍ ଓ ବିଜ୍ଞାନ କେନ୍ଦ୍ର ଉଦ୍‌ଘାଟନ କଲେ ରାଷ୍ଟ୍ରପତି

## ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ଦ୍ୱାରା ନିର୍ମଳ ମୁଣ୍ଡା ପରିବେଶ ପଥ, ଜନଜାତି ସଂଗ୍ରହାଳୟ ଏବଂ ସମନ୍ୱିତ ନିର୍ଦ୍ଦେଶ ଓ ନିୟନ୍ତ୍ରଣ କେନ୍ଦ୍ର ମଧ୍ୟ ଉଦ୍‌ଘାଟିତ




ରାଉରକେଲା, ୨୧/୪ (ନି.ପ୍ର): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ରାଉରକେଲାଠାରେ ଆୟୋଜିତ ସାର୍ବଜନୀନ କାର୍ଯ୍ୟକ୍ରମରେ ଏକ ପ୍ଲାନେଟରିୟମ୍ ଏବଂ ବିଜ୍ଞାନ କେନ୍ଦ୍ର ସହିତ ନିର୍ମଳ ମୁଣ୍ଡା ପରିବେଶ ପଥକୁ ଉଦଘାଟନ କରିଛନ୍ତି । ପରେ, ରାଷ୍ଟ୍ରପତି ରାଉରକେଲାରେ ଜନଜାତି ସଂଗ୍ରହାଳୟ ଏବଂ ସମନ୍ୱିତ ନିର୍ଦ୍ଦେଶ ଓ ନିୟନ୍ତ୍ରଣ କେନ୍ଦ୍ର ମଧ୍ୟ ଉଦଘାଟନ କରିଥିଲେ । ଏହି ଅବସରରେ ଆୟୋଜିତ ଏକ ଜନସଭାରେ ରାଷ୍ଟ୍ରପତି କହିଥିଲେ, ସୁନ୍ଦରଗଡ଼ର ପ୍ରାକୃତିକ ସୌନ୍ଦର୍ଯ୍ୟ, ଲୋକ ସଂସ୍କୃତି ଓ ଐତିହ୍ୟରେ ଏକ ଗଭୀର ଆକର୍ଷଣ ରହିଛି । ଏହାର ଘଞ୍ଚ ଜଙ୍ଗଲ, ପର୍ବତ, ଜଳପ୍ରପାତ ଏବଂ ନଦୀଗୁଡ଼ିକ ମଧ୍ୟ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରି ଦେଇଥାଏ। ସୁନ୍ଦରଗଡ଼ର କଳା ଓ ସଂସ୍କୃତି ଓଡ଼ିଶାର ସାଂସ୍କୃତିକ ପ୍ରାଚୁର୍ଯ୍ୟକୁ ଆହୁରି ସମୃଦ୍ଧ କରିଛି । ସୁନ୍ଦରଗଡ଼ ସାହସୀ ବ୍ୟକ୍ତି ଏବଂ କ୍ରୀଡା ପ୍ରେମୀଙ୍କ ଭୂମି ବୋଲି ସେ ଗୁରୁତ୍ୱାରୋପ କରି କହିଥିଲେ । ରାଷ୍ଟ୍ରପତି କହିଥିଲେ, ଓଡ଼ିଶା ସମେତ ଭାରତର ବିଭିନ୍ନ ଅଞ୍ଚଳର ଲୋକମାନେ ନିଯୁକ୍ତି ଓ ଜୀବିକା ପାଇଁ ରାଉରକେଲାରେ ବସବାସ କରନ୍ତି। ଏହି ବିଶ୍ୱସ୍ତରୀୟ ସହର ଓଡ଼ିଶାର କଳା, ସାହିତ୍ୟ, ସଂସ୍କୃତି, ଜନଜାତି ପରମ୍ପରା ଓ କ୍ରୀଡାକୁ ପ୍ରୋତ୍ସାହିତ କରିବାରେ ଏକ ଅଗ୍ରଣୀ ଭୂମିକା ଗ୍ରହଣ କରିଛି । ରାଷ୍ଟ୍ରପତି କହିଥିଲେ, ସମାଜର ପ୍ରତ୍ୟେକ ବର୍ଗର ବିକାଶ ଦ୍ୱାରା ହିଁ ଦେଶର ବିକାଶ ସମ୍ଭବ । ଏହି ଚିନ୍ତାଧାରା ନେଇ କେନ୍ଦ୍ର ଓ ରାଜ୍ୟ ସରକାର ଆଦିବାସୀଙ୍କ କଲ୍ୟାଣ ପାଇଁ ବିଭିନ୍ନ ଯୋଜନାରେ ସକ୍ରିୟ ଭାବରେ କାର୍ଯ୍ୟ କରୁଛନ୍ତି । ଏହା ସୁନ୍ଦରଗଡ଼ ଭଳି ଆଦିବାସୀ ବହୁଳ ଜିଲ୍ଲାଗୁଡ଼ିକରେ ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ସହିତ ଆଦିବାସୀ ସମ୍ପ୍ରଦାୟର ଲୋକମାନଙ୍କର ଆର୍ଥିକ ଉନ୍ନତିକୁ ପ୍ରାଥମିକତା ଦେଉଛି । ରାଷ୍ଟ୍ରପତି ଦେଶ ବିକାଶରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିବାକୁ ଜନସାଧାରଣଙ୍କୁ ପରାମର୍ଶ ଦେଇଥିଲେ ।

◆◆ପୃଷ୍ଠା ୭

## ଚାପ ରାଜନୀତି କରୁଛନ୍ତି କେଜରିୱାଲ- ବାଂଶୁରୀ ସ୍ୱରାଜ

ନୂଆଦିଲ୍ଲୀ, ୨୧/୪ (ନି.ପ୍ର): ଭାରତୀୟ ଜନତା ପାର୍ଟି (ବିଜେପି) ଦିଲ୍ଲୀ ଉଚ୍ଚ ନ୍ୟାୟାଳୟର ରାୟକୁ ସ୍ୱାଗତ କରି ଆମ୍ ଆଦମୀ ପାର୍ଟି (ଆଆପା)ର ସଂଯୋଜକ ଅରବିନ୍ଦ କେଜ୍ରିୱାଲଙ୍କୁ ଚାପ ରାଜନୀତି କରୁଥିବା ଅଭିଯୋଗ କରିଛି। ବିଜେପି ସାଂସଦ ବାଂସୁରୀ ସ୍ୱରାଜ ମଙ୍ଗଳବାର ପାର୍ଟି ମୁଖ୍ୟାଳୟରେ ସାମ୍ବାଦିକ ସମ୍ମିଳନୀରେ କହିଥିଲେ ଯେ ସୋମବାର ଦିଲ୍ଲୀ ଉଚ୍ଚ ନ୍ୟାୟାଳୟର ଏକ ଆଦେଶ ଆସିଥିଲା। ଏଥିରେ ନ୍ୟାୟାଧୀଶ ସ୍ୱର୍ଣ୍ଣକାନ୍ତା ଶର୍ମା କେଜ୍ରିୱାଲଙ୍କ ଚାପ ନୀତିକୁ ଖାରଜ କରି ନ୍ୟାୟିକ ସ୍ୱାଧୀନତାର ଏକ ନୂତନ ମାନଦଣ୍ଡ ସ୍ଥାପନ କରିଛନ୍ତି, ଯାହାକୁ ସ୍ୱାଗତ ଓ ଅଭିନନ୍ଦନ କରାଯାଉଛି। ସ୍ୱରାଜ କହିଥିଲେ ଯେ ଏଥିରୁ ପ୍ରମାଣ ମିଳିଗଲା ଯେ ଆଆପା ଗୋଟିଏ ଡ୍ରାମା କମ୍ପାନୀ ଓ କେଜ୍ରିୱାଲ ତାହାର ନିର୍ଦ୍ଦେଶକ।

# ଢେଙ୍କାନାଳରେ ହେବ ଜେଏସଡବ୍ଲ୍ୟୁ-ପୋସ୍କୋ କାରଖାନା: ସ୍ୱାକ୍ଷରିତ ହେଲା ବୁଝାମଣାପତ୍ର




ଭୁବନେଶ୍ୱର, ୨୧/୪ (ନି.ପ୍ର): ଢେଙ୍କାନାଳରେ ହେବ ଜେଏସଡବ୍ଲୁ ଓ ପୋସ୍କୋର କାରଖାନା । ଏନେଇ ସ୍ୱାକ୍ଷିରିତ ହୋଇଛି ଗୁରୁତ୍ୱପୂର୍ଣ୍ଣ ଚୁକ୍ତି । ଶିଳ୍ପପତି ସଜ୍ଜନ ଜିନ୍ଦଲଙ୍କ କମ୍ପାନି ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍ ଓ ଦକ୍ଷିଣ କୋରିଆର ପୋସ୍କୋ ମଧ୍ୟରେ ଯୌଥ ଉଦ୍ୟୋଗ ସ୍ଥାପନକୁ ନେଇ ଗୁରୁତ୍ୱପୂର୍ଣ୍ଣ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଉଭୟ କମ୍ପାନି ମିଶି ଓଡ଼ିଶାରେ ବାର୍ଷିକ ୬ ନିୟୁତ ଟନ୍ ଉତ୍ପାଦନ କ୍ଷମତା ବିଶିଷ୍ଟ ଇସ୍ପାତ୍ କାରଖାନା ସ୍ଥାପନ କରିବେ । ଏହି କାରଖାନା କେଉଁ ସ୍ଥାନରେ ପ୍ରତିଷ୍ଠା ହେବ ତାହାକୁ ନେଇ ଲାଗି ରହିଥିବା କଳ୍ପନାଜଳ୍ପନାର ଅନ୍ତ ଘଟିଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଜିଲ୍ଲା କେନ୍ଦୁଝରରେ ଉକ୍ତ କାରଖାନା ନିର୍ମାଣ କରାଯିବ ବୋଲି ବ୍ୟାପକ ପ୍ରଚାର କରାଯାଉଥିଲା । କିନ୍ତୁ ଜେଏସ୍‌ଡବ୍ଲ୍ୟୁ ଗ୍ରୁପ୍ ପକ୍ଷରୁ ଆଜି ସୂଚନା ଦିଆଯାଇଛି ଯେ, ପ୍ରସ୍ତାବିତ କାରଖାନା ଢେଙ୍କାନାଳ ଜିଲ୍ଲାରେ ସ୍ଥାପନ କରାଯିବ। ସେଠାରେ କମ୍ପାନି ପାଖରେ ପୂର୍ବରୁ ଜମି ଥିବା ଜେଏସ୍‌ଡବ୍ଲ୍ୟୁ ଜଣାଇଛି। ପ୍ରସ୍ତାବିତ କାରଖାନାରେ ଅଟୋମୋବାଇଲ୍ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ପାଇଁ ଉଚ୍ଚ ମାନର ଇସ୍ପାତ ଉତ୍ପାଦନ କରାଯିବ। ଏହି ପ୍ରକଳ୍ପରେ ୩୫ ହଜାର କୋଟି ଟଙ୍କା ନିବେଶ ହେବ। ନୂଆଦିଲ୍ଲୀରେ ଅନୁଷ୍ଠିତ ଭାରତ-କୋରିଆ ବ୍ୟବସାୟ ସମ୍ମିଳନୀ ଅବସରରେ ଜେଏସଡବ୍ଲୁ ଓ ପୋସ୍କୋ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷର ହୋଇଯାଇଛି । ଜେଏସ୍‌ଡବ୍ଲ୍ୟୁ ଗ୍ରୁପ୍‌ର ସମ୍ପୂର୍ଣ୍ଣ ସହାୟକ କମ୍ପାନି ସାଫ୍ରନ୍ ରିସୋର୍ସେସ୍ ଜରିଆରେ ଢେଙ୍କାନାଳ ପ୍ରକଳ୍ପକୁ କାର୍ଯ୍ୟକାରୀ କରାଯିବ ।

◆◆ପୃଷ୍ଠା ୭

# ପଶ୍ଚିମବଙ୍ଗ ନିର୍ବାଚନ: ପ୍ରଥମ ପର୍ଯ୍ୟାୟରେ ୧୫୨ ଆସନରେ ଟିଏମସି-ବିଜେପି ପାଇଁ ଅଗ୍ନିପରୀକ୍ଷା

## ଏକବଲପୁର ଥାନା ବାହାରେ ବିଜେପି-ଟିଏମସି ମୁହାଁମୁହିଁ: ୯ ଗିରଫ



ନୂଆଦିଲ୍ଲୀ,୨୧/୪ : ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟରେ ବୁଧବାର ଅନୁଷ୍ଠିତ ହେଉଛି। ୧୫୨ଟି ବିଧାନସଭା ନିର୍ବାଚନମଣ୍ଡଳୀ ମତଦାନ କରାଯାଉଛି। ଏହି ପର୍ଯ୍ୟାୟ ଉତ୍ତର ବଙ୍ଗ, ପଶ୍ଚିମ ଜିଲ୍ଲା ଏବଂ ଦକ୍ଷିଣ ବଙ୍ଗର କିଛି ଅଂଶରେ ଅନୁଷ୍ଠିତ ହେଉଛି। ଏହା ନିର୍ବାଚନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ । ପ୍ରଥମ ପର୍ଯ୍ୟାୟର କେତେକ ଆସନକୁ ଫଳାଫଳ ପାଇଁ ନିର୍ଣ୍ଣାୟକ ଭାବେ ବିବେଚନା କରାଯାଉଛି। ପ୍ରଥମ ପର୍ଯ୍ୟାୟରେ କୋଚ ବିହାରା, ଆଲିପୁରଦାର, ଜଳପାଇଗୁଡ଼ି, ଦାର୍ଜିଲିଂ, ଉତ୍ତର ଏବଂ ଦକ୍ଷିଣ ଦିନାଜପୁର, ମାଲଦା, ମୁର୍ସିଦାବାଦ, ପୁରୂଲିଆ, ବାଙ୍କୁରା, ଝାଡ଼ଗ୍ରାମ, ପଶ୍ଚିମ ମେଦିନୀପୁର, ପଶ୍ଚିମ ବର୍ଦ୍ଧମାନ ଏବଂ ବୀରଭୂମ ଏବଂ ନଦିଆର କିଛି ଅଂଶ ରହିଛି। ପ୍ରମୁଖ ନିର୍ବାଚନମଣ୍ଡଳୀ ମଧ୍ୟରେ ସିଲିଗୁଡ଼ି, ଦାର୍ଜିଲିଂ, କାଲିମ୍ପଙ୍ଗ, କୋଚ ବିହାରା ଉତ୍ତର ଏବଂ ଦକ୍ଷିଣ, ରାଇଗଞ୍ଜ, ଇସଲାମପୁର, ବାଲୁରଘାଟ, ମାଲଦା, ମୁର୍ସିଦାବାଦ, ଆସାନସୋଲ, ବାଙ୍କୁରା, ପୁରୂଲିଆ ଏବଂ ବହରାମପୁର ରହିଛି। ଏହି ପର୍ଯ୍ୟାୟରେ ଆଦିବାସୀ ସମ୍ପ୍ରଦାୟ, ଚା ବଗିଚା ଶ୍ରମିକ, ସଂଖ୍ୟାଲଘୁ ବହୁଳ ଅଞ୍ଚଳ ଏବଂ ସହରାଞ୍ଚଳ ଭୋଟର ଭଳି ବିବିଧ ଭୋଟର ଗୋଷ୍ଠୀ ମତଦାନ କରୁଛନ୍ତି। ଏହି ପର୍ଯ୍ୟାୟ ତୃଣମୂଳ କଂଗ୍ରେସ (ଟିଏମସି) ଏବଂ ଭାରତୀୟ ଜନତା ପାର୍ଟି (ବିଜେପି) ପାଇଁ ଏକ ଅଗ୍ନିପରୀକ୍ଷା। ବାମ-କଂଗ୍ରେସ ମେଣ୍ଟ ମଧ୍ୟ ନିର୍ବାଚନ ମଇଦାନରେ ରହିଛନ୍ତି। ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପାଇଁ ପ୍ରଚାର ଅଭିଯାନ ସରଗରମ ଥିବା ବେଳେ କୋଲକାତାର ଏକବଲପୁର ଥାନା ବାହାରେ ମଙ୍ଗଳବାର ବିଜେପି ଓ ତୃଣମୂଳ କଂଗ୍ରେସ (ଟିଏମସି) କର୍ମୀଙ୍କ ମଧ୍ୟରେ ଭୟଙ୍କର ସଂଘର୍ଷ ଘଟିଛି । ବିଜେପି ପ୍ରାର୍ଥୀ ରାକେଶ ସିଂଙ୍କ

◆◆ପୃଷ୍ଠା ୭

# ଜଳ ପଖ୍ୱାଡା ଅବସରରେ ପିଏମ ଶ୍ରୀକେ.ଭି. ନଂ-୧ ଭୁବନେଶ୍ୱରରେ ଏନସିସି କ୍ୟାଡେଟ୍‌ମାନଙ୍କ ଦ୍ୱାରା 'ଜଳ ଛାତ୍ର' ଆୟୋଜନ

ଭୁବନେଶ୍ୱର, ୨୧/୦୪ (ନି.ପ୍ର): ଜଳ ପଖ୍ୱାଡା ଅବସରରେ ପିଏମ ଶ୍ରୀକେନ୍ଦ୍ରୀୟ ବିଦ୍ୟାଳୟ ନଂ-୧ ଭୁବନେଶ୍ୱରରେ ଏନସିସି ଆର୍ମି ୱିଙ୍ଗର କ୍ୟାଡେଟ୍‌ମାନଙ୍କ ଦ୍ୱାରା ଏକ 'ଜଳ ଛାତ୍ର' (ପାଣି ବଂଟନ ଶିବିର) ସଫଳତାର ସହ ଆୟୋଜନ କରାଯାଇଥିଲା। ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଜଳ ସଂରକ୍ଷଣର ଗୁରୁତ୍ୱ ବିଷୟରେ ସଚେତନତା ସୃଷ୍ଟି କରିବା ସହିତ ତିବ୍ର ଗ୍ରୀଷ୍ମ ତାପର ମାନବ ଶରୀର ଉପରେ ପଡୁଥିବା କୁପ୍ରଭାବ ବିଷୟରେ ଜଣାଇବା।

ଏହି କାର୍ଯ୍ୟକ୍ରମରେ ଏନସିସି କ୍ୟାଡେଟ୍‌ମାନଙ୍କ ଉତ୍ସାହଭରା ଭାଗିଦାରୀ ଦେଖିବାକୁ ମିଳିଥିଲା। ଆବଶ୍ୟକ ସାମଗ୍ରୀ ସଂଗ୍ରହରୁ ଆରମ୍ଭ କରି ଶୀତଳ ।ନୀୟ ପ୍ରସ୍ତୁତି ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ସେମାନେ ନିଜେ ନିଜେ ସଂନ୍ନ କରିଥିଲେ। ଏହା ମାଧ୍ୟମରେ ସେମାନଙ୍କର ଦଳୀୟ କାର୍ଯ୍ୟଦକ୍ଷତା, ଶିଷ୍ଟାଚାର ଓ ସମାଜ ସେବା ପ୍ରତି ନିଷ୍ଠା ପ୍ରକାଶ ପାଇଥିଲା।

ପାନୀୟ ପ୍ରସ୍ତୁତି ପରେ କ୍ୟାଡେଟ୍‌ମାନେ ବିଦ୍ୟାଳୟର ମୁଖ୍ୟ ପ୍ରବେଶଦ୍ୱାର ସମୀପରେ ସ୍ଥିତି ଗ୍ରହଣ କରି ସାଧାରଣ ଲୋକମାନଙ୍କୁ ଏହା ବଂଟନ କରିଥିଲେ। ତିବ୍ର ଗ୍ରୀଷ୍ମ ତାପରେ ଏହି ପଦକ୍ଷେପକୁ ସାଧାରଣ ଲୋକମାନେ ବହୁତ ପ୍ରଶଂସା କରିଥିଲେ।

ବିଦ୍ୟାଳୟର ଶିକ୍ଷକମାନେ ଏହି କାର୍ଯ୍ୟକ୍ରମରେ ସକ୍ରିୟ ସହଯୋଗ କରିଥିଲେ, ଏବଂ ଅଭିଭାବକମାନେ ମଧ୍ୟ ବ୍ୟବସ୍ଥାପନାରେ ସହଯୋଗ କରିଥିଲେ। ସମସ୍ତଙ୍କ ଏକତ୍ର ପ୍ରୟାସରେ କାର୍ଯ୍ୟକ୍ରମଟି ସଫଳ ହୋଇଥିଲା।

ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ଶ୍ରୀ ଆଦିତ୍ୟ କୁମାର ପାଣ୍ଡା କ୍ୟାଡେଟ୍‌ମାନଙ୍କ ପ୍ରୟାସକୁ ପ୍ରଶଂସା କରି ସମାଜ ସେବା କାର୍ଯ୍ୟରେ ସକ୍ରିୟ ଭାଗ ନେବାକୁ ଉତ୍ସାହିତ କରିଥିଲେ। ସେ କହିଥିଲେ ଯେ, ଏପରି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସମ୍ବେଦନଶୀଳତା, ଦାୟିତ୍ୱବୋଧ ଓ ନାଗରିକତାର ମୂଲ୍ୟବୋଧକୁ ଉନ୍ନତ କରେ।

କ୍ୟାଡେଟ୍‌ମାନେ ଏହି କାର୍ଯ୍ୟରୁ ଆତ୍ମସନ୍ତୋଷ ଅନୁଭବ କରିଥିବା ବ୍ୟକ୍ତ କରିଥିଲେ ଏବଂ ସେମାନେ ବୁଝିପାରିଥିଲେ ଯେ, ଅନ୍ୟମାନଙ୍କୁ ସହାୟତା କରିବା ଓ ସମାଜକୁ ସେବା କରିବାର ଆନନ୍ଦ ନିଜସ୍ୱ ଲାଭ ଠାରୁ ଅଧିକ।

ଏହି ଦକ୍ଷେ ଏନସିସି କ୍ୟାଡେଟ୍‌ମାନଙ୍କ ସେବାଭାବକୁ ପ୍ରକାଶ କରିବା ସହିତ ଏନସିସି ର ମୂଳ ଲକ୍ଷ୍ୟ—ସମାଜ ଉନ୍ନତି, ଶିଷ୍ଟାଚାର ଓ ନେତୃତ୍ୱ ଗୁଣର ବିକାଶ—କୁ ମଧ୍ୟ ସୁଦୃଢ଼ କରିଛି। ଏନସିସି ଦ୍ୱାରା ଦିଆଯାଉଥିବା ଡ୍ରିଲ୍, ମାର୍ଚ୍ଚିଂ, ଅସ୍ତ୍ର ପ୍ରଶିକ୍ଷଣ, ଫାୟାରିଂ ଓ ନେତୃତ୍ୱ ଗୁଣ ଭବିଷ୍ୟତରେ ଦେଶ ନେତୃତ୍ୱ ପାଇଁ ସାହାଯ୍ୟ କରିବ।

ଏପରି ଦକ୍ଷେ ଆଗାମୀ ଦିନରେ ଅଧିକ କ୍ୟାଡେଟ୍‌ମାନଙ୍କୁ ସମାଜ ସେବାରେ ଭାଗ ନେବାକୁ ପ୍ରେରିତ କରିବ ବୋଲି ଆଶା କରାଯାଉଛି। କ୍ୟାଡେଟ୍‌ମାନେ ଏହି କାର୍ଯ୍ୟକ୍ରମକୁ ଏପରି ଭାବରେ ପାଳନ କରିଥିଲେ ଯେ, ଏନସିସି ର ମୂଳ ମନ୍ତ୍ର "ଏକତା ଓ ଶିଷ୍ଟାଚାର" କୁ ସତ୍ୟ ସାବିତ କରିଥିଲା।

# ଅଂଶୁଘାତ ସଚେତନତା ଓ ଜଳଦାନ ଶିବିର

ପୁରୀ, ୨୧/୦୪ (ନି.ପ୍ର): ବଢ଼ିଲାଣି ତାତି। ଆଗକୁ ଖରା ଆହୁରି ବଢ଼ିବ। ଏହାକୁ ନଜରରେ ରଖି ଦ ବେଲ୍ ଓମେନ୍ସ କ୍ଲବ ଓ ଶ୍ରୀକ୍ଷେତ୍ର ଓପନ ୟୁନିଟ୍ ମିଳିତ ଆନୁକୂଲ୍ୟରେ ସୋମବାର ଜେଲ୍ ରୋଡସ୍ଥିତ ପୁରୁଷୋତମ ଭକ୍ତ ନିବାସ ନିକଟରେ ଅଂଶୁଘାତ ସଚେତନତା ଓ ଜଳଦାନ ଶିବିର ଶୁଭାରମ୍ଭ ହୋଇଛି। ଏହାକୁ ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ନାୟକ ଉଦ୍ଘାଟନ କରିଥିଲେ।

ଏହି ଅବସରରେ ପଥଚାରୀଙ୍କୁ ଅଂଶୁଘାତ ସଚେତନତା ଲିଫ୍ଲେଟ ବଂଟନ କରାଯିବା ସହ ତୃଷାର୍ତ୍ତଙ୍କୁ ଦହି ସର୍ବତ, ମହାପ୍ରସାଦ ତୋରାଣୀ ବଂଟନ କରାଯାଇଥିଲା।

# ଏକଲବ୍ୟ ପାଠଶାଳାର ପଂଚମ ବାର୍ଷିକ ଉତ୍ସବ 'ଉମଙ୍ଗ' : ସାଦ୍ୟାନ୍ତା ଶତପଥୀଙ୍କୁ ଏକଲବ୍ୟ ସମ୍ମାନ

ପୁରୀ, ୨୧/୦୪ (ନି.ପ୍ର): ପୁରୀ ଜିଲ୍ଲା ସ୍ୱେଚ୍ଛାସେବୀ ସଂଗଠନ ସାମୁଖ୍ୟ ଦ ବେଲ୍ ଦ୍ୱାରା ପରିଚାଳିତ ସହର ତଳି ଅଂଚଳ ଶିଶୁ ମାନଙ୍କ ସାମଗ୍ରିକ ବିକାଶ ପାଇଁ ସ୍ଥାପିତ ଏକଲବ୍ୟ ପାଠଶାଳାର ୫ମ ବାର୍ଷିକ ଉତ୍ସବ ଉମଙ୍ଗ ଅନୁଷ୍ଠିତ ହୋଇଯାଇଛି। ବଳିଆପଣ୍ଡାସ୍ଥିତ ଭାରତ ଯୋଗ କେନ୍ଦ୍ର ପରିସରରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗର ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଉତ୍ସବକୁ ଉଦ୍ଘାଟନ କରିଥିଲେ। ଦ ବେଲ୍ ଅଧ୍ୟକ୍ଷ ସିଦ୍ଧାର୍ଥ ରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ଅନ୍ୟତମ ଅତିଥି ଭାବରେ ଭାରତ ଯୋଗ କେନ୍ଦ୍ର ସମ୍ପାଦକ ରମା ବଲ୍ଲଭ ମହାପାତ୍ର, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ ତ୍ରିପାଠୀ, ଶ୍ରୀ ଜଗନ୍ନାଥ ସଂସ୍କୃତି ଗବେଷକ ଡଃ. କଲ୍ୟାଣୀ ନନ୍ଦୀ, ସାମାଜିକ କର୍ମୀ ସରସ୍ୱତୀ ପାତ୍ର, ସବିତା ମିଶ୍ର, ଶ୍ରୀ ଜଗନ୍ନାଥଙ୍କ ବରିଷ୍ଠ ସେବକ ଗୌରୀ ଶଙ୍କର ସିଂହାରୀ, ଅଧିବକ୍ତା ପ୍ରଶନ୍ନ ଦାସ, ଯୁବ ସାମ୍ବାଦିକ ଚନ୍ଦ୍ର ଶେଖର ପାତ୍ର ପ୍ରମୁଖ ଯୋଗଦେଇ ଅନୁଷ୍ଠାନର ପ୍ରୟାସକୁ ପ୍ରଶଂସା କରିଥିଲେ। ଏହି ଅବସରରେ କୁନି ସାହିତ୍ୟିକ ସାଦ୍ୟାନ୍ତା ଶତପଥୀଙ୍କୁ ଏକଲବ୍ୟ ସମ୍ମାନରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶିଲୀ ସେଠି ଓ ପ୍ରତ୍ୟାଶା କାନୁନଗୋ ସଂଯୋଜନା କରିଥିଲେ। ଏକଲବ୍ୟ ପାଠଶାଳାର ମୁଖ୍ୟ ପରିଚାଳକ ଉମେଶ ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ପାଠଶାଳାର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ଦ ବେଲ୍ ଓମେନ୍ସ କ୍ଲବ, ୟୁଥ୍ କ୍ଲବ ସଦସ୍ୟ ସଦସ୍ୟା ପରିଚାଳନା କରିଥିଲେ।

# ସଂରକ୍ଷଣ ବ୍ୟବସ୍ଥା ନାହିଁ : ସଂକଟରେ ପିଆଜ ଚାଷୀ

ମୁଖୀଗୁଡା, ୨୧/୦୪ (ନି.ପ୍ର): ପିଆଜ ଏକ ଅର୍ଥକାରି ଫସଲ । ହେଲେ ଶୀତଳ ଭଣ୍ଡାର ଓ ବଜାର ବ୍ୟବସ୍ଥା ନଥିବା ଯୋଗୁଁ ଏବେ ପିଆଜ ଚାଷୀକୁ କ୍ଷତି ସହିବାସହ ଅମଳ ହୋଇଥିବା ପିଆଜକୁ ସାଗ ମାଛ ଦରରେ ବିକ୍ରି କରିବାକୁ ବାଧ ହେଉଛି ଚାଷୀ । ଅନ୍ୟପକ୍ଷେ ଚଳିତ ବର୍ଷ ଅମଳ ପୂର୍ବରୁ ଏକାଧିକ ବାର କୁଆପଥର ମାଡ଼ ସହ କାଳ ବୈଶାଖୀ ବର୍ଷା ଯୋଗୁଁ ପିଆଜ ନଷ୍ଟ ହେବା ଫଳରେ ପିଆଜ ଚାଷୀ ଆଖିରେ ଲୁହ ଦେଖିବାକୁ ମିଳିଛି। ପିଆଜ ଏଭଳି ଏକ ଫସଲ କେତେବେଳେ ଦର ବୃଦ୍ଧି ହୋଇ ଖାଉଟିକୁ କନ୍ଦାଇ ଥାଏ ତ କେତେବେଳେ ପ୍ରାକୃତିକ ବିପର୍ଯ୍ୟୟ, ଖରା ବର୍ଷା ଯୋଗୁଁ ବିଲରେ ନଷ୍ଟ ହେଲେ ଚାଷୀକୁ କାନ୍ଦିବାକୁ ପଡ଼ିଥାଏ। ଏଭିଳି ଦୃଶ୍ୟ ଦେଖିବାକୁ ମିଳିଛି କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକର ଚାଷୀଙ୍କ ଠାରେ। ଚଳିତ ରବି ଋତୁରେ ପିଆଜ ଚାଷ କରିଥିବା ଚାଷୀ ଏବେ ସଙ୍କଟ ମଧ୍ୟରେ ଗତି କରୁଛନ୍ତି। ଖର୍ଚ୍ଚ କରି ଚାଷ କରିଥିଲେ ଚାଷୀ ହେଲେ ଚଳିତବର୍ଷର ମାର୍ଚ୍ଚ ଓ ଏପ୍ରିଲ ମାସରେ ଏକାଧିକ ବାର କୁଆପଥର ବର୍ଷା ହୋଇ ପିଆଜ ଚାଷୀକୁ କ୍ଷତିରେ ପକାଇଛି । ଅମଳ ପରେ ଚାଷୀ ବିକ୍ରି କରିବା ପାଇଁ ଏ ବଜାରରୁ ସେ ବଜାର ବୁଲୁଥିବା ବେଳେ ପିଆଜ ବିକ୍ରି ପାଇଁ ବଜାରର ବ୍ୟବସ୍ଥା ନଥିବାରୁ ଏବେ ସାଗମାଛ ଦରରେ ବିକ୍ରି କରିବା ପାଇଁ ବାଧ ହେଉଛି।

ଗୋଟୋମୁଣ୍ଡା ଚାଷୀ ଜୟ ଶଙ୍କର ନାଗଙ୍କ କହିବା ଅନୁସାରେ, ସେ ନିଜ ୩ ଏକର ଜମିରେ ପିଆଜ ଚାଷ କରି ୧୨ ହଜାର ଟଙ୍କା ଖର୍ଚ୍ଚ କରିଥିଲେ ୮୦ ହଜାର ଟଙ୍କା ଲାଭ ପାଇ ଥାନ୍ତେ ହେଲେ ୩୦ ହଜାର ଟଙ୍କା ପାଇବେ ବୋଲି ଆଶା ରଖିଛନ୍ତି। ସେହିପରି ନିରଞ୍ଜନ ନାଗ ଏକ ଏକର ଜମିରେ ପିଆଜ ଚାଷ କରିଥିଲେ ବର୍ଷା ଯୋଗୁଁ ପିଆଜ ନଷ୍ଟ ହୋଇଥିବା ବେଳେ ଅମଳ ପିଆଜକୁ ରଖିବାକୁ ବ୍ୟବସ୍ଥା ନଥିବା ବେଳେ ୫୦ କେଜି ବସ୍ତାକୁ ୫ ଶହ ଟଙ୍କାରେ ବିକ୍ରୀ କରୁଛନ୍ତି। ଜୟଶଙ୍କର କେତକୀଙ୍କ କହିବା ଅନୁସାରେ, ପିଆଜ ଚାଷପାଇଁ ୫୦ ହଜାର ଟଙ୍କା ଖର୍ଚ୍ଚ କରିଛନ୍ତି ୨ ଲକ୍ଷ ଲାଭ ହେବ ବୋଲି ଆଶା ରଖିଥିଲେ ପିଆଜ ନଷ୍ଟ ଯୋଗୁଁ ୧ ଲକ୍ଷ ଟଙ୍କା କ୍ଷତି ସହିବେ ବୋଲି ପ୍ରକାଶ କରିଛନ୍ତି। ସେହିପରି ଠୁଟିବର ଗାଁର ଚାଷୀ ବିଶିକେଶନ ଗୋପାଳ ୩ ଏକର ପିଆଜ ଚାଷ କରୁଥିଲେ ସେ ମଧ୍ୟ ଲକ୍ଷାଧିକ ଟଙ୍କା କ୍ଷତି ସହିବେ ବୋଲି କହିଛନ୍ତି। ରେମତି ନାଏକ ମଧ୍ୟ ୫୦ ଡିସମିଲ ଚାଷ କରିଥିଲେ ତାଙ୍କର ପିଆଜ ମଧ୍ୟ କୁଆପଥରମାଡରେ ନଷ୍ଟ ହୋଇଥିବା ଅଭିଯୋଗ କରିଛନ୍ତି।

ଉଦ୍ୟାନ କୃଷି ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, କୋକସରା ବ୍ଲକ ରେ ଚଳିତ ବର୍ଷ ରବି ଋତୁରେ ୭୦ ହେକ୍ଟର ଜମିରେ ପିଆଜ ଚାଷ କରିଛନ୍ତି ଚାଷୀ ଡିସେମ୍ବର ମାସରେ ଧାନ ଅମଳ ପରେ ପାଗ ଅନୁକୂଳ ଦେଖି ଚାଷ ଜମିରେ ପ୍ରଥମେ ଚାରା ପ୍ରସ୍ତୁତ ପରେ କିଆରୀରେ ରୋପଣ କରି ଯତ୍ନ ନେଇଥିଲେ ଆଶା କରିଥିଲେ ଭଲ ଅମଳ ହେବ ବୋଲି ହେଲେ ମାର୍ଚ୍ଚ ଓ ଏପ୍ରିଲରେ ଏକାଧିକ ବାର କାଳବୈଶାଖି ଓ ଅଦିନିଆ ବର୍ଷା ଯୋଗୁଁ ପିଆଜ ଚାଷକୁ ନଷ୍ଟ କରି କ୍ଷତିରେ ପକାଇଛି । ଏବେ ଅମଳ ବେଳେ ପିଆଜ କିଆରିରୁ କ୍ୱିଣ୍ଟାଲ କ୍ୱିଣ୍ଟାଲ ପିଆଜ ନଷ୍ଟ ହୋଇ ବିଲରେ ଫିଙ୍ଗାଯାଉଛି। ବର୍ଷା ଯୋଗୁଁ ବିଲ ମାନଙ୍କରେ ପିଆଜ ନଷ୍ଟ ହୋଇଥିବା ବେଳେ ଅମଳ ମଧ୍ୟ କମିଯାଇଛି ଫଳରେ ଚାଷୀ ଲାଭ ପାଇବାରୁ ବଂଚିତ ହେବା ପ୍ରକାଶ କରିଛନ୍ତି । ବ୍ଲକର ଅଣ ଜଳସେଚିତ ଅଂଚଳରେ ଥିବା ଗୋଟୋମୁଣ୍ଡା, ସାନପୋଡ଼ାଗୁଡା ନେଗିଗୁଡା, ଥୁଟିବର, ଟେମରା, ବରାଡଙ୍ଗା, ସିଉନି, କାଶୀବାହାଲ, ଫୁପଗାଁ ଆଦି ଗ୍ରାମର ଚାଷୀ ମାନେ ଖରିଫ ଧାନ ଅମଳ ପରେ ପିଆଜ ବିହନକୁ ତଳି ପକାଇ ପରବର୍ତୀ ସମୟରେ ରୋପଣ କରିଥିଲେ ଚାଷ ଠିକ୍ ଥିଲା ହେଲେ ଅମଳ ବେଳକୁ କୁଆପଥରବର୍ଷାର ପ୍ରଭାବରେ ନଷ୍ଟ ହୋଇଯାଇଛି ବାକି ଅମଳ ପିଆଜକୁ ଧରି ଚାଷୀ ଗାଁ ଗାଁ ବିକ୍ରି ପାଇଁ ନେଉଥିବା ବେଳେ ସାଗମାଛ ଦରରେ ବିକ୍ରି କରୁଛି । ଚାଷୀଙ୍କ ପାଇଁ ପିଆଜ ରଖିବା ପାଇଁ ସରକାରଙ୍କ ପକ୍ଷରୁ କୌଣସି ବ୍ୟବସ୍ଥା ନ ଥିବାରୁ ଅମଳ ପରେ ତୁରନ୍ତ ୫୦ କେଜିକୁ ୫୦୦ ଶହରୁ ୬ ଶହ ଟଙ୍କାରେ ବିକ୍ରି କରି କ୍ଷତି ସହୁଛନ୍ତି । ଏ ନେଇ ଉଦ୍ୟାନ କୃଷି ଅଧିକାରୀ ସୌରଭ ପାଣିଗ୍ରାହୀଙ୍କୁ ପଚାରିବାରୁ କାଳବୈଶାଖୀ ବର୍ଷାରେ ଚାଷୀଙ୍କ ପିଆଜ ଚାଷ ନଷ୍ଟ ହୋଇଥିବା ଅଭିଯୋଗ ଆସିବା ପରେ ବିଭାଗୀୟ କର୍ମଚାରି କ୍ଷେତ୍ର ପରିଦର୍ଶନକରିଛନ୍ତି । ଚାଷୀ ମାନଙ୍କୁ ତହସିଲ କାର୍ଯ୍ୟାଳୟରେ ଅଭିଯୋଗ କରିବା ପାଇଁ କୁହାଯାଇଛି । ଚାଷୀଙ୍କ ଅଭିଯୋଗ ପରେ କ୍ଷୟକ୍ଷତିର ଆକଳନ କରି କ୍ଷତିପୂରଣ ଯୋଗାଇ ଦିଆଯିବ ବୋଲି କହିଛନ୍ତି ।

# ଜିଲ୍ଲାସ୍ତରୀୟ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର

ଝାରସୁଗୁଡ଼ା, ୨୧/୦୪ (ନି.ପ୍ର): ଝାରସୁଗୁଡ଼ା ଜିଲ୍ଲାସ୍ତରୀୟ ମିଳିତ ଜନ ଅଭିଯୋଗ ଶୁଣାଣୀ ଶିବିର ସୋମବାର କୋଲାବିରା ବ୍ଲକ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲାପାଳ କୃଣାଳ ମୋତିରାମ ଚୌହାଣ ଯୋଗଦେଇ ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ । ଏହି ଶିବିରରେ ୧୦ଟି ସାମୁହିକ ଓ ୨୦ଟି ବ୍ୟକ୍ତିଗତ ସହ ମୋଟ ୩୦ଟି ଅଭିଯୋଗ ଆଗତ ହୋଇଥିଲା । କୋଲାବିରା ବ୍ଲକରେ ସୋଲାର ଲାଇଟ୍ ଲଗାଇବାରେ ଦୁର୍ନୀତି, ସୋଡାମାଳ ପଂଚାୟତରେ ବୃକ୍ଷ ରୋପଣ ନାମରେ ଅର୍ଥ ଆତ୍ମସାତ୍, ସମାସିଂହା ସର୍ଗିପଡ଼ାରେ ନଳକୂପ ନିର୍ମାଣ, ୧ ବର୍ଷରୁ ଉର୍ଦ୍ଧ୍ୱ ହେଲା ଖାଲିଥିବା କୋଲାବିରା ଥାନାଧିକାରୀ ପଦବୀ ପୂରଣ କରିବା, କେଲେଣ୍ଡାମାଲ ପଂଚାୟତରେ ବସ୍ତି ଯୋଗ୍ୟ ଜମିକୁ ହାତେଇ ନେବା, କେଲେଣ୍ଡାମାଲ ପଂଚାୟତରେ କାରଖାନା ଯୋଗୁଁ ବ୍ୟାପକ ପ୍ରଦୂଷଣ ହେବା, ସମାସିଂହାରେ କଂକ୍ରିଟ ରାସ୍ତା ମରାମତି, ବେଲମୁଣ୍ଡା ଖେଳ ପଡିଆରେ ନଳକୂପ ଖନନ ଇତ୍ୟାଦି ସାମୁହିକ ଅଭିଯୋଗ ହୋଇଥିଲା । ଏହାସହ ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ ଚିକିତ୍ସା ସହାୟତା, ସୁଭଦ୍ରା ଯୋଜନାରେ ସାମିଲ, ବାର୍ଦ୍ଧକ୍ୟ ଭତା, ରାସନକାର୍ଡ ପ୍ରଦାନ, ରୟତି ଜମିରେ ବିନା ଅନୁମତି ରେ ଗ୍ୟାସ ପାଇପ୍ ଲାଇନ୍ ବିଛାଇବା, ପ୍ରଧାନମନ୍ତ୍ରୀ ଆବାସ, ୪ ଡେସିମିଲ ଜମି ପ୍ରଦାନ, ଦଶମ ଶ୍ରେଣୀ ଛାତ୍ର ବୃତି ପ୍ରଦାନ, ଜନ୍ମ ପ୍ରମାଣ ପତ୍ର ପ୍ରଦାନ ଇତ୍ୟାଦି ଅଭିଯୋଗ ରହିଥିଲା ।

ଏହି ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ବିଶ୍ୱରଂଜନ ନାୟକ, ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ବିଡ଼ିଓ ଅଶୋକ ମାଝୀ, ତହସିଲଦାର ମନୋଜ କୁଜୁର ପ୍ରମୁଖଙ୍କ ସହ ସବୁ ବିଭାଗର ଜିଲ୍ଲା ଓ ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ ।

# ମହାତ୍ମା ହଂସରାଜଙ୍କ ଜନ୍ମଜୟନ୍ତୀ ଓ ସମର୍ପଣ ଦିବସ ପାଳିତ

ଝାରସୁଗୁଡ଼ା, ୨୧/୦୪ (ନି.ପ୍ର): ଝାରସୁଗୁଡ଼ା ଡିଏଭି ପରିସରରେ ଆର୍ଯ୍ୟ ସମାଜର ଜଣେ ପ୍ରମୁଖ ଶିକ୍ଷାବିତ, ସମାଜ ସଂସ୍କାରକ ତଥା ଡିଏଭି ଶିକ୍ଷା ଆନ୍ଦୋଳନର ମୁଖ୍ୟ ପୁରୋଧା ମହାତ୍ମା ହଂସରାଜଙ୍କ ୧୬୩ ତମ ଜନ୍ମଜୟନ୍ତୀ ତଥା ସମର୍ପଣ ଦିବସ ଶ୍ରଦ୍ଧା ଓ ଉତ୍ସାହର ସହିତ ପାଳିତ ହୋଇଛି। ବିଦ୍ୟାଳୟ ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଦେବତାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଜନ୍ମ ଜୟନ୍ତୀ କାର୍ଯ୍ୟକ୍ରମର ଆରମ୍ଭରେ ମହାତ୍ମା ହଂସରାଜଙ୍କ ଫଟୋ ଫଳକରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ତାଙ୍କ ଅମୂଲ୍ୟ ଅବଦାନକୁ ସ୍ମରଣ କରାଯାଇଥିଲା। ଏହା ସହିତ ବିଦ୍ୟାଳୟ ପରିସରରେ ଏକ ହୋମଯଜ୍ଞର ଆୟୋଜନ କରାଯାଇଥିଲା। ଶିକ୍ଷୟିତ୍ରୀ ଡ. ବେଦୁଲା ମଞ୍ଜୁଶ୍ରୀ କାର୍ଯ୍ୟକ୍ରମ ସଂଚାଳନ କରିଥିବା ବେଳେ ନମିତା ପାଣ୍ଡେ ଅଭିଭାଷଣରେ ମହାତ୍ମା ହଂସରାଜଙ୍କ ଜୀବନ ଦର୍ଶନ, ଶିକ୍ଷା ପ୍ରତି ତାଙ୍କର ସମର୍ପଣ ଓ ସମାଜ ପ୍ରତି ତାଙ୍କ ଅବଦାନ ସମ୍ବନ୍ଧରେ ଆଲୋକପାତ କରିଥିଲେ କାର୍ଯ୍ୟକ୍ରମର ଶେଷରେ ଜୟନ୍ତୀ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ। ସମଗ୍ର କାର୍ଯ୍ୟକ୍ରମର ସଫଳ ଆୟୋଜନରେ ଅକ୍ଷୟ ପାଣି, ନୟନ ପ୍ରଧାନ, ସରିତା ମିଶ୍ର, ସୁନନ୍ଦା ପ୍ରହରାଜ ଓ ଅଙ୍କିତା ସାହୁଙ୍କ ମୁଖ୍ୟ ସହଯୋଗ ରହିଥିଲା। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ମହାତ୍ମା ହଂସରାଜଙ୍କ ପରି ଆଦର୍ଶ ବ୍ୟକ୍ତିତ୍ୱ ଓ ସମର୍ପିତ ମାନବିକତାର ଅଧିକାରୀ ହେବା ଲାଗି ସମସ୍ତଙ୍କୁ ଅନୁପ୍ରେରିତ କରାଗଲା ।

# କଟି ବ୍ୟଥା ସଚେତନତା ଓ ସ୍ୱାସ୍ଥ୍ୟ ଶିବିର

ଗଞ୍ଜାମ, ୨୧/୦୪ (ନି.ପ୍ର): ହରିହର ନଗରସ୍ଥିତ ଭରଦ୍ୱାଜ ପ୍ରତିଷ୍ଠାନ ଠାରେ କଟିବ୍ୟଥା ନିରାକରଣ ଓ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଭରଦ୍ୱାଜ ପ୍ରତିଷ୍ଠାନର ଅଧ୍ୟକ୍ଷ ଡା. ନକୁଳ ସାହୁ ଉପସ୍ଥିତ ରହି କହିଲେ ଗରିଷ୍ଠ, ଅହିତକର ଆହାର ବିହାରରୁ ଆମ ସଂଚୟ, ଉଚ୍ଚ ସ୍ଥାନରୁ ପଡିଯିବା, ଭାରି ଜିନିଷ ଉଠାଇବା, ବୃକକ ରୋଗ, କୋଷ୍ଟବଦ୍ଧ ଦ୍ୱାରା କଟିବ୍ୟଥା ହୁଏ। ଅଜୀର୍ଣ୍ଣ କାରକ ଖାଦ୍ୟ ଛାଡି ଶୁଣ୍ଠିଚୂର୍ଣ୍ଣ, ସୈନ୍ଧବ ଗରମ ଜଳ ସହ, କୋଷ୍ଟବଦ୍ଧରେ ତ୍ରିଫଳା ଚୂର୍ଣ୍ଣ ଖାଇଲେ ଭଲ ହୋଇଯାଏ । କଟିରେ ଉଷୁମ ସୈନ୍ଧବ ତେଲ ଅଭ୍ୟଙ୍ଗ କରିବେ। କିନ୍ତୁ ଆଘାତ ଓ ପରିସ୍ରା ଜନ୍ୟରେ ଡାକ୍ତରଙ୍କ ପରାମର୍ଶ କରିବେ। ଏହି ଅବସରରେ ରୋଗୀଙ୍କ ନାଡୀ, ରକ୍ତଚାପ, ରକ୍ତ ଶର୍କରା, ଗଣ୍ଠିବାତ, ସ୍ନାୟୁ ରୋଗ ଅମ୍ଳପିତ, ସ୍ତ୍ରୀରୋଗ ଆଦି ବିଭିନ୍ନ ରୋଗର ପରୀକ୍ଷା କରି ଚିକିତ୍ସା ପରାମର୍ଶ ଓ ଔଷଧ ବିତରଣ କରାଯାଇଥିଲା ।

# ବଲାଙ୍ଗିର ରିଙ୍ଗ ରୋଡ ଆଲୋକୀକରଣ କାର୍ଯ୍ୟର ଶୁଭାରମ୍ଭ

ବଲାଙ୍ଗିର, ୨୧/୦୪ (ନି.ପ୍ର): ବଲାଙ୍ଗିର କଲେଜଛକ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଠାରୁ ଶାସ୍ତ୍ରୀ ନଗରକୁ ଯୋଗାଯୋଗ କରୁଥିବା ରିଙ୍ଗ ରୋଡର ଆଲୋକୀକରଣ କାର୍ଯ୍ୟର ଶୁଭାରମ୍ଭ କରିଛନ୍ତି ବଲାଙ୍ଗିର ପୌରାଧକ୍ଷା ଶ୍ରୀମତୀ ଲିକା ସାହୁ । ଉପାଧକ୍ଷା ଗାୟତ୍ରୀ ଭୋଇ କାଉନସିଲର ଶମ୍ଭୁ ନାଗ, ସରିତା ଦାଶ ସ୍ଥାନୀୟ କାଉନସିଲର ଶତ୍ରୁଘ୍ନ ବାଗଙ୍କ ସମେତ ସମସ୍ତ କାଉନସିଲର ଓ କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ ବେହେରା ପ୍ରମୁଖ ଏହି ଶୁଭାରମ୍ଭ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ । ସୂଚନାଯୋଗ୍ୟ ଯେ, ଏହି ରିଂଗ୍ ରୋଡ୍ ରେ ଆଲୋକ ବ୍ୟବସ୍ଥା ନଥିବା ଯୋଗୁଁ ରାତି ସମୟରେ ଅସାମାଜିକ ଲୋକଙ୍କ ନାନା ପ୍ରକାର ଦୌରାତ୍ମ୍ୟ ବଢ଼ି ଚାଲିଥିଲା । ତେବେ ବଲାଙ୍ଗିର ପୌର ପରିଷଦର ଏଭଳି ଆଲୋକୀକରଣ କାର୍ଯ୍ୟ ଯୋଗୁଁ ଅଂଚଳରେ ବିଶୃଙ୍ଖଳା ଦୂର ହେବ ବୋଲି କୁହାଯାଉଛି ।

# ଗଳ୍ପ ସଂକଳନ 'ଗାଉଁଲି ଟୋକା' ଓ କବିତା ପତ୍ରିକା 'ଫୁଲ' ଲୋକାର୍ପିତ

କେନ୍ଦୁଝର, ୨୧/୦୪ (ନି.ପ୍ର): ଓଡ଼ିଆ ଭାଷା ସାହିତ୍ୟ, ଐତିହ୍ୟ, ସଂସ୍କୃତି,ପରମ୍ପରା ତଥା ମାଟି ମାଆର କଥାକୁ ପ୍ରଚାର ଓ ପ୍ରସାର ସହ ସମାଜରେ ଏକ ବୈପ୍ଲବିକ ପରିବର୍ତନ ଆଣିବାରେ ଅଗ୍ରଣୀ ଭୂମିକା ନିର୍ବାହ କରିଆସୁଥିବା ରାଜ୍ୟର ଅଗ୍ରଣୀ ସାହିତ୍ୟାନୁଷ୍ଠାନ ସଂଯୋଗୀ ସାହିତ୍ୟ ସଂସଦ କୁଣ୍ଡାପିଠା, କେନ୍ଦୁଝର ପ୍ରକାଶନ ମାଧ୍ୟମରେ ବରଗଡ ଜିଲ୍ଲାର ଯୁବ ଗାଳ୍ପିକା ପ୍ରତିମା ପାତ୍ରଙ୍କ ଭିନ୍ନ ସ୍ୱାଦର ଗଳ୍ପ ସଂକଳନ ' ଗାଉଁଲି ଟୋକା ' ଏବଂ ଦ୍ୱିମାସିକ ନିରତା କବିତା ପତ୍ରିକା -ଫୁଲ ସଂଯୋଗୀ ସଜଫୁଲ କାର୍ଯ୍ୟାଳୟରେ ଲୋକାର୍ପଣ ହୋଇଯାଇଛି।

ସଂସଦର ସଭାପତି ଉପେନ୍ଦ୍ର ଦାଶଙ୍କ ପୌରୋହିତ୍ୟରେ ସଂପାଦକ ବାବୁଲାଲ ପଲେଇ, ମୁଖ୍ୟ ସଂପାଦକ ସନ୍ତୋଷ କୁମାର ପତି,ସହ ସଂପାଦକ ଡକ୍ଟର ଲିସନ ମହାନ୍ତି,ଯୁଗ୍ମ ସଂପାଦିକା ଜ୍ୟୋସ୍ନା ରାଣୀ ଦାଶ, ପ୍ରଚାର ଓ ପ୍ରସାର ପରିଚାଳନା ସଂପାଦକ ସରୋଜ କୁମାର ସେନାପତି,କାର୍ଯ୍ୟକାରିଣୀ ସଦସ୍ୟା ମିନା ବେହେରା, ସ୍ମିତା ରାଣୀ ରାଉତ, ଡକ୍ଟର ବିଦ୍ୟାଭାରତୀ ପଲେଇ, ଶିକ୍ଷୟିତ୍ରୀ ସୁଶ୍ରୀ ସୁନନ୍ଦା ଲେଙ୍କା, ସାହିତ୍ୟ ପ୍ରେମୀ ବିଦ୍ୟାଧର ବାରିକ ପ୍ରମୁଖ ଯୋଗଦେଇ ଶ୍ରୀମତୀ ପାତ୍ରଙ୍କ ଗଳ୍ପ ସଂକଳନ ଗାଉଁଲି ଟୋକା ଓ ସ୍ୱର୍ଗତ ନୃସିଂହ ପ୍ରସାଦ ମହାନ୍ତିଙ୍କ ଦ୍ୱାରା ପ୍ରତିଷ୍ଠିତ ନିରତା କବିତା ପତ୍ରିକା -ଫୁଲ ର ପ୍ରେମ ପ୍ରଣୟ ବିଶେଷାଙ୍କକୁ ଉନ୍ମୋଚନ କରିବା ସହିତ ଯୁବ ଗାଳ୍ପିକା ପ୍ରତିମା ପାତ୍ରଙ୍କ ଉଦ୍ୟମକୁ ସାଧୁବାଦ ଜଣାଇବା ସହ ଭୂୟସୀ ପ୍ରଶଂସା କରିଥିଲେ। ତତ୍ ସହିତ ସାମ୍ପ୍ରତିକ ସମସ୍ୟାକୁ ନେଇ କବିତା ଲିଖନ ଉପରେ ବିସ୍ତୃତ ଆଲୋଚନା କରାଯାଇ କବିତା ଯେତେ ସରଳ ଓ ବୋଧଗମ୍ୟ ହେବ, କବିତାର ସେତେ ଆଦୃତ ବଢ଼ିବ ବୋଲି ମତପ୍ରକାଶ ପାଇଥିଲା।

# ଚିମିଟାପାଲ୍ଲୀରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର : ୫୪ଟି ଅଭିଯୋଗର ଶୁଣାଣି ସହ ଅସହାୟଙ୍କୁ ସହାୟତା ପ୍ରଦାନ

ମାଲକାନଗିରି, ୨୧/୦୪ (ନି.ପ୍ର): ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ନିର୍ଦ୍ଦେଶ କ୍ରମେ କୋରକୁଣ୍ଡା ବ୍ଲକ ଅନ୍ତର୍ଗତ ଓଲ୍ଡ ଚିମିଟାପାଲ୍ଲୀ ଗ୍ରାମପଂଚାୟତ କାର୍ଯ୍ୟାଳୟ ପରିସରରେ ଏକ ବିଶାଳ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଓ ସହାୟତା ପ୍ରଦାନ ଶିବିର ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ (ସିଡିଓ) ଦାଶରଥି ସରାବୁ ଏହି ଶିବିରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଗୁରୁତର ସମସ୍ୟାର ଶୁଣାଣି କରିଥିଲେ। ସରକାରୀ ସେବାକୁ ଲୋକଙ୍କ ନିକଟରେ ପହଂଚାଇବା ଏବଂ ଅସହାୟଙ୍କୁ ତୁରନ୍ତ ସହାୟତା ଯୋଗାଇଦେବା ଲକ୍ଷ୍ୟରେ ଏଠାରେ ବିଭିନ୍ନ ବିଭାଗ ପକ୍ଷରୁ ସ୍ୱତନ୍ତ୍ର କ୍ୟାମ୍ପ ବା ଷ୍ଟଲ୍ ମାନ ସ୍ଥାପନ କରାଯାଇଥିଲା। ଏହି କ୍ୟାମ୍ପଗୁଡ଼ିକ ମାଧ୍ୟମରେ ଦରିଦ୍ର ଓ ନିଷ୍ପେଷିତ ଲୋକଙ୍କୁ ବିଭିନ୍ନ ସରକାରୀ ଯୋଜନାରେ ସହାୟତା ରାଶି ଓ ସାମଗ୍ରୀ ବଣ୍ଟନ କରାଯାଇଥିଲା। ଏହି ଶିବିରରେ ମୋଟ୍ ୫୪ଟି ଅଭିଯୋଗ ପତ୍ର ପଞ୍ଜିକୃତ ହୋଇଥିଲା। ଗ୍ରାମବାସୀମାନେ ମୁଖ୍ୟତଃ ଚାଷ ଜମିରେ ଜଳସେଚନର ଅଭାବ, ଗ୍ରାମାଚଂଳରେ ଅଧାପନ୍ତରିଆ ହୋଇ ପଡ଼ିଥିବା ରାସ୍ତାଘାଟ ନିର୍ମାଣ, ପାନୀୟ ଜଳ ସଂକଟ, ଅଙ୍ଗନବାଡ଼ି କେନ୍ଦ୍ରରେ ଖାଦ୍ୟ ବଂଟନରେ ଅନିୟମିତତା ଏବଂ ବିଦ୍ୟୁତ ବିଭାଗର ଅହେତୁକ ବିଲ୍ ପ୍ରଦାନ ଭଳି ଜଟିଳ ସମସ୍ୟା ଉପରେ ସିଡିଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏଥିସହିତ ବହୁ ଯୋଗ୍ୟ ହିତାଧିକାରୀ ନୂତନ ରାସନ କାର୍ଡ, ବାର୍ଦ୍ଧକ୍ୟ ଭତା ଏବଂ ଆବାସ ଯୋଜନାରେ ଗୃହ ନିର୍ମାଣ ପାଇଁ ଆବେଦନ କରିଥିଲେ। ସିଡିଓ ସମସ୍ତ ଅଭିଯୋଗକୁ ଗମ୍ଭୀରତାର ସହ ଶୁଣିବା ସହ କେତେକ ସମସ୍ୟାର ତୁରନ୍ତ ସମାଧାନ କରିଥିଲେ ଏବଂ ଅବଶିଷ୍ଟ ମାମଲାଗୁଡ଼ିକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ସମାଧାନ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ କଡ଼ା ନିର୍ଦ୍ଦେଶ ଦେଇଥିଲେ।

ଏହି କାର୍ଯ୍ୟକ୍ରମରେ କୋରକୁଣ୍ଡା ବ୍ଲକ ଉନ୍ନୟନ ଅଧିକାରୀ, ତହସିଲଦାର ଏବଂ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟର ପଦାଧିକାରୀମାନେ ଉପସ୍ଥିତ ଥିଲେ।

# ସିବିଏସଇ ପରୀକ୍ଷାରେ କେନ୍ଦୁଝର ଜିଲ୍ଲା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସମୂହର ଟପ୍ପର ହେଲେ ଦିବ୍ୟାଭାରତୀ ପଲେଇ

କେନ୍ଦୁଝର, ୨୧/୦୪ (ନି.ପ୍ର): ପ୍ରକାଶ ପାଇଥିବା ସିବିଏସଇ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ସ୍ଥାନୀୟ ଓଡିଶା ଆଦର୍ଶ ବିଦ୍ୟାଳୟ ଟିକିରାର ଛାତ୍ରୀ ଦିବ୍ୟା ଭାରତୀ ପଲେଇ ୯୮.୮ ପ୍ରତିଶତ ନମ୍ବର ରଖି ଜିଲ୍ଲାସ୍ତରୀୟ ଆଦର୍ଶ ବିଦ୍ୟାଳୟ ସମୂହର ଟପ୍ପର ହେବା ଏବଂ ଇନଫରମେସନ ଟେକ୍ନୋଲୋଜି ବିଷୟରେ ଶତ ପ୍ରତିଶତ ନମ୍ବର ରଖିଥବାରୁ ବିଦ୍ୟାଳୟ ତରଫରୁ ଆଜି ଅଧକ୍ଷ ସମେତ ସମସ୍ତ ଗୁରୁଜୀଙ୍କ ଉପସ୍ଥିତିରେ ଦିବ୍ୟାଭାରତୀଙ୍କୁ ପୁଷ୍ପଗୁଚ୍ଛ ଓ ଉପହାର ଦେଇ ସମ୍ବର୍ଦ୍ଧିତ କରାଯାଇଛି। ଦିବ୍ୟାଭାରତୀ ପଲେଇ ହେଉଛନ୍ତି ସାନମସିଣାବିଲା ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ମିନା ବେହେରା ଓ ରାଧାକୃଷ୍ଣ ବିଦ୍ୟାପୀଠ କଣ୍ଡାପିଠାର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ସଂଯୋଗୀ ସଜଫୁଲର ସଂପାଦକ ବାବୁଲାଲ ପଲେଇ ଙ୍କ କନିଷ୍ଠା କନ୍ୟା। ବିନା ଟ୍ୟୁସନ୍ ରେ ଦିନକୁ ଚାରି ପାଂଚ ଘଂଟା ପରିଶ୍ରମ, ଗୁରୁଜୀ ଗୁରୁମା ମାନଙ୍କ ଶିକ୍ଷା ଦାନ ଓ ମାର୍ଗଦର୍ଶନ, ବାପାମାଆ , ଗୁରୁଜନ ତଥା ସଂଯୋଗୀ ସଜଫୁଲର ମୁଖ୍ୟ ସଂପାଦକ ସନ୍ତୋଷ କୁମାର ପତି ଓ ସଂପର୍କୀୟ ଜେଜେ ବାପା ସୁରେନ୍ଦ୍ର କୁମାର ରାଉତଙ୍କ ଉତ୍ସାହପ୍ରଦ ପରାମର୍ଶ ତାଙ୍କୁ ଏହି ସଫଳତା ମିଳିଛି ବୋଲି ସେ ମୁକ୍ତ କଣ୍ଠରେ ପ୍ରକାଶ କରନ୍ତି ।ଏଠାରେ ସ୍ମରଣଯୋଗ୍ୟ ଯେ, ଦିବ୍ୟାଭାରତୀ କୁଣ୍ଡାପିଠା ପ୍ରାଥମିକ ବିଦ୍ୟାଳୟରୁ ତୃତୀୟ ଶ୍ରେଣୀ ଓ ଘଟଗାଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରୁ ପଂଚମ ଶ୍ରେଣୀ ବୃତି ପରିକ୍ଷାରେ ଘଟଗାଁ ବ୍ଲକରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଜିଲ୍ଲାସ୍ତରୀୟ ଟପ୍ପର ହୋଇଥିବାରୁ ଆଦର୍ଶ ବିଦ୍ୟାଳୟର ଅଧକ୍ଷ ଭ୍ରମରବର ମଲ୍ଲିକ, ଗୁରୁଜୀ ରମାକାନ୍ତ ସେଠୀ, ଅମନ ରାଠୋଡ, ସମୀର କୁମାର ନାଏକ, ବ୍ରହ୍ମାନନ୍ଦ ଶତପଥୀ, ଅମିତ ଦେହୁରୀ, ଲକ୍ଷ୍ମୀଧର ସାମଲ, ଗୁରୁମା ରାଜଶ୍ରୀ ପଣ୍ଡା, ପ୍ରିୟତମା ଦାସ, ସୌମ୍ୟା ସିଂ, କଲ୍ୟାଣୀ ମଲ୍ଲିକ ଓ ପୁଷ୍ପାଞ୍ଜଳି ସିଂ ପ୍ରମୁଖ ଗୁରୁଜୀ ଗୁରୁମା ଦିବ୍ୟାଭାରତୀଙ୍କୁ ଅଭିନନ୍ଦନ ଜଣାଇବା ସହ ସମ୍ବର୍ଦ୍ଧିତ କରିଛନ୍ତି। ସମ୍ବର୍ଦ୍ଧିତ କରିବା ସମୟରେ ତାଙ୍କ ବାପା ବାବୁଲାଲ ପଲେଇ ମଧ୍ୟ ଉପସ୍ଥିତ ଥିଲେ। ଏହି ଖବର ପାଇ ବିଦ୍ୟାଳୟର କର୍ମଚାରୀ ଓ ଛାତ୍ରଛାତ୍ରୀ, ନିଜ ଗ୍ରାମ ତଥା ସମଗ୍ର ଅଂଚଳରେ ଆନନ୍ଦର ଲହରୀ ଖେଳିଯାଇଛି। ଭବିଷ୍ୟତରେ କିଛି ନୂତନତ୍ୱ ସୃଷ୍ଟି କରିବା ପାଇଁ ଜଣେ ବୈଜ୍ଞାନିକ ହୋଇ ଦେଶସେବା କରିବା ନିମନ୍ତେ ସେ ମନସ୍ଥ କରିଛନ୍ତି ବୋଲି ତାଙ୍କ ଠାରୁ ପ୍ରକାଶ। ତାଙ୍କର ମୂଳ ବାସସ୍ଥାନ କୁଣ୍ଡାପିଠା ହୋଇଥିଲେ ମଧ୍ୟ ବର୍ତମାନ ଘଟଗାଁ ଅଗ୍ନିଶମ ସେବାକେନ୍ଦ୍ର ନିକଟରେ ସ୍ଥାୟୀ ଭାବରେ ବାପାମାଆଙ୍କ ସହିତ ରହୁଛନ୍ତି।

# ଚାଲାଣଗୁଡ଼ା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ଜଳ ସେବା ଶିବିର

ଜୟପୁର, ୨୧/୦୪ (ନି.ପ୍ର): ବୋରିଗୁମ୍ମା ଚାଲାଣଗୁଡ଼ା ସରକାରୀ ଉନ୍ନିତ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ଏକ ଜଳ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଜଳ ସେବା ଶିବିରରେ ବିଦ୍ୟାଳୟର ଜୁନିୟର ରେଡ଼କ୍ରସ ଏବଂ ଇକୋ କ୍ଲବର ଛାତ୍ରଛାତ୍ରୀ ମାନେ ବିଦ୍ୟାଳୟ ବାହାରେ ପଥଚାରୀ ମାନଙ୍କୁ ମିଠା ଦହି ସର୍ବତ ଏବଂ ଚଲ୍‌ହା ବଂଟନ କରିଥିଲେ। ବିଦ୍ୟାଳୟ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଯୋଗୁଁ ବହୁ ପଥଚାରୀ ଗ୍ରୀଷ୍ମ ପ୍ରବାହରେ ଯିବା ଆସିବା କରନ୍ତି। ଏହାକୁ ଦୃଷ୍ଟିରେ ରଖି ବିଦ୍ୟାଳୟର ପ୍ରଧାନଶିକ୍ଷକ ରାଧାଶ୍ୟାମ ସାହୁ ଯେ କି ଜଣେ ଜୁନିୟର ରେଡ଼କ୍ରସର ଜିଲ୍ଲା ସାଧନ କର୍ମୀ ତାଙ୍କରି ତତ୍ତ୍ୱାବଧାନରେ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କୁ ନେଇ ଏହି ଜଳ ସେବା ଶିବିର ଆୟୋଜନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପରିବେଶ ସୁରକ୍ଷା ସମନ୍ଧିୟ ସଚେତନ ବାର୍ତା ମଧ୍ୟ ପଥଚାରୀ ମାନଙ୍କୁ ଦେଇଥିଲେ। ବୃକ୍ଷ ରୋପଣ, ସ୍ୱଚ୍ଛତା ଇତ୍ୟାଦି ବାର୍ତା ପ୍ଲାକାର୍ଡରେ ଲେଖି ପରିବେଶ ସୁରକ୍ଷାର ବାର୍ତା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଇନାର୍ଜୀ କ୍ଲବ ର ଛାତ୍ରଛାତ୍ରୀ ସାହାଯ୍ୟ କରିବା ସହ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟତ୍ରୀ ସୁନି ବିଶୋଇ, ଶ୍ରୀମତୀ ଅଳକା ବେବର୍ତା, ସୌରଭ ଜାନୀ, ହୃଷିକେଶ ଦିସାରି ଏବଂ ବିଜୟ ସୌରା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# କୃତ୍ରିମ ବୁଦ୍ଧିମତ୍ତା ଓ ବ୍ରେନ ଫ୍ରାଏ

## ପ୍ରଫେସର ଡାକ୍ତର ସମ୍ରାଟ କର

ମନସୀଜ ବାବୁ ଏକ ବହୁରାଷ୍ଟ୍ରୀୟ କମ୍ପାନୀର ପଦସ୍ଥ କର୍ମକର୍ତ୍ତା ଭାବେ ପ୍ରତିଷ୍ଠିତ। ସେ ମୋର ଦୀର୍ଘ ଦିନର ବନ୍ଧୁ। ତେବେ କିଛି ଦିନ ହେଲାଣି ତାଙ୍କଠାରୁ କୌଣସି ଖବର ଅନ୍ତର, ଫୋନ, ମେସେଜ କଲିଂ ନ ପାଉଥିବାରୁ ସ୍ୱାଭାବିକ ଭାବେ ମୋ ମନ ଆନ୍ଦୋଳିତ ହେଉଥିଲା। ତେବେ ଗତ ସପ୍ତାହରେ ତାଙ୍କ ସହାୟକଙ୍କ ଠାରୁ ଯେଉଁ ଖବରଟି ପାଇଲି ତାହା ମୋତେ ଅତ୍ୟନ୍ତ ବ୍ୟଥିତ କରିଥିଲା। ତାଙ୍କ ବ୍ୟକ୍ତିଗତ ସହାୟକ ସମରଜୀଙ୍କ କହିବା ମୁତାବକ ମନସୀଜ ବାବୁ ଏବେ ଏପରି ଅସ୍ତବ୍ୟସ୍ତ ଭରା ସମୟ ଅତିକ୍ରାନ୍ତ କରୁଛନ୍ତି ଯେ ନାଁ ଭଲରେ ଶୋଇ ପାରୁଛନ୍ତି, ନାଁ ଖାଦ୍ୟ ଗ୍ରହଣ କରିପାରୁଛନ୍ତି, ନାଁ ସଠିକ ନିର୍ଣ୍ଣୟ ନେଇପାରୁଛନ୍ତି। ତାଙ୍କ ଠାରୁ ସବୁ ଶୁଣିବା ପରେ ମନସୀଜ ବାବୁଙ୍କ ସହଧର୍ମିଣୀ ନିତୁ ମ୍ୟାଡ଼ାମଙ୍କ ସହ କଥା ହୋଇ ତାଙ୍କୁ ଆଶ୍ୱସ୍ତି ଦେଲି ଯେ ବାସ୍ତବିକ ମନସୀଜ ବାବୁ ବ୍ରେନ ଫ୍ରାଏର ଶିକାର ହୋଇଛନ୍ତି। ଆର୍ଟିଫିସିଆଏ ଇଣ୍ଟେଲିଜେନ୍ସ ବା କୃତ୍ରିମ ବୁଦ୍ଧିମତ୍ତାର ପ୍ରୟୋଗ ଦିନକୁ ଦିନ ବଢ଼ିବାରେ ଲାଗିଛି। ଏହା ହେଉଛି ଏଭଳି ଏକ ଟେକ୍ନୋଲୋଜି ଯାହା ମେସିନ ଓ କମ୍ପ୍ୟୁଟର ସହଯୋଗରେ ମଣିଷ ଭଳି ଭାବିବା, ବୁଝିବା, ନିର୍ମାଣ କରିବାର କ୍ଷମତା ରହିଛି। ଏହାକୁ ସଂକ୍ଷେପ ଓ ସରଳରେ ଏଆଇ କୁହାଯାଉଛି। ବର୍ତ୍ତମାନ ସମୟରେ କୃତ୍ରିମ ବୁଦ୍ଧିମତ୍ତା ସମାଜର ପ୍ରତ୍ୟେକ କ୍ଷେତ୍ରରେ ପରିବର୍ତ୍ତନର ମାଧ୍ୟମ ହୋଇଛି। ଏକ ଗବେଷଣାର ତଥ୍ୟ ଯାହା ସୂଚୀତ କରିଛି ଯେ ପାଖାପାଖି ନଅଶହରୁ ଉର୍ଦ୍ଧ୍ୱଟି ବିଭିନ୍ନ ପେଷା ସହିତ ଜଡ଼ିତ ଉଣେଇଶ ହଜାରର କାର୍ଯ୍ୟ ଏଆଇ ଦ୍ୱାରା ପ୍ରଭାବିତ। ମାନବୀୟ ବୁଦ୍ଧିର ଅନୁକରଣ ପ୍ରଣାଳୀ ଏହି ଏଆଇ ଏପରି ଏକ ବ୍ୟବସ୍ଥା ଯାହା ମଣିଷ ପରି ଭାବିପାରେ, ଶିଖିପାରେ, ତଥ୍ୟ ବିଶେଷଣ କରିପାରେ ଓ ନିଷ୍ପତ୍ତି ମଧ୍ୟ ନେଇପାରେ। କୃତ୍ରିମ ବୁଦ୍ଧିମତ୍ତା ହେଉଛି ଏକ ପ୍ରଯୁକ୍ତି ଯାହା ମେସିନ ଗୁଡ଼ିକକୁ ମାନବୀୟ ବୁଦ୍ଧି, ଚିନ୍ତନ ଓ ଶିକ୍ଷା ଦେଇଥାଏ।

ହଁ, ମୁଁ ଆଲୋଚନା କରୁଥିବା ବ୍ରେନ ଫ୍ରାଏ ସମ୍ବନ୍ଧରେ ଆପଣ ମାନଙ୍କୁ ଟିକିଏ ବୁଝାଇ କହୁଛି। ବାସ୍ତବରେ ଏଆଇ ବ୍ରେନ ଫ୍ରାଏ କ'ଣ? ସରଳ ଭାବରେ କହିବାକୁ ଗଲେ ଏଆଇ ଟୁଲର ଅତ୍ୟଧିକ ବ୍ୟବହାର କିମ୍ବା ସେଗୁଡ଼ିକୁ ଲଗାତର ମନିଟର କରିବା ଫଳରେ ମସ୍ତିଷ୍କ ଉପରେ ପଡୁଥିବା ମାନସିକ ଦୁର୍ବଳତା। ଯେତବେଳେ ଜଣେ ବ୍ୟକ୍ତି ଏକା ସମୟରେ ଏକାଧିକ ଏଆଇ ସିଷ୍ଟମ ପରିଚାଳନା କରେ ସେତେବେଳେ ମସ୍ତିଷ୍କ ଉପରେ ଅତିରିକ୍ତ ଭାର ପଡ଼େ ଆଉ ଏହା ହିଁ 'ଏଆଇ ବ୍ରେନ ଫ୍ରାଏ'। ବିଶ୍ୱ ପ୍ରସିଦ୍ଧ ସ୍ୱାସ୍ଥ୍ୟ ଭିତ୍ତିକ ଗବେଷଣା ପତ୍ରିକା 'ଲାନସେଟ୍' ଯେଉଁ ତଥ୍ୟ ଉଲ୍ଲେଖ କରିଛି ସେଥିରେ ପରିସଂଖ୍ୟାନର ତଥ୍ୟ କହୁଛି ପ୍ରାୟ ୧୪ ପ୍ରତିଶତ ଏଆଇ ସହିତ ଜଡ଼ିତ ଲୋକେ ମତ ରଖୁଛନ୍ତି କି ଯେ, ସେମାନେ କାମ ସମୟରେ ଏପରି ମାନସିକ ଥକ୍କାପଣ ଅନୁଭବ କରିଛନ୍ତି କିଛି ଲୋକ କାମ କରିବା ସମୟରେ ସେମାନଙ୍କୁ ଅଲଗା ଧରଣର 'ବଜିଂ' କିମ୍ବା 'ମେଣ୍ଟାଲ ଫଗ୍' ଅନୁଭବ ହୁଏ। ଯାହାର ଅର୍ଥ ହେଉଛି ସେମାନଙ୍କୁ କାମରେ ଧ୍ୟାନ କେନ୍ଦ୍ରୀତ କରିବା କଷ୍ଟକର ହୁଏ, ନିଷ୍ପତ୍ତି ନେବାରେ ଢ଼େର ସମୟ ଲାଗିଥାଏ ଏବଂ ଅନେକ ସମୟରେ ଏହା ମୁଣ୍ଡ ବ୍ୟଥାର କାରଣ ହୋଇଥାଏ। ଯାହାର ପରିଣତି ସ୍ୱରୂପ ଲୋକମାନେ ଚିଡ଼ଚିଡ଼ାପଣ, ମାନସିକ ଅବସାଦ, ନିଦ୍ରାହୀନତାକୁ ସମ୍ମୁଖୀନ କରିଥାନ୍ତି।

ଏଆଇ ଏବେ ଆଇଟି ସେକ୍ଟର ଠାରୁ ଆକାଉଣ୍ଟିଂ, ମାର୍କେଟିଂ ଠାରୁ କମ୍ପାନୀ ମ୍ୟାନେଜମେଣ୍ଟ ଅନେକ କ୍ଷେତ୍ରରେ ସାଧାରଣ କାମରେ ସବୁଠି ଏଆଇ ଟୁଲର ବ୍ୟବହାର ବଢୁଛି। ଏଆଇ ଟୁଲ ବ୍ୟାପକ ବ୍ୟବହାର କରିବା ପଛରେ ଅସଲ କାରଣଟି ହେଉଛି କାମ ଗୁଡ଼ିକ ସହଜ, ସରଳ ଓ ତ୍ୱରିତ ଢ଼ଙ୍ଗରେ ବିଭିନ୍ନ କମ୍ପାନୀ ନିର୍ଦ୍ଦିଷ୍ଟ ସମୟ ଭିତରେ ନିର୍ବାହ କରିପାରୁଛନ୍ତି। ଏହି କାରଣରୁ କ୍ଲୋଡ୍, ଓପନ ଏଆଇ, ଚାଟଜିପିଟି, ଜେମିନାଇ ପରି ହଜାର ହଜାର ଏଆଇ ଆପ ପ୍ରସ୍ତୁତ ହେଉଛି। ଏହି ଟୁଲ ଗୁଡ଼ିକ କାମକୁ ତ୍ୱରିତ ଓ ନିର୍ଦ୍ଦିଷ୍ଟ ସମୟରେ ଶେଷ କରୁଥିଲେ ମଧ୍ୟ ଦୀର୍ଘ ସମୟ ଧରି ଏହାର ବ୍ୟବହାରିତା ମସ୍ତିଷ୍କ ଉପରେ ନକରାତ୍ମକ ପ୍ରଭାବ ପକାଉଛି। ଆମେ ଏହି ଆଲେଖ୍ୟ ପ୍ରସ୍ତୁତ କଲାବେଳେ ପୃଥିବୀର ଖ୍ୟାତନାମା ପରିସଂଖ୍ୟାନ ସଂସ୍ଥା 'ହବାର୍ଡ଼ ବିଜିନେସ ରିଭ୍ୟୁ'ର ଏକ ତଥ୍ୟ ଉପରେ ଦୃଷ୍ଟି ପକାଇଥିଲୁ। ସେଥିରେ ଏହି ରିଭ୍ୟୁର ରିପୋର୍ଟ ସୂଚୀତ କରିଛି ଯେ ଆମେରିକାର ପାଖାପାଖି ଦୁଇ ହଜାର କର୍ମଚାରୀଙ୍କ ସହ ସେମାନେ ନିରନ୍ତର ସମ୍ପର୍କ ରକ୍ଷା କରି ସେମାନଙ୍କର ଏଆଇ ଟୁଲ ବ୍ୟବହାର ଓ ଏହାର ପ୍ରଭାବ ସମ୍ପର୍କରେ ତଥ୍ୟ ସଂଗ୍ରହ କରିଥିଲେ। ସେମାନଙ୍କ ଉତ୍ତର ଥିଲା ଏଆଇ ଟୁଲକୁ ଲଗାତାର ମନିଟର କରିବା, ସଠିକ ନିର୍ଦ୍ଦେଶ ଦେବା ଓ ଫଳାଫଳ ଯାଞ୍ଚ କରିବା ପ୍ରକ୍ରିୟାରେ ମସ୍ତିଷ୍କ ଉପରେ ଅତ୍ୟଧିକ ଚାପ ଓ ଅସନ୍ତୁଳନତା ପ୍ରଭାବିତ କରୁଛି। କେବଳ ସେତିକି ନୁହେଁ ସେମାନେ ଏକ ପ୍ରକାର ମାନସିକ ଦୁର୍ବଳତା ଅନୁଭବ କରୁଛନ୍ତି।

କୃତ୍ରିମ ବୁଦ୍ଧିମତ୍ତାର ନକରାତ୍ମକ ଦିଗ ମଧ୍ୟ ଅନେକ ରହିଛି। ହ୍ୟାକର ଓ ସାଇବର ଅପରାଧିମାନେ ବିଶେଷକରି ଡିଫେକ୍ଟ ଟେକ୍ନୋଲୋଜି ଉପଯୋଗ କରି ଆର୍ଥିକ ଠକେଇ କରିବା ଠାରୁ ପ୍ରସିଦ୍ଧ ବ୍ୟକ୍ତିଙ୍କ ସମ୍ମାନକୁ କ୍ଷୁର୍ଣ୍ଣ କରୁଛନ୍ତି। ଭୁଲ ରାଜନୈତିକ ତଥ୍ୟ ପ୍ରସାରଣ କରି ସମାଜରେ ଏକ ଦ୍ୱନ୍ଦାତ୍ମକ ପରିବେଶ ସୃଷ୍ଟି କରୁଛନ୍ତି। ସେହିପରି ଏଆଇର ବହୁଳ ବ୍ୟବହାର ମଣିଷର ଗୋପନୀୟତା ପ୍ରତି ମଧ ବିପଦ। ଯାହାଦ୍ୱାରା ଡାଟା ସୁରକ୍ଷା ଓ ଗୋପନୀୟତା ମଧ୍ୟ ଦୁରୂପଯୋଗର ଶିକାର ହେଉଛି। ସେହିପରି ଏଆଇ ଯୁକ୍ତ ମେସିନ ବା ପ୍ରଣାଳୀ ପ୍ରଚଳନ ଦ୍ୱାରା ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ବେରୋଜଗାରୀ ସମସ୍ୟା ସୃଷ୍ଟି କରୁଛି ଯାହାର ଫଳସ୍ୱରୂପ ଅନେକ କମ୍ପାନୀ କର୍ମଚାରୀଙ୍କୁ ଛଟେଇ କରୁଛନ୍ତି। ଯେତେବେଳେ ଜୀବନ ସୁରକ୍ଷା, ଜନ୍ମ ମୃତ୍ୟୁ, ସାମାଜିକ ସମ୍ବନ୍ଧ ଆଦି ମାନବୀୟ ହସ୍ତକ୍ଷେପ ଉପରେ କୃତିମ ବୁଦ୍ଧିମତ୍ତା ଜରିଆରେ ମେସିନ ନିଷ୍ପତ୍ତି ନେବ ସେତେବେଳେ ସବୁଠାରୁ ବଡ଼ ବିପଦ ସୃଷ୍ଟି ହେବା ନିଶ୍ଚିନ୍ତ। ଏଆଇ ସହିତ ସମ୍ବନ୍ଧିତ ବିଶେଷକରି ମାର୍କେଟିଂ କ୍ଷେତ୍ର ଗଭୀର ଭାବେ ପ୍ରଭାବିତ ହେଉଛି। ମାନବ ସମ୍ବଳ କ୍ଷେତ୍ରରେ ଅନେକ ଲୋକ ହାଲିଆ ଅନୁଭବ କରୁଛନ୍ତି। ଅପରେସନ ସମ୍ବନ୍ଧୀୟ କର୍ମଚାରୀ ମାନଙ୍କ ମଧ୍ୟରେ ଏହା ପ୍ରାୟ ୨୦ ପ୍ରତିଶତରୁ ଉର୍ଦ୍ଧ୍ୱ।

ଏଆଇ ଟୁଲ ଗୁଡ଼ିକୁ ଅଧିକ ମନିଟର କରିବା ଦ୍ୱାରା ଯେ କେହି ବି ଅତ୍ୟଧିକ ମାନସିକ ଚାପକୁ ସମ୍ମୁଖୀନ ହେଉଛନ୍ତି ଏହି ମାନସିକ ଥକ୍କାପଣ ପରବର୍ତ୍ତୀ ସମୟରେ ଜଣକୁ ଅନେକ ମାନସିକ ଯନ୍ତ୍ରଣା ଓ ରୋଗର ଦୀର୍ଘକାଳୀନ ପ୍ରଭାବର କାରକ ପାଲଟିଥାଏ। ସରଳ ଭାବରେ କହିଲେ ଏଆଇ ଟୁଲ ପରିଚାଳନା କରିବା ମଧ୍ୟ ମସ୍ତିଷ୍କ ପାଇଁ ଏକ ଚ୍ୟାଲେଞ୍ଜ। କୃତ୍ରିମ ବୁଦ୍ଧିମତ୍ତା ବର୍ତ୍ତମାନ ସମୟରେ ଅନେକ କାମକୁ ସହଜ, ସରଳ ଓ ସ୍ୱଳ୍ପ ସମୟ ଭିତରେ ନିର୍ବାହ କରିପାରୁଛି କିନ୍ତୁ ଏହାର ମାତ୍ରାଧିକ ବ୍ୟବହାର ମାନସିକ ସ୍ୱାସ୍ଥ୍ୟ ପାଇଁ ଚିନ୍ତାର କାରଣ ହେଉଛି। ସେହିପରି ସଚେତନ ଭାବରେ ଓ ସୀମା ଭିତରେ ଏଆଇ ଟୁଲ ଗୁଡ଼ିକୁ ବ୍ୟବହାର କରିବା ଆବଶ୍ୟକ। ପ୍ରଯୁକ୍ତି ବିଦ୍ୟା ଆନ୍ଦୋଳନର ସମୃଦ୍ଧି ଓ ବିକାଶରେ ଏଆଇ ଏକ ବହୁତ ବଡ଼ କ୍ଷେତ୍ର ସୃଷ୍ଟି କରୁଛି କିନ୍ତୁ ଏହା ସୁନିଶ୍ଚିନ୍ତ କରିବା ଆବଶ୍ୟକ ଯେ ପ୍ରଯୁକ୍ତି ବିଦ୍ୟାର ସଠିକ ଦିଗଦର୍ଶନ, ପ୍ରୟୋଗ ଓ ବ୍ୟବହାର କରିବା ଆବଶ୍ୟକ। ଏଆଇର ନକରାତ୍ମକ ପ୍ରଭାବରୁ ସୁରକ୍ଷିତ ରହିବା ପାଇଁ ସତର୍କତା ଓ ସଚେତନ ହେବାର ସମୟ ଆସିଛି। କଥାରେ ଅଛି ପ୍ରତ୍ୟେକ ମୁଦ୍ରାର ଦୁଇଟି ପାର୍ଶ୍ୱ ରହିଛି ତେଣୁ ଏଆଇର ସକରାତ୍ମକ ଓ ନକରାତ୍ମକ ଦିଗ ମଧ୍ୟ ରହିଛି। ତେଣୁ ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ କଥାଟି ହେଉଛି ଜଣେ ଏଆଇ ଟୁଲ ହେଉ ବା ଏଆଇର ଯେ କୌଣସି ବ୍ୟବସ୍ଥାକୁ ବ୍ୟବହାର କରିବା ପୂର୍ବରୁ ନିଜକୁ ମାନସିକ ଭାବେ ସୁସ୍ଥ ଓ ଏନେଇ ପ୍ରସ୍ତୁତି ରଖନ୍ତୁ। ଆମ ସ୍ୱାସ୍ଥ୍ୟ ସେବା କ୍ଷେତ୍ରକୁ ଦେଖିଲେ ଏଆଇର ପ୍ରୟୋଗ ଯେକୌଣସି ରୋଗର ପୂର୍ବାନୁମାନ, ଚିକିତ୍ସା ବ୍ୟବସ୍ଥାରେ ସହାୟତା ପ୍ରଦାନ, ନୂତନ ଔଷଧ ଆବିଷ୍କାର ଓ ରୋଗୀ ସେବା ପ୍ରବଧନରେ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଚିକିତ୍ସକମାନେ ଏହାକୁ ସହାୟକ ଭାବେ ରୋଗ ନିର୍ଣ୍ଣୟ ଓ ନିଦାନ କ୍ଷେତ୍ରରେ ବ୍ୟବହାର କରୁଛନ୍ତି। କୃତ୍ରିମ ବୁଦ୍ଧିମତ୍ତାର ପ୍ରୟୋଗ ଫଳରେ ଏପରି କିଛି ଜୀବାଣୁ ନାଶକ ପଦାର୍ଥ ବିକାଶ କରାଯାଇ ପାରିଛି ଯାହା ପୂର୍ବରୁ ଦୁଇଟି ଡ୍ରଗ ପ୍ରତିରୋଧକ ବ୍ୟାକ୍ଟେରିଆ କ୍ଷେତ୍ରରେ ମଧ କାର୍ଯ୍ୟକାରୀ ହୋଇପାରୁଛି। ତେବେ କୃତ୍ରିମ ବୁଦ୍ଧିମତ୍ତାର ଉପଯୁକ୍ତ ପରିଚାଳନା ଓ ନିୟନ୍ତ୍ରଣ ଦ୍ୱାରା ଏହା ଆମର ଶ୍ରେଷ୍ଠ ବନ୍ଧୁ ରୂପେ ସାବ୍ୟସ୍ତ ହୋଇ ମାନବ ସଭ୍ୟତାର ଅଶେଷ କଲ୍ୟାଣ ସାଧନ କରିପାରିବ କିନ୍ତୁ ଏଆଇର ବ୍ୟାପକତା ଓ ଅନିୟନ୍ତିତ ବ୍ୟବହାରିତା ସହ ନିଜର ଦୈନନ୍ଦିନ ଦିନଚର୍ଯ୍ୟାର ସାମାନ୍ୟତମ ଏପଟ ସେପଟ ହୋଇଗଲେ ବ୍ରେନଫ୍ରାଏ, ମେଣ୍ଟାଲ ଫଗ ପରି ମାନସିକ ଅସୁସ୍ଥତା ଆମକୁ ଆକ୍ରାନ୍ତ କରିବ ଯାହାର ପ୍ରଭାବ ଦୀର୍ଘକାଳୀନ ଭାବେ ରହି ଜଣଙ୍କ ମାନସିକ ସନ୍ତୁଳନତାକୁ ଦୀର୍ଘକାଳୀନ ପାଇଁ ବିଗାଡ଼ି ଦେଇପାରେ। ଏ କ୍ଷେତ୍ରରେ ନିଜେ ନିଜ କର୍ମ ସଂସ୍ଥାନର ଗୁରୁ ଦାୟିତ୍ୱ, ଏହା ସହିତ ଉପଯୁକ୍ତ ଦିନଚର୍ଯ୍ୟାର ସ୍ୱାସ୍ଥ୍ୟ ଭିତ୍ତିକ ରୁଟିନ ଦ୍ୱାରା ଆପଣ ଏଥିରୁ ମୁକ୍ତ ହୋଇପାରିବେ।

ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ,
ପୁରୀଘାଟ ରୋଡ଼, କଟକ,
ମୋ : ୯୧୩୨୪୩୩୩୩୩

# ଆଦିବାସୀ କ୍ରୀଡ଼ାରେ ଏକ ନୂତନ ଅଧ୍ୟାୟ

## ଦଶରଥ ହେମ୍ବ୍ରମ୍

୨୦୨୧ ମସିହାଠାରୁ ପ୍ରତି ବର୍ଷ ନଭେମ୍ବର ମାସ ୧୫ ତାରିଖ ଦିନ 'ଜନଜାତି ଗୌରବ ଦିବସ' ଭାବେ ଭାରତରେ ପାଳନ କରାଯାଉଛି। ଏହି ପବିତ୍ର ପୁଣ୍ୟତିଥିରେ ଆଦିବାସୀ ସମ୍ପ୍ରଦାୟରେ ଜନ୍ମିତ ମହାନ ସ୍ୱାଧୀନତା ସଂଗ୍ରାମୀ ଭଗବାନ ବୀର ବୀର୍ସା ମୁଣ୍ଡାଙ୍କ ଜନ୍ମବାର୍ଷିକୀ ପାଳିତ ହୁଏ। ତାଙ୍କର ଦେଶ ସେବା, ତ୍ୟାଗ ଓ ଅଦମ୍ୟ ସାହସକୁ ଏହି ଦିନରେ ସମ୍ମାନ ଦିଆଯାଏ ଏବଂ ରାଷ୍ଟ୍ରୀୟ ସ୍ତରରେ ଆଦିବାସୀ ସ୍ୱାଧୀନତା ସଂଗ୍ରାମୀଙ୍କର ଅତୁଳନୀୟ ଅବଦାନକୁ ସ୍ମରଣ କରାଯାଏ। ଆଦିବାସୀ ସଂସ୍କୃତି, କଳା, ପରମ୍ପରା, ଐତିହ୍ୟ ଏବଂ ଇତିହାସକୁ ଉଜ୍ଜୀବିତ ତଥା ପୁନଃଦ୍ଧାର କରି ତା'ର ପ୍ରଚାର ପ୍ରସାର ଘଟିବା ପାଇଁ 'ଜନଜାତି ମହୋତ୍ସବ' ପାଳିତ ହେଉଛି। ବିଶ୍ୱସ୍ତରରେ ମଧ ଅଗଷ୍ଟ ୯ ତାରିଖକୁ 'ବିଶ୍ୱ ଆଦିବାସୀ ଦିବସ' ଭାବେ ପ୍ରତି ବର୍ଷ ପାଳନ କରାଯାଏ। କ୍ରୀଡ଼ା କ୍ଷେତ୍ରରେ ମଧ ଆଦିବାସୀଙ୍କୁ ଜାତୀୟ କିମ୍ବା ଆନ୍ତର୍ଜାତୀୟ ସ୍ତରରେ କ୍ରୀଡ଼ାରେ ସାମିଲ କରିବା ପାଇଁ 'ଖେଲୋ ଇଣ୍ଡିଆ ଆଦିବାସୀ କ୍ରୀଡ଼ା -୨୦୨୬' ପ୍ରଥମ ଥର ପାଇଁ ଏହି ବର୍ଷ ଭାରତର ଥିବା ଛତିଶଗଡ଼ ରାଜ୍ୟରେ ଆୟୋଜନ କରାଯାଇଥିଲା।

କ୍ରୀଡ଼ା ହେଉଛି ଆଦିବାସୀ ସଂସ୍କୃତିର ଏକ ଅବିଚ୍ଛେଦ୍ୟ ଅଙ୍ଗ, ଯାହା ଶାରୀରିକ ଦକ୍ଷତା, ଏକତା ଓ ପାରମ୍ପରିକ ଜ୍ଞାନକୁ ପ୍ରଦର୍ଶନ କରେ। ଧନୁର୍ବିଦ୍ୟା, କବାଡ଼ି, ଦୌଡ଼, କାତି, ପହଁରା, ଡିଆଁ, ଫୁଟବଲ, ହକି, ବାସ୍କେଟବଲ, ଭଲିବଲ, ଚକି ଓ ପାରମ୍ପରିକ ନୃତ୍ୟଭିତ୍ତିକ ପ୍ରଭୃତି ଖେଳ ହେଉଛି ଆଦିବାସୀଙ୍କର ପ୍ରଧାନ ଖେଳ। ଗାଁ ଗହଳିରେ ଏହିସବୁ ଖେଳକୁ ଜୀବିତ ରଖିବା ପାଇଁ ଗ୍ରାମର ଯୁବକମାନେ ଏକତ୍ରିତ ହୋଇ କିଛି ଅର୍ଥ ସଂଗ୍ରହ କରି ବାର୍ଷିକ କ୍ରୀଡ଼ା ଆୟୋଜନ କରିଥାନ୍ତି। ପୁରସ୍କାର ପ୍ରତିବଦଳରେ ଖାସୀ, ଘୁଷୁରି ଏବଂ ଅର୍ଥରାଶି ଆକାରରେ ବିଜୟୀ ଦଳକୁ ସମ୍ମାନିତ କରିଥାନ୍ତି। କିନ୍ତୁ ବର୍ତ୍ତମାନ ସମୟରେ ଲକ୍ଷ ଲକ୍ଷ ଟଙ୍କାର ପୁରସ୍କାର ରାଶି ରଖି ବାର୍ଷିକ କ୍ରୀଡ଼ା ଆୟୋଜନ ହେବାର ଦୃଶ୍ୟମାନ ବିଭିନ୍ନ ସମ୍ବାଦପତ୍ର ଏବଂ ଗଣମାଧ୍ୟମରୁ ଜଣାଯାଉଛି। ସ୍ଥାନୀୟ ଆଦିବାସୀ ଯୁବକଯୁବତୀଙ୍କ ପ୍ରତିଭାକୁ ଆଗକୁ ନେବା ପାଇଁ ବିଭିନ୍ନ ଜିଲ୍ଲା ସ୍ତରୀୟ ହେଉ କିମ୍ବା ବ୍ଲକ ସ୍ତରରେ ସାଂସଦ ଖେଳ ମହୋତ୍ସବ ଆୟୋଜନ ମଧ କରାଯାଉଛି ଏବଂ କ୍ରୀଡ଼ାକୁ ଉପଭୋଗ କରିବା ପାଇଁ ଦୂରଦୂରାନ୍ତରୁ କ୍ରୀଡ଼ାପ୍ରେମୀ ଆସିଥାନ୍ତି। ଏହିସବୁ ଖେଳ ମାଧ୍ୟମରେ ଗ୍ରାମାଞ୍ଚଳରେ ଲୋକମାନଙ୍କୁ ଏକତା ଏବଂ ଭ୍ରାତୃଭାବ ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ।

ଆଦିବାସୀ ଖେଳାଳିମାନଙ୍କ ପାଇଁ ଭାରତର ପ୍ରଥମ ଜନଜାତୀୟ ବହୁ-କ୍ରୀଡ଼ା ଇଭେଣ୍ଟ 'ଖେଲୋ ଇଣ୍ଡିଆ ଆଦିବାସୀ କ୍ରୀଡ଼ା ୨୦୨୬', ଛତିଶଗଡ଼ଠାରେ ମାର୍ଚ୍ଚ ୨୫ ରୁ ଏପ୍ରିଲ ୩ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା, ଯାହା କ୍ରୀଡ଼ା ଜଗତରେ ନୂତନ କରି ସ୍ପଷ୍ଟ ଇତିହାସର ପ୍ରଥମ ଅଧ୍ୟାୟ କୁହାଯାଉଛି। ଛତିଶଗଡ଼ ରାଜ୍ୟରେ ଥିବା ତିନୋଟି ଆୟୋଜକ ସହର ରାୟପୁର, ଜଗଦଲପୁର ଏବଂ ସୁରଗୁଜାରେ ଏହି କ୍ରୀଡ଼ା ସାରା ଭାରତରୁ ୬୦,୦୦୦ ଆଦିବାସୀ କ୍ରୀଡାବିତମାନଙ୍କୁ ଏକ ଜାତୀୟ ମଞ୍ଚରେ ଏକାଠି କରିଥିଲା। ଆଦିବାସୀ କ୍ରୀଡ଼ା ପରମ୍ପରାର ପ୍ରଦର୍ଶନ ଇଭେଣ୍ଟ ସହିତ ସାତଟି ପଦକ କ୍ରୀଡ଼ା ରହିଥିଲା, ଯଥା ତୀରନ୍ଦାଜୀ, ଆଥଲେଟିକ୍ସ, ଫୁଟବଲ୍, ପହଁରା, ଭାରୋତ୍ତୋଳନ, କୁସ୍ତି ଏବଂ ହକି ସହିତ ମଲ୍ଲଖମ୍ବ ଏବଂ କବାଡ଼ି ଭଳି ପ୍ରଦର୍ଶନୀ ପୁରାତନ ଭାରତୀୟ ଇଭେଣ୍ଟ ମଧ ରହିଥିଲା, ଯାହା ପ୍ରତିଯୋଗିତାମୂଳକ କ୍ରୀଡ଼ା ଏବଂ ଭାରତର ସ୍ୱଦେଶୀ କ୍ରୀଡ଼ା ପରମ୍ପରାକୁ ପ୍ରତିଫଳିତ କରେ। କବାଡ଼ି ଭାରତର ସବୁଠାରୁ ପୁରୁଣା ସ୍ୱଦେଶୀ ଖେଳ, ଯାହାର ଇତିହାସ ଭାରତୀୟ ଉପମହାଦେଶରେ ମୂଳ ରହିଛି ଯେଉଁଠାରେ ଏହା ପାରମ୍ପରିକ ଭାବେ ଶକ୍ତି, ରଣନୀତି ଏବଂ ଧୈର୍ଯ୍ୟର ପରୀକ୍ଷା। ମଲ୍ଲଖମ୍ବ ଖେଳ ମଧ ଅନ୍ତର୍ଜାତୀୟ ସ୍ତରରେ ପରିଚିତି, ଯାହା ଭାରତର ସମୃଦ୍ଧ ଶାରୀରିକ ସଂସ୍କୃତିକୁ ପ୍ରତିନିଧିତ୍ୱ କରିଆସୁଛି ଏବଂ ଖେଲୋ ଇଣ୍ଡିଆ ଆଦିବାସୀ କ୍ରୀଡ଼ା ଭଳି ପ୍ଲାଟଫର୍ମରେ ସ୍ଥାନ ପାଇ ସ୍ୱଦେଶୀ କ୍ରୀଡ଼ାକୁ ପ୍ରୋତ୍ସାହିତ କରିଥିଲା। ଏହା ପାରମ୍ପରିକ ଆଦିବାସୀ କ୍ରୀଡ଼ା ଭାରତର ସଂରକ୍ଷଣରେ ସାହାଯ୍ୟ କରେ ଏବଂ ତୃଣମୂଳ କ୍ରୀଡ଼ା ବିକାଶକୁ ପ୍ରୋତ୍ସାହିତ କରେ। ଏହି କ୍ରୀଡ଼ାରେ ସମୁଦାୟ ୩୩୮ ପଦକ ପାଇଁ ଖେଳା ହୋଇଥିଲା, ଯେଉଁଥିରେ ୧୦୬ ସ୍ୱର୍ଣ୍ଣ, ୧୦୬ ରୌପ୍ୟ ଏବଂ ୧୨୬ କାଂସ୍ୟ ପଦକ ଅନ୍ତର୍ଭୁକ୍ତ। ଖେଲୋ ଇଣ୍ଡିଆ ଆଦିବାସୀ କ୍ରୀଡ଼ାରେ ସରକାରୀ ମାସ୍କଟ୍?କୁ 'ମୋରବୀର' ରଖାଯାଇଥିଲା, ଯାହା କ୍ରୀଡ଼ାର ଆତ୍ମାକୁ ପ୍ରତିଫଳିତ କରୁଛି। ଛତିଶଗଡ଼ୀ ଶବ୍ଦରୁ ଉତ୍ପନ୍ନ 'ମୋର' (ଆମର ନିଜର) ଏବଂ 'ବୀର' (ସାହସିକତା), ଏହା ଭାରତର ଆଦିବାସୀ ସମ୍ପ୍ରଦାୟର ଗର୍ବ, ଆତ୍ମା ଏବଂ ପରିଚୟକୁ ପ୍ରତୀକ କରୁଅଛି।

ଖେଲୋ ଇଣ୍ଡିଆ ଆଦିବାସୀ କ୍ରୀଡ଼ାର ମୂଳଲକ୍ଷ୍ୟ ହେଉଛି ସମ୍ପ୍ରଦାୟ ସ୍ତରରେ ଅଂଶଗ୍ରହଣକୁ ବିସ୍ତାର କରିବା ଏବଂ ପ୍ରତିଭାକୁ ଚିହ୍ନଟ କରିବା। ସାମାଜିକ-ଆର୍ଥିକ ଚ୍ୟାଲେଞ୍ଜର ସମ୍ମୁଖୀନ ଆଦିବାସୀ କ୍ରୀଡ଼ାବିତଙ୍କୁ ଧ୍ୟାନରେ ରଖି, ଖେଳଗୁଡ଼ିକ ଜାତୀୟ କ୍ରୀଡ଼ା ଇକୋସିଷ୍ଟମରେ ସେମାନଙ୍କୁ ଏକୀକୃତ କରିବା ଏବଂ ଭବିଷ୍ୟତର ପ୍ରତିଭା ପାଇପଲାଇନକୁ ମଜବୁତ କରିବାକୁ ଚେଷ୍ଟା କରୁଛି। ସେମାନଙ୍କ ଅଂଶଗ୍ରହଣ, ଆତ୍ମବିଶ୍ୱାସ ଏବଂ ସଂଯୋଗ ପାଇଁ ସ୍ଥାନ ସୃଷ୍ଟି କରୁଛନ୍ତି, ଏପରି ପରିବେଶରେ ପାଦ ଦେବାକୁ ଅନୁମତି ଦିଆଯାଉଛି ଯେଉଁଠାରେ ସେମାନଙ୍କର ଦକ୍ଷତାକୁ ସ୍ୱୀକୃତି ଏବଂ ମୂଲ୍ୟ ଦିଆଯାଇ ତାହା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଉଛି। ପ୍ରଶିକ୍ଷକ, ବୈଷୟିକ ବିଶେଷଜ୍ଞ ଏବଂ ପ୍ରତିଭା ସ୍କାଉଟ୍ ଉପସ୍ଥିତ ରହି, ପ୍ରତିଶ୍ରୁତିବଦ୍ଧ ଖେଳାଳିମାନେ ଭାରତୀୟ କ୍ରୀଡ଼ା ପ୍ରାଧିକରଣ କେନ୍ଦ୍ରରେ ସୁଯୋଗ ସମେତ ସଂରଚିତ ତାଲିମ ପଥକୁ ଯାଇପାରିବେ। ଅନେକଙ୍କ ପାଇଁ, ଏହା ଏକ ଲମ୍ବା ଯାତ୍ରାର ଆରମ୍ଭ ହୋଇପାରେ, ଯାହା ଭବିଷ୍ୟତ କ୍ରୀଡ଼ା କ୍ୟାରିଅର ଉଜ୍ଜଳ ହୋଇପାରିବ। ସବୁଠାରୁ ବଡ଼କଥା ହେଲା, ଗ୍ରାମୀଣ ପ୍ରତିଭା ଏବଂ ବୃତ୍ତିଗତ ପ୍ଲାଟଫର୍ମ ମଧ୍ୟରେ ଥିବା ବ୍ୟବଧାନକୁ ଦୂର କରିବାରେ ଯୁବ ବ୍ୟାପାର ଏବଂ କ୍ରୀଡ଼ା ମନ୍ତ୍ରଣାଳୟ ପଦକ୍ଷେପ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି, ଯାହା ଆଦିବାସୀ କ୍ରୀଡ଼ାବିତ୍ଙ୍କ ପାଇଁ ଆର୍ଥିକ ଏବଂ ଭିତ୍ତିଭୂମି ସହାୟତା ପ୍ରଦାନ କରିଥାଏ। କ୍ରୀଡ଼ା ବ୍ୟକ୍ତି ଏବଂ ସମ୍ପ୍ରଦାୟକୁ ଗଠନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଏହା ଶୃଙ୍ଖଳା, ଆତ୍ମବିଶ୍ୱାସ ଏବଂ ଦଳଗତ କାର୍ଯ୍ୟ ଗଠନ କରିବାରେ ସହାୟକ ହୁଏ। ଏକତା ଏବଂ ସମାନ ଉଦ୍ଦେଶ୍ୟର ଭାବନାକୁ ମଧ ପ୍ରୋତ୍ସାହିତ କରେ। ଭାରତ ଭଳି ଦେଶ ପାଇଁ, କ୍ରୀଡ଼ା କେବଳ ପ୍ରତିଯୋଗିତା ବିଷୟରେ ନୁହେଁ, ବରଂ ଏହା ଯୁବପିଢ଼ିଙ୍କୁ ଏକତା କରିବା, ସୁସ୍ଥ ଜୀବନଶୈଳୀକୁ ପ୍ରୋତ୍ସାହିତ କରି ଅଭିବୃଦ୍ଧି ଏବଂ ସୁଯୋଗ ପାଇଁ ପଥ ସୃଷ୍ଟି କରିବାର ଏକ ବିରାଟ ବଡ଼ ମାଧ୍ୟମ କୁହାଯାଇପାରିବ। ଏହି ଦୃଷ୍ଟିକୋଣ ସହିତ, ଭାରତ ସରକାର ସାରା ଦେଶରେ କ୍ରୀଡ଼ା ସଂସ୍କୃତିକୁ ସୁଦୃଢ଼ କରିବା ପାଇଁ ଖେଲୋ ଇଣ୍ଡିଆ କାର୍ଯ୍ୟକ୍ରମ ଆରମ୍ଭ କରିଆସୁଛନ୍ତି। ଏହି ପଥଗୁଡ଼ିକ ମଜବୁତ ହେବା ସହିତ, ଖେଲୋ ଇଣ୍ଡିଆ ଆଦିବାସୀ କ୍ରୀଡ଼ାର ପ୍ରଭାବ କେବଳ ପଦକରେ ନୁହେଁ, ବରଂ ସେମାନେ ସୃଷ୍ଟି କରୁଥିବା ସୁଯୋଗରେ ଦେଖାଯିବ, ଯେଉଁ ଆଧାରରେ ଥରେ ସଂଗଠିତ କ୍ରୀଡ଼ାରେ ସୀମିତ ପ୍ରବେଶ ଦେଖାଯାଉଥିଲା, ସେଠାରେ ନୂତନ କାହାଣୀ ଆକାର ନେବା ଆରମ୍ଭ ହୋଇଛି - ଯେଉଁଠାରେ ଅଂଶଗ୍ରହଣ ଆତ୍ମବିଶ୍ୱାସ ସଫଳତାର ବଡ଼ ରାସ୍ତା ଖୋଲିଥାଏ। ଖେଲୋ ଇଣ୍ଡିଆ ଆଦିବାସୀ କ୍ରୀଡ଼ା ଆଦିବାସୀ ପ୍ରତିଭା ପାଇଁ ଐତିହାସିକ ପ୍ଲାଟଫର୍ମ ଭାବରେ ଉଭା ହୋଇଛି ସତ ଏହା କିନ୍ତୁ ଏକତା, ସଂସ୍କୃତି ଏବଂ କ୍ରୀଡ଼ା ଉତ୍କର୍ଷତାର ଏକ 'ଭବ୍ୟ ସଙ୍ଗମ' ଏବଂ ଆଦିବାସୀ ପ୍ରତିଭା ପାଇଁ ଏକ ଐତିହାସିକ ପ୍ଲାଟଫର୍ମ, ଯାହା ପ୍ରଥମ ଜାତୀୟ ବହୁ-କ୍ରୀଡା ଇଭେଣ୍ଟ ଭାବରେ ଆଦିବାସୀ ସମ୍ପ୍ରଦାୟ ପାଇଁ ଏହା ଉତ୍ସର୍ଗୀକୃତ।

+ ବାଲେଶ୍ୱର,
ମୋ-୯୩୩୭୪୦୪୨୫୪

# ସାମାଜିକ ନ୍ୟାୟ ମାର୍ଗରେ ଓଡିଶା ସରକାର

## ଅଧ୍ୟାପକ ଗୋପବନ୍ଧୁ

ସାମାଜିକ ନ୍ୟାୟ ପ୍ରସଙ୍ଗକୁ ନେଇ ଓଡ଼ିଶାର ଶାସକ ନେତୃତ୍ୱ ସକ୍ରିୟ ଥିବା ପରି ମନେ ହେଉଛି। ଦୀର୍ଘବର୍ଷ ଧରି ଏହାକୁ ନେଇ ଯେଉଁସବୁ ଦାବୀ ହୋଇ ଆସୁଥିଲା, ସେଗୁଡିକ ଗୋଟିଏ ପରେ ଗୋଟିଏ ପୂରଣ ହେବାରେ ଲାଗିଛି। ଏ ଦିଗରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀଙ୍କ ଆନ୍ତରିକତାକୁ ଏଡାଇ ଦିଆଯାଇ ପାରିବ ନାହିଁ। ନିକଟରେ ଏପ୍ରିଲ ୫, ୨୦୨୬ ରାଜ୍ୟ କ୍ୟାବିନେଟ୍ ବୈଠକରେ ଅନୁମୋଦିତ ହୋଇଛି ରାଜ୍ୟରେ ଉଚ୍ଚଶିକ୍ଷା କ୍ଷେତ୍ରରେ ଥିବା ସଂରକ୍ଷଣ ହାରକୁ ବଢାଯିବ ଓ ଏହା ଚଳିତ ଶିକ୍ଷାବର୍ଷଠାରୁ ଲାଗୁହେବ। ମୋହନବାବୁଙ୍କ ଏପରି ଅକାଟ୍ୟ ବାଣ ବିରୋଧୀଙ୍କୁ ଚକିତ କରିଛି। ସେମାନେ ଶାସନରେ ଥିବା ସମୟରେ ଯେଉଁ କାମ କରିପାରି ନଥିଲେ ତାହା ମୋହନବାବୁ ଅନାୟସରେ କରି ଦେଖାଇଛନ୍ତି। ସେ ପ୍ରମାଣ କରି ଦେଖାଇଛନ୍ତି ଯେ ଆନ୍ତରିକତା ଓ ଅଙ୍ଗୀକାରବଦ୍ଧତା ଥିଲେ ସବୁ ସମ୍ଭବପର। ସମାଜିକ ନ୍ୟାୟର ରଥ ଯାହା ରାଜ୍ୟରେ ଅଚଳ ଅବସ୍ଥାରେ ଥିଲା ତାକୁ ସେ ଗତିଶୀଳ କରିଛନ୍ତି। ତାଙ୍କ ସ୍ପର୍ଶରେ ଏହା ଆଗକୁ ଗଡ଼ିବା ଆରମ୍ଭ କରିଛି।

ଓଡିଶା ଏପରି ଏକ ରାଜ୍ୟ ଯେଉଁଠାରେ ସର୍ବାଧିକ ଅନଗ୍ରସର ବର୍ଗର ଲୋକ ବସବାସ କରନ୍ତି। ଶତାଂଶ ଦୃଷ୍ଟିରୁ ମିଳିତଭାବେ ଭାରତବର୍ଷର ସର୍ବାଧିକ ଅନୁସୂଚୀତ ଜାତି ଓ ଜନଜାତି ଏବଂ ଓବିସିମାନେ ବସବାସ କରନ୍ତି। ଆଉ କେଉଁ ରାଜ୍ୟରେ ଏମାନେ ଏତେ ସଂଖ୍ୟାରେ ନାହାଁନ୍ତି। ଯେଉଁଥିରେ ଏସଟିଙ୍କ ସଂଖ୍ୟା ଶତକଡା ୨୨.୮୫ ଭାଗ ଓ ଏସସିଙ୍କ ସଂଖ୍ୟା ଶତକଡା ୧୭.୧୩ ଭାଗ ୨୦୧୧ ମସିହାର ଜନଗଣନା ଅନୁଯାୟୀ। ଏମାନଙ୍କ ସମୁଦାୟ ସଂଖ୍ୟା ଶତକଡା ୪୦ ଭାଗ। କୁହାଯାଉଛି ଏ ସଂଖ୍ୟା ଏବେ ଆହୁରି ବଢ଼ିଛି। ରାଜ୍ୟରେ ଅନ୍ୟାନ୍ୟ ପଛୁଆ ବର୍ଗ ବା ଓବିସିଙ୍କ ସଂଖ୍ୟା ଶତକଡା ୫୪ ଭାଗ ୧୯୩୧ ମସିହା ଜନଗଣନା ଅନୁଯାୟୀ। ସମସ୍ତଙ୍କୁ ମିଶାଇଲେ ସମୁଦାୟ ସଂଖ୍ୟା ଶତକଡା ୯୪ ଭାଗ। ଏମାନେ ଏତେ ସଂଖ୍ୟାରେ ଥିଲେହେଁ ରାଜ୍ୟର ସମସ୍ତ କ୍ଷେତ୍ରରେ ନିଜର ସମାନୁପାତିକ ଅଧିକାର ହାସଲ କରିପାରି ନାହାଁନ୍ତି।

ଓଡ଼ିଶାରେ ସଂରକ୍ଷଣ ବ୍ୟବସ୍ଥାର କାର୍ଯ୍ୟକାରିତା କ୍ଷେତ୍ରରେ ନାନା ବ୍ୟତିକ୍ରମ ଦେଖିବାକୁ ମିଳିଛି। ଅନୁସୂଚିତ ଜାତି ଓ ଜନଜାତିମାନଙ୍କୁ ଶିକ୍ଷା କ୍ଷେତ୍ରରେ ମାତ୍ର ୨୦% ସଂରକ୍ଷଣ ଦିଆ ଯାଉଥିଲା, ଯଥାକ୍ରମେ ୮% ଓ ୧୨%। ତାଙ୍କୁ ତାଙ୍କ ସଂଖ୍ୟା ଅନୁପାତରେ ୩୮.୭୫% ସଂରକ୍ଷଣ ମିଳିବା କଥା ଥିଲା। ଶିକ୍ଷା କ୍ଷେତ୍ରରେ ଏମାନଙ୍କୁ ସଂରକ୍ଷଣ ୩୮.୭୫% ପ୍ରଦାନ ପାଇଁ ୨୦୧୪ ମସିହାରେ ପୂର୍ବ ସରକାର ଘୋଷଣା କରିଥିଲେ। ଏବାବଦକୁ ପ୍ରକ୍ରୀୟା ମଧ୍ୟ ଆରମ୍ଭ ହୋଇଥିଲା। କିନ୍ତୁ ପ୍ରଶାସନିକ ପେଞ୍ଚରେ ଏହା ଫାଇଲ ଭିତରେ ବନ୍ଧା ହୋଇ ରହିଗଲା, କର୍ଯ୍ୟକାରୀ ହୋଇ ପାରିଲା ନାହିଁ। ରାଜ୍ୟରେ ଓବିସି/ଏସଇବିସିଙ୍କ ଅବସ୍ଥା ଆହୁରି ସଙ୍ଗୀନ। ଏମାନଙ୍କୁ ଦିଆଯାଉଥିବା ସଂରକ୍ଷଣ ଉପହାସ ସଦୃଶ୍ୟ। ଏମାନଙ୍କୁ ସଂରକ୍ଷଣ ସୁବିଧା ମିଳୁଛି କେବଳ ଚାକିରୀ କ୍ଷେତ୍ରରେ ମାତ୍ର ୧୧.୨୫%। ଶିକ୍ଷା କ୍ଷେତ୍ରରେ ଏ ସୁବିଧା ପୂର୍ବ ରାଜ୍ୟ ସରକାର ଦେଇ ନଥିଲେ। ମଣ୍ଡଳ କମିଶନ ସୁପାରୀଶ ମୁତାବକ ଏମାନେ ଶତକଡା ୨୭% ସଂରକ୍ଷଣ ଚାକିରୀ ଓ ଶିକ୍ଷା କ୍ଷେତ୍ରରେ ପାଇବା କଥା, ତାହା ଦେବାପାଇଁ ପୂର୍ବ ରାଜ୍ୟ ସରକାର ଉଚିତ୍ ପଦକ୍ଷେପ ନେଇ ନଥିଲେ। ଶିକ୍ଷା କ୍ଷେତ୍ରରେ ଏମାନଙ୍କ ପାଇଁ ସଂରକ୍ଷଣ ୨୦୦୫ ରୁ ଲାଗୁ ହୋଇଛି।

ରାଜ୍ୟରେ ମୋହନବାବୁଙ୍କ ସରକାର ଗଠିତ ହେବାପରେ ଏଦିଗରେ ଆଶାର ସଞ୍ଚାର ହୋଇଛି। ସମ୍ବିଧାନସମ୍ମତ ଭାବେ ଏହି ବର୍ଗର ଲୋକମାନଙ୍କୁ ବର୍ଦ୍ଧିତ ସଂରକ୍ଷଣ ସୁବିଧା ଦେବା ଦିଗରେ ପଦକ୍ଷେପ ନିଆ ଯାଉଛନ୍ତି। ପୂର୍ବରୁ ସେ ସାଧାରଣ ଉଚ୍ଚଶିକ୍ଷା କ୍ଷେତ୍ରରେ ଅଧ୍ୟୟନ ପାଇଁ ଅନୁସୂଚୀତ ଜାତି ଓ ଜନଜାତିର ସଂରକ୍ଷଣ ହାରକୁ ୨୦% ରୁ ବଢ଼ାଇ ୩୮.୭୫% କରିଛନ୍ତି ଏବଂ ଏସଇବିସିଙ୍କ ପାଇଁ ସଂରକ୍ଷଣ ହାର ୧୧.୨୫% କରିଛନ୍ତି। ଆଗରୁ ଏସଇବିସିଙ୍କ ପାଇଁ ସାଧାରଣ ଉଚ୍ଚ ଶିକ୍ଷା କ୍ଷେତ୍ରରେ ସଂରକ୍ଷଣ ସୁବିଧା ନଥିଲା। ତେବେ ଏ ପ୍ରକାର ପରିବର୍ଦ୍ଧିତ ସଂରକ୍ଷଣ ଯଥେଷ୍ଟ ନୁହେଁ ବୋଲି ସାମାଜିକ ନ୍ୟାୟର ସମର୍ଥକ ବିଭିନ୍ନ ସଂଗଠନ ଓ ସଂଗଠକ ପ୍ରତିକ୍ରିୟା ପ୍ରକାଶ କରୁଥିଲେ। ଏପ୍ରକାର ବର୍ଦ୍ଧିତ ସଂରକ୍ଷଣ ସୁବିଧା ସମସ୍ତ ଡାକ୍ତରୀ, ଇଞ୍ଜିନିୟରିଂ ଏବଂ ସମସ୍ତ ବୈଷୟିକ ଓ କାରିଗରୀ ଶିକ୍ଷାନୁଷ୍ଠାନରେ ପ୍ରଦାନ ପାଇଁ ଦାବୀକରି ଆସୁଥିଲେ।

କିଛିଦିନ ତଳେ ଜାତୀୟ 'ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା' ବିଭାଗର ଯୋଜନା ପ୍ରଣୟନ କମିଟି ବୈଠକରେ ସର୍ବସମ୍ମତିଭାବେ ସୁପାରିଶ ହୋଇଥିଲା ସମସ୍ତ ଶିକ୍ଷାନୁଷ୍ଠାନରେ ସଂରକ୍ଷଣ ହାର ବୃଦ୍ଧିପାଇଁ। ଅର୍ଥାତ ସମସ୍ତ ଡାକ୍ତରୀ, ଇଞ୍ଜିନିୟରିଂ ଏବଂ ଅନ୍ୟାନ୍ୟ ବୈଷୟିକ ଓ କାରିଗରୀ ଶିକ୍ଷାନୁଷ୍ଠାନରେ ବର୍ଦ୍ଧିତ ସଂରକ୍ଷଣ ସୁବିଧା ପ୍ରଦାନ ପାଇଁ। ସୁପାରିଶ ଅନୁଯାୟୀ ଅନୁସୂଚୀତ ଜାତିମାନଙ୍କ ସଂରକ୍ଷଣ ୮% ରୁ ବଢ଼ି ୧୬.୨୫% ଓ ଅନୁସୂଚିତ ଜନଜାତିମାନଙ୍କ ପାଇଁ ୧୨% ରୁ ବଢ଼ି ୨୨.୫%, ମୋଟ ୩୮.୭୫% କରାଯିବା ପାଇଁ। ସେହିପରି ଏସଇବିସିମାନଙ୍କୁ ମଧ୍ୟ ଏହି ଅନୁଷ୍ଠାନ ମାନଙ୍କରେ ୧୧.୨୫% ସଂରକ୍ଷଣ ସୁବିଧା ପ୍ରଦାନ ପାଇଁ। ରାଜ୍ୟ ସରକାର ୨୦୨୬-୨୭ ଶିକ୍ଷା ବର୍ଷରୁ ଏହାକୁ କର୍ଯ୍ୟକାରୀ କରିବା ପାଇଁ ମନସ୍ଥ କରିଛନ୍ତି। ରାଜ୍ୟ କ୍ୟାବିନେଟ୍ ଏବେ ଏହା ଉପରେ ମୋହର ଲଗାଇଛନ୍ତି। ମୋହନ ସରକାରଙ୍କ ଏପ୍ରକାର ପଦକ୍ଷେପକୁ ସମସ୍ତ ମହଲରୁ ସ୍ୱାଗତ କରାଯାଉଛି।

ଏଦିଗରେ ଅନ୍ୟ ଏକ ପଦକ୍ଷେପ ତାଙ୍କ ନେତୃତ୍ୱକୁ ଆହୁରି ମଜଭୂତ କରିବ, ତାହା ହେଉଛି ରାଜ୍ୟରେ ଓବିସିଙ୍କ ସଂରକ୍ଷଣକୁ ୧୧.୨୫% ରୁ ବଢାଇ ମଣ୍ଡଳ କମିଶନ ସୁପାରିଶ ମୁତାବକ ୨୭% କରିବା। ଏ ବାବଦରେ ତାଙ୍କୁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ହେବ। ଓଡ଼ିଶାର ସ୍ୱତନ୍ତ୍ର ସାମାଜିକ ସ୍ଥିତି ଅନୁଯାୟୀ ଏ ବିଷୟ ସମ୍ବନ୍ଧିତ ଏକ ବିଧେୟକ ଓଡିଶା ବିଧାନସଭାରେ ପାରିତ କରି ସମ୍ବିଧାନର ନବମ ଅନୁଚ୍ଛେଦରେ ସାମିଲ ପାଇଁ ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ଏହା ସହିତ ପୂର୍ବ ସରକାର ଅମଳରେ ସୁପ୍ରିମକୋର୍ଟରେ ଦାଏର୍ ହୋଇଥିବା ଓବିସି/ଏସଇବିସି ସମ୍ବନ୍ଧୀୟ କେଶର ଆନ୍ତରିକତାର ସହିତ ପରିଚାଳନା ଅତ୍ୟନ୍ତ ଜରୁରୀ। ସର୍ବୋଚ୍ଚ ନ୍ୟାୟାଳୟ ଯେଉଁ ତଥ୍ୟ ମାଗୁଛନ୍ତି ତାହାର ସଠିକ ଉପସ୍ଥାପନ ଓ ଏଦିଗରେ ଆନ୍ତରିକତା ପ୍ରଦର୍ଶନ ଉପାଦେୟ ପଦକ୍ଷେପ ହେବ। ଏକ ବଞ୍ଚିତ ସମାଜକୁ ନ୍ୟାୟ ପ୍ରଦାନ ପାଇଁ ଏହା ଆବଶ୍ୟକ। ଏହା ତାଙ୍କୁ ଏ ବିଶାଳ ସମୁଦାୟ ନିକଟରେ ଅଧିକ ପ୍ରିୟଭାଜନ କରାଇବ।

ମୁଖ୍ୟମନ୍ତ୍ରୀ ନିଜେ ଆଦିବାସୀ ବର୍ଗରୁ ଆସିଛନ୍ତି। ସେ ଭଲଭାବେ ଜାଣିଛନ୍ତି ଯେ ବିକାଶର ଦୌଡରେ ପଛରେ ପଡ଼ିଥିବା ଆଦିବାସୀ, ଦଳିତ ଓ ପଛୁଆବର୍ଗର ଲୋକମାନେ ଚାକିରୀ ଓ ଶିକ୍ଷାରେ ସମାନୁପାତିକ ସଂରକ୍ଷଣ ସୁବିଧା ନପାଇଲେ ଆଗକୁ ବଢିପାରିବେ ନାହିଁ। ଏହା ଏମାନଙ୍କୁ ସମାଜିକ ଓ ଆର୍ଥିକଭାବେ ସମୃଦ୍ଧ କରିବ। ଅଗ୍ରସର ସମାଜ ସହିତ ସମକକ୍ଷ ହେବାରେ ସହାୟକ ହେବ। ଏକ ସମୃଦ୍ଧ ଓଡିଶା ଗଠନ ପାଇଁ ସମାଜର ତଳ ସ୍ତରର ଲୋକମାନଙ୍କ ବିକାଶ ଓ ଭାଗୀଦାରୀ ଅତ୍ୟନ୍ତ ଜରୁରୀ। ଏକ ବିଷମ ସମାଜ କଦାପି ଏକ ସଶକ୍ତ ରାଷ୍ଟ୍ର ଗଠନରେ ସହାୟକ ହେବ ନାହିଁ। ତେଣୁ ସମସ୍ତ ପ୍ରକାର ବିଷମତାକୁ ହଟାଇ ସମତାଭିତ୍ତିକ ସମାଜ ଗଠନର ପରିକଳ୍ପନା ତାଙ୍କ ମନରେ ରହିଛି। ସାମାଜିକ ନ୍ୟାୟକୁ ଭାଷଣରେ ନୁହେଁ କାମରେ କରି ଦେଖାଇବାର ଇଚ୍ଛା ତାଙ୍କ ମନରେ ରହିଛି। ଆଗକୁ ବି ଆହୁରି କିଛି କରିବାର ଅଭିପ୍ରାୟ ତାଙ୍କ ମନରେ ଥିବାର ସଂକେତ ସ୍ପଷ୍ଟ ବାରି ହେଉଛି। ଆଗକୁ ଦେଖିବାକୁ ହେବ ଯେ ଏ ଦିଗରେ ସେ ଆଉ କେଉଁ ପଦକ୍ଷେପ ନେଉଛନ୍ତି।

ମୋହନବାବୁଙ୍କ ଏ ପଦକ୍ଷେପ ବିରୋଧୀଙ୍କ ମୁଣ୍ଡବ୍ୟଥାର କାରଣ ହୋଇଛି। ଯେଉଁମାନେ ସମାଜିକ ନ୍ୟାୟ ପ୍ରସଙ୍ଗକୁ ଅଣଦେଖା କରି ଆସୁଥିଲେ ତାଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି। ଯାହା ଅନ୍ୟ କୌଣସି ସରକାର କରିପାରି ନଥିଲେ, ତାହା ମୋହନ ସରକାର କରିଛନ୍ତି। ବିରୋଧୀଙ୍କ ଭୟ ଯେ ମୋହନବାବୁଙ୍କ ଏ ପଦକ୍ଷେପ ଯୋଗୁଁ ସେ କୋଟି କୋଟି ଦଳିତ ଓ ଆଦିବାସୀଙ୍କ ପ୍ରିୟଭାଜନ ହୋଇଯିବେ ନାହିଁ ତ ? ଏସଇବିସିଙ୍କ ମଧ୍ୟ ଅନୁଗ୍ରହ ଲାଭ କରିବେ ନାହିଁ ତ ? ଏପରି ହେଲେ ଆଗାମୀ ଓଡିଶା ରାଜନୀତି ଭିନ୍ନ ଧରଣର ହେବ। ତେବେ ଏହା ନିଶ୍ଚିତ ଯେ ସଂରକ୍ଷଣ ବୃଦ୍ଧି ଜନିତ ଗୋଟି ଓଡିଶା ରାଜନୀତିରେ ତାଙ୍କ ପରିଚୟକୁ ଆହୁରି ଶାଣିତ କରିବ। ସାମାଜିକ ପରିବର୍ତ୍ତନର ଜଣେ ଅଗ୍ରଣୀ ନେତାଭାବେ ସେ ନିଜର ପରିଚୟ ତିଆରି କରିପାରିବେ।

+ବାରିପଦା, ମୟୂରଭଞ୍ଜ,
ମୋ. ୭୦୦୮୯୭୬୧୮୦

# ପାଶ୍ଚାତ୍ୟ ଟେକ୍ନୋ-ସାମ୍ରାଜ୍ୟବାଦ ଏବଂ ପାଲାଣ୍ଟିରର ବିପଜ୍ଜନକ ଘୋଷଣାପତ୍ର

ସାମ୍ପ୍ରତିକ ବିଶ୍ୱରେ ଭୂ-ରାଜନୀତି ଏବଂ ସାମରିକ ରଣନୀତିର ରୂପରେଖ ଦ୍ରୁତ ଗତିରେ ବଦଳିବାରେ ଲାଗିଛି । ବର୍ତ୍ତମାନର ସାମରିକ ଅଭିଯାନଗୁଡ଼ିକ କେବଳ ସୀମାନ୍ତରେ ପାରମ୍ପରିକ ଅସ୍ତ୍ରଶସ୍ତ୍ର ମାଧ୍ୟମରେ ପରିଚାଳିତ ହେଉନାହିଁ, ବରଂ ଡାଟା ସେଣ୍ଟର, କମ୍ପ୍ୟୁଟର ଆଲଗୋରିଦମ୍ ଏବଂ କୃତ୍ରିମ ବୁଦ୍ଧିମତ୍ତା ବା ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ମାଧ୍ୟମରେ ନିୟନ୍ତ୍ରିତ ହେଉଛି । ଏହି ପରିବର୍ତ୍ତିତ ପରିସ୍ଥିତିରେ ଆମେରିକାର ଅଗ୍ରଣୀ ତଥ୍ୟ ବିଶ୍ଳେଷଣ ଏବଂ ସାମରିକ ଜ୍ଞାନକୌଶଳ କମ୍ପାନୀ ପାଲାଣ୍ଟିର ଟେକ୍ନୋଲୋଜିସ୍ (**Palantir Technologies**) ଏବଂ ଏହାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଆଲେକ୍ସ କାର୍ପଙ୍କ ଦ୍ୱାରା ପ୍ରକାଶିତ ଏକ ବିବାଦୀୟ ଘୋଷଣାପତ୍ର ବିଶ୍ୱବ୍ୟାପୀ ଏକ ତୀବ୍ର ବିତର୍କର ସୂତ୍ରପାତ କରିଛି । ବିଭିନ୍ନ ଅନ୍ତର୍ଜାତୀୟ ଗଣମାଧ୍ୟମ ଏବଂ ସମାଲୋଚକମାନଙ୍କ ବିଶ୍ଳେଷଣ ଅନୁଯାୟୀ, ଏହି ଘୋଷଣାପତ୍ରକୁ ଏକ ବିପଜ୍ଜନକ 'ଟେକ୍ନୋଫାସିବାଦ' (**Technofascism**) ବା ପ୍ରଯୁକ୍ତିଗତ ଫାସିବାଦର ଉନ୍ମୋଚନ ବୋଲି ଅଭିହିତ କରାଯାଇଛି। ଆଲେକ୍ସ କାର୍ପ ଏବଂ କମ୍ପାନୀର ବରିଷ୍ଠ ଅଧିକାରୀ ନିକୋଲାସ୍ ଜାମିସ୍କାଙ୍କ ଦ୍ୱାରା ଲିଖିତ ପୁସ୍ତକ ଦି ଟେକ୍ନୋଲୋଜିକାଲ୍ ରିପବ୍ଲିକ୍ ର ଏକ ସାରାଂଶ ଭାବରେ ପ୍ରକାଶିତ ଏହି ଘୋଷଣାପତ୍ରରେ ପାଶ୍ଚାତ୍ୟ ଶକ୍ତିର ଆଧିପତ୍ୟ, ଏଆଇ-ଚାଳିତ ଯୁଦ୍ଧାସ୍ତ୍ରର ଅନିବାର୍ଯ୍ୟତା ଏବଂ କଠୋର ସାମରିକ ଶକ୍ତି ବା ହାର୍ଡ ପାୱାରର ପ୍ରୟୋଗ ଉପରେ ଅତ୍ୟଧିକ ଗୁରୁତ୍ୱାରୋପ କରାଯାଇଛି । ପାଲାଣ୍ଟିରର ଏହି ବିଚାରଧାରା କେବଳ ଗଣତାନ୍ତ୍ରିକ ମୂଲ୍ୟବୋଧ ପାଇଁ ଏକ ଆହ୍ୱାନ ନୁହେଁ, ବରଂ ଏହା ମାନବ ସଭ୍ୟତାର ନୈତିକ ଅସ୍ତିତ୍ୱ ପାଇଁ ମଧ୍ୟ ଏକ ବଡ଼ ବିପଦ ସୃଷ୍ଟି କରିଛି । ବିଶେଷ କରି ମଧ୍ୟପ୍ରାଚ୍ୟରେ ଏହି କମ୍ପାନୀର କୃତ୍ରିମ ବୁଦ୍ଧିମତ୍ତା ପ୍ରଯୁକ୍ତିର ବ୍ୟବହାର ଏବଂ ସାଧାରଣ ନାଗରିକଙ୍କ ଗଣହତ୍ୟାରେ ଏହାର ପ୍ରତ୍ୟକ୍ଷ ଭୂମିକାକୁ ନେଇ ସମଗ୍ର ବିଶ୍ୱରେ ଉଦ୍‌ବେଗ ପ୍ରକାଶ ପାଇଛି । ଏହି ଘୋଷଣାପତ୍ର ପ୍ରମାଣିତ କରୁଛି ଯେ ପ୍ରଯୁକ୍ତିବିଦ୍ୟା ଏବେ କେବଳ ମାନବ କଲ୍ୟାଣର ମାଧ୍ୟମ ହୋଇ ରହିନାହିଁ, ବରଂ ଏହା ସାମ୍ରାଜ୍ୟବାଦୀ ଶକ୍ତିମାନଙ୍କର ଏକ ପ୍ରମୁଖ ଅସ୍ତ୍ରରେ ପରିଣତ ହୋଇଛି ।

ପାଲାଣ୍ଟିରର ଏହି ଘୋଷଣାପତ୍ରରେ ସିଲିକନ୍ ଭ୍ୟାଲିର ବୃହତ୍ ପ୍ରଯୁକ୍ତିବିଦ୍ୟା କମ୍ପାନୀଗୁଡ଼ିକୁ ଆମେରିକା ଏବଂ ପାଶ୍ଚାତ୍ୟ ଦେଶଗୁଡ଼ିକର ଜାତୀୟ ସୁରକ୍ଷା କ୍ଷେତ୍ରରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିବାକୁ ଏକ ପ୍ରକାର ନୈତିକ ବାଧ୍ୟତାମୂଳକ ଆହ୍ୱାନ ଦିଆଯାଇଛି । କମ୍ପାନୀର ମୁଖ୍ୟ ଯୁକ୍ତି ହେଉଛି ଯେ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ ପରମାଣୁ ଅସ୍ତ୍ରଶସ୍ତ୍ର ଆଧାରିତ ନିବାରଣ ବା ଆଟୋମିକ୍ ଡିଟରେନ୍ସର ଯୁଗ ଏବେ ଶେଷ ହେବାକୁ ଯାଉଛି ଏବଂ ଏହାର ସ୍ଥାନ କୃତ୍ରିମ ବୁଦ୍ଧିମତ୍ତା ଉପରେ ଆଧାରିତ ଏକ ନୂତନ ସାମରିକ ଯୁଗ ନେବାକୁ ଯାଉଛି । ଆଲେକ୍ସ କାର୍ପ ସ୍ପଷ୍ଟ ଭାବରେ ଉଲ୍ଲେଖ କରିଛନ୍ତି ଯେ ଏଆଇ ଟେକ୍ନୋଲୋଜି ବ୍ୟବହାର କରି ମାରଣାସ୍ତ୍ର ନିର୍ମାଣ ହେବ କି ନାହିଁ ତାହା ଏବେ ପ୍ରଶ୍ନବାଚୀ ନୁହେଁ, ବରଂ କିଏ ଏହାକୁ ପ୍ରଥମେ ନିର୍ମାଣ କରିବ ତାହା ହିଁ ମୁଖ୍ୟ ପ୍ରସଙ୍ଗ । ଏହା ବ୍ୟତୀତ ଘୋଷଣାପତ୍ରରେ କିଛି ସାଂସ୍କୃତିକ ଟିପ୍ପଣୀ ମଧ୍ୟ ଦିଆଯାଇଛି, ଯେଉଁଥିରେ କିଛି ସଂସ୍କୃତିକୁ ପ୍ରଗତିଶୀଳ ଏବଂ ଅନ୍ୟ କିଛି ସଂସ୍କୃତିକୁ ପଶ୍ଚାଦଗାମୀ ବା କ୍ଷତିକାରକ ବୋଲି ଦର୍ଶାଯାଇଛି । ଏହିଭଳି ସାଂସ୍କୃତିକ ଶ୍ରେଷ୍ଠତାବାଦ, ପାଶ୍ଚାତ୍ୟ ଆଧିପତ୍ୟର ଅହଙ୍କାର ଏବଂ ଉଗ୍ର ଜାତୀୟତାବାଦର ମିଶ୍ରଣକୁ ବିଶେଷଜ୍ଞମାନେ ଏକ ନୂତନ ଧରଣର ଫାସିବାଦ ବୋଲି ମନେ କରୁଛନ୍ତି । ଟେକ୍ନୋଫାସିବାଦର ଅର୍ଥ ହେଉଛି ଏକ ଏପରି ବ୍ୟବସ୍ଥା ଯେଉଁଠାରେ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା, କର୍ପୋରେଟ୍ ଏକଚାଟିଆ କ୍ଷମତା ଏବଂ ରାଷ୍ଟ୍ରର ସାମରିକ ଶକ୍ତି ମିଳିତ ହୋଇ ସାଧାରଣ ନାଗରିକଙ୍କ ଉପରେ ଏକଚ୍ଛତ୍ରବାଦୀ ନିୟନ୍ତ୍ରଣ ଜାହିର କରନ୍ତି । ଏକ ସୁଦୃଢ଼ ଏବଂ ଶକ୍ତିଶାଳୀ ପାଶ୍ଚାତ୍ୟ ସାମ୍ରାଜ୍ୟ ଗଠନ ପାଇଁ କେବଳ କୂଟନୈତିକ ମୂଲ୍ୟବୋଧ ଯଥେଷ୍ଟ ନୁହେଁ, ବରଂ କଠୋର ସାମରିକ ଶକ୍ତିର ନିର୍ଦ୍ଦୟ ପ୍ରୟୋଗ ନିତାନ୍ତ ଆବଶ୍ୟକ ବୋଲି ପାଲାଣ୍ଟିରର ଘୋଷଣାନାମା ଯୁକ୍ତି ବାଢ଼ିଛି । ଏହି ଚିନ୍ତାଧାରା ବିଶ୍ୱ ଶାନ୍ତି ପାଇଁ ଏକ ବିରାଟ ବିପଦ ସୃଷ୍ଟି କରୁଛି, କାରଣ ଏହା ଆଲୋଚନା ଏବଂ ସହମତି ପରିବର୍ତ୍ତେ ବଳପ୍ରୟୋଗକୁ ପ୍ରାଧାନ୍ୟ ଦେଉଛି ।

ପାଲାଣ୍ଟିରର ଏହି ବିଚାରଧାରା କେବଳ କାଗଜପତ୍ରରେ ସୀମିତ ନୁହେଁ, ବରଂ ଏହାର ବାସ୍ତବିକ ପ୍ରୟୋଗ ଅତ୍ୟନ୍ତ ଭୟାବହ ସାବ୍ୟସ୍ତ ହେଉଛି । ପାଲାଣ୍ଟିର ହେଉଛି ଆମେରିକାର ପ୍ରତିରକ୍ଷା ବିଭାଗ, ସିଆଇଏ ଏବଂ ଇମିଗ୍ରେସନ୍ ଆଣ୍ଡ୍ କଷ୍ଟମ୍ସ ଏନଫୋର୍ସମେଣ୍ଟ ର ଏକ ପ୍ରମୁଖ ଠିକାଦାର । ଆମେରିକାର ଇମିଗ୍ରେସନ୍ ବିଭାଗ ସହିତ ପାଲାଣ୍ଟିରର ବହୁ କୋଟି ଡଲାରର ଚୁକ୍ତି ରହିଛି, ଯାହା ମାଧ୍ୟମରେ ପ୍ରବାସୀମାନଙ୍କର ବ୍ୟକ୍ତିଗତ ତଥ୍ୟ ସଂଗ୍ରହ କରାଯାଇ ସେମାନଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । କମ୍ପାନୀର ବିଭିନ୍ନ ପ୍ଲାଟଫର୍ମ ବ୍ୟାପକ ପରିମାଣର ତଥ୍ୟ ବିଶ୍ଳେଷଣ କରି ସରକାରୀ ଏଜେନ୍ସିଗୁଡ଼ିକୁ ନଜରଦାରୀ କରିବାରେ ସାହାଯ୍ୟ କରୁଛି । ଯେତେବେଳେ ଗୋଟିଏ ଘରୋଇ ଲାଭଖୋର କମ୍ପାନୀ ହାତରେ ଦେଶର ପ୍ରତିରକ୍ଷା ଏବଂ ନାଗରିକଙ୍କ ବ୍ୟକ୍ତିଗତ ତଥ୍ୟ ନିୟନ୍ତ୍ରଣ କରିବାର କ୍ଷମତା ରହେ, ସେତେବେଳେ ଗଣତନ୍ତ୍ରର ମୂଳଦୁଆ ଦୁର୍ବଳ ହୋଇପଡ଼େ ଏବଂ ଏକ ଡିଜିଟାଲ୍ ସର୍ବାଧିକାରବାଦ (**Digital Totalitarianism**) ସୃଷ୍ଟି ହୁଏ । ତଥ୍ୟକୁ ଏକ ଅସ୍ତ୍ର ଭାବରେ ବ୍ୟବହାର କରି ପାଲାଣ୍ଟିର ଭଳି କମ୍ପାନୀଗୁଡ଼ିକ ସରକାରୀ ନିଷ୍ପତ୍ତି ପ୍ରକ୍ରିୟାକୁ ନିଜ ନିୟନ୍ତ୍ରଣକୁ ନେଇଯାଉଛନ୍ତି, ଯାହା ଫଳରେ ସାଧାରଣ ନାଗରିକମାନେ କେବଳ କିଛି ଡାଟା ପଏଣ୍ଟରେ ପରିଣତ ହୋଇଯାଉଛନ୍ତି। ଏହା ଦ୍ୱାରା ବ୍ୟକ୍ତିଗତ ଗୋପନୀୟତା ସମ୍ପୂର୍ଣ୍ଣ ରୂପେ ଉଲ୍ଲଂଘନ ହେବା ସହ ଏକ ଭୟର ବାତାବରଣ ସୃଷ୍ଟି ହେଉଛି । ଏହି କମ୍ପାନୀର ଆଲଗୋରିଦମ୍ ଗୁଡ଼ିକ ଏତେ ଜଟିଳ ଯେ ସେଗୁଡ଼ିକ କିପରି କାର୍ଯ୍ୟ କରୁଛନ୍ତି ତାହା ସାଧାରଣ ଲୋକ ବା ଆଇନ ପ୍ରଣୟନକାରୀ ସଂସ୍ଥାମାନେ ମଧ୍ୟ ସମ୍ପୂର୍ଣ୍ଣ ରୂପେ ବୁଝିପାରୁ ନାହାନ୍ତି । ଏହା ଗଣତାନ୍ତ୍ରିକ ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱର ସମ୍ପୂର୍ଣ୍ଣ ବିରୁଦ୍ଧାଚରଣ କରୁଛି ।

ଏହି ପ୍ରସଙ୍ଗରେ ସବୁଠାରୁ ଭୟାବହ ଏବଂ ହୃଦୟବିଦାରକ ଦିଗଟି ହେଉଛି ପାଲାଣ୍ଟିରର କୃତ୍ରିମ ବୁଦ୍ଧିମତ୍ତାର ପ୍ରତ୍ୟକ୍ଷ ଏବଂ ସାଂଘାତିକ ବ୍ୟବହାର, ଯାହା ମୁଖ୍ୟତଃ ଇସ୍ରାଏଲ୍ ଦ୍ୱାରା ବ୍ୟବହୃତ ହେଉଛି । ବାସ୍ତବରେ ଗାଜାରେ ଯାହା ଘଟିଛି, ତାହାକୁ କୌଣସି ପାରମ୍ପରିକ ଯୁଦ୍ଧ କହିବା ସମ୍ପୂର୍ଣ୍ଣ ଭୁଲ୍ ହେବ; ବରଂ ଏହା ହେଉଛି ଇସ୍ରାଏଲ୍ ଦ୍ୱାରା ଗାଜାର ନିରୀହ ଏବଂ ସାଧାରଣ ନାଗରିକଙ୍କ ଉପରେ କରାଯାଇଥିବା ଏକ ଏକତରଫା ତଥା ବର୍ବର ଆକ୍ରମଣ । ଏହି ଆକ୍ରମଣରେ ପାଲାଣ୍ଟିରର ଜ୍ଞାନକୌଶଳ ଏକ ପ୍ରମୁଖ ଅସ୍ତ୍ର ପାଲଟିଛି । ୨୦୨୪ ମସିହା ଜାନୁଆରୀରେ ପାଲାଣ୍ଟିର ଇସ୍ରାଏଲର ପ୍ରତିରକ୍ଷା ମନ୍ତ୍ରଣାଳୟ ସହିତ ଏକ ସାମରିକ ରଣନୀତିକ ଚୁକ୍ତି ସ୍ୱାକ୍ଷର କରିଥିଲା । ଇସ୍ରାଏଲ୍ ସେନା ଗାଜାରେ ସାଧାରଣ ନାଗରିକ, ଡାକ୍ତରଖାନା ଏବଂ ଆବାସିକ ଅଞ୍ଚଳ ଉପରେ ଆକ୍ରମଣ କରିବା ପାଇଁ ଯେଉଁ ଏଆଇ ଟାର୍ଗେଟିଂ ସିଷ୍ଟମ୍ ବ୍ୟବହାର କରୁଛି, ସେଥିରେ ପାଲାଣ୍ଟିରର ତଥ୍ୟ ବିଶ୍ଳେଷଣ ଜ୍ଞାନକୌଶଳର ବହୁଳ ବ୍ୟବହାର ହେଉଛି । କମ୍ପାନୀର ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ପ୍ଲାଟଫର୍ମ ସ୍ୱୟଂଚାଳିତ ଭାବରେ ଟାର୍ଗେଟ୍ ଚିହ୍ନଟ କରି କିଲ୍ ଲିଷ୍ଟ ବା ହତ୍ୟା ତାଲିକା ପ୍ରସ୍ତୁତ କରୁଛି । ଏହି ଆଲଗୋରିଦମ୍ ଗୁଡ଼ିକର ନିର୍ଦ୍ଦୟ ପ୍ରୟୋଗ କାରଣରୁ ହଜାର ହଜାର ସଂଖ୍ୟାରେ ନିରୀହ ପିଲା, ମହିଳା ଏବଂ ବୃଦ୍ଧବୃଦ୍ଧାଙ୍କର ପ୍ରାଣହାନି ଘଟୁଛି । ଯେତେବେଳେ ଏକ ଯନ୍ତ୍ର ବା ସଫ୍ଟୱେର୍ ମଣିଷର ହସ୍ତକ୍ଷେପ ବିନା ନିଷ୍ପତ୍ତି ନିଏ ଯେ କିଏ ବଞ୍ଚିବ ଏବଂ କିଏ ମରିବ, ସେତେବେଳେ ଆନ୍ତର୍ଜାତିକ ମାନବୀୟ ଆଇନ ସମ୍ପୂର୍ଣ୍ଣ ରୂପେ ଲୋପ ପାଇଯାଏ । ପାଲାଣ୍ଟିର ନିଜର ପ୍ରଯୁକ୍ତିକୁ ବିଶେଷ ଭାବରେ ଇସ୍ରାଏଲକୁ ଯୋଗାଇ ଦେଇ ଗାଜାକୁ ଏକ ପ୍ରୟୋଗଶାଳା ବା ଏଆଇ ୱାର୍ ଲ୍ୟାବ୍ ରେ ପରିଣତ କରିଦେଇଛି, ଯେଉଁଠାରେ ନିରୀହ ନାଗରିକଙ୍କ ରକ୍ତ ବିନିମୟରେ ଏହି ମାରଣାସ୍ତ୍ରଗୁଡ଼ିକର ପରୀକ୍ଷଣ କରାଯାଉଛି । ଏହା କେବଳ ମାନବାଧିକାରର ଉଲ୍ଲଂଘନ ନୁହେଁ, ବରଂ ଏକ ସୁଚିନ୍ତିତ ଗଣହତ୍ୟାରେ ପ୍ରଯୁକ୍ତିବିଦ୍ୟାର ସହଭାଗିତା ଅଟେ । ଏକ ସଭ୍ୟ ସମାଜରେ ଏପରି ଯାନ୍ତ୍ରିକ ହତ୍ୟାଲୀଳାକୁ କେବେବି ଗ୍ରହଣ କରାଯାଇପାରିବ ନାହିଁ ।

ଏହି ବିଶ୍ୱବ୍ୟାପୀ ପରିବର୍ତ୍ତନ ଏବଂ ପାଶ୍ଚାତ୍ୟ ଟେକ୍ନୋ-ସାମ୍ରାଜ୍ୟବାଦର ବିପଦକୁ ଦୃଷ୍ଟିରେ ରଖି ଭାରତ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସତର୍କଘଣ୍ଟି ବାଜିସାରିଛି । ପାଶ୍ଚାତ୍ୟ ଦେଶଗୁଡ଼ିକର ଏହି ନୂତନ ଉପନିବେଶବାଦ ଏବଂ କୃତ୍ରିମ ବୁଦ୍ଧିମତ୍ତା କ୍ଷେତ୍ରରେ ସେମାନଙ୍କର ଏକଚାଟିଆ ଆଧିପତ୍ୟରୁ ରକ୍ଷା ପାଇବା ପାଇଁ ଭାରତକୁ ନିଜସ୍ୱ ଏଆଇ ଜ୍ଞାନକୌଶଳରେ ସମ୍ପୂର୍ଣ୍ଣ ଆତ୍ମନିର୍ଭରଶୀଳ ହେବାକୁ ପଡ଼ିବ । ଯଦି ଭାରତ ନିଜର ପ୍ରତିରକ୍ଷା, ଜାତୀୟ ସୁରକ୍ଷା, ସୀମା ପରିଚାଳନା ଏବଂ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ପାଇଁ ପାଲାଣ୍ଟିର ଭଳି ବିଦେଶୀ କମ୍ପାନୀ ବା ପାଶ୍ଚାତ୍ୟ ଆଲଗୋରିଦମ୍ ଉପରେ ନିର୍ଭର କରେ, ତେବେ ଏହା ଦେଶର ଡିଜିଟାଲ୍ ସାର୍ବଭୌମତ୍ୱ (**Digital Sovereignty**) ପ୍ରତି ଏକ ଚରମ ବିପଦ ସୃଷ୍ଟି କରିବ । ବିଦେଶୀ କମ୍ପାନୀଗୁଡ଼ିକ ହାତରେ ଭାରତୀୟ ନାଗରିକମାନଙ୍କର ସମ୍ବେଦନଶୀଳ ତଥ୍ୟ, ସାମରିକ ଗୋପନୀୟତା ଏବଂ ଅର୍ଥନୈତିକ ଡାଟା ରହିବା ଅର୍ଥ ହେଉଛି ଆମେ ପୁଣିଥରେ "ଡାଟା ଉପନିବେଶବାଦ" (**Data Colonization**) ର ଶିକାର ହେବା । ପାଶ୍ଚାତ୍ୟ ଦେଶଗୁଡ଼ିକରେ ନିର୍ମିତ ଏଆଇ ଆଲଗୋରିଦମ୍ ଗୁଡ଼ିକ ସେମାନଙ୍କ ନିଜସ୍ୱ ସାଂସ୍କୃତିକ ଏବଂ ରାଜନୈତିକ ପକ୍ଷପାତିତାକୁ ବହନ କରିଥାନ୍ତି, ଯାହା ଭାରତ ଭଳି ଏକ ବିବିଧତାପୂର୍ଣ୍ଣ ଏବଂ ଶାନ୍ତିପ୍ରିୟ ଦେଶ ପାଇଁ ଆଦୌ ଉପଯୁକ୍ତ ନୁହେଁ । ତେଣୁ, ଭାରତ ସରକାରଙ୍କୁ ସ୍ୱଦେଶୀ କୃତ୍ରିମ ବୁଦ୍ଧିମତ୍ତା ଗବେଷଣା, ସ୍ଥାନୀୟ ଭାଷା ଆଧାରିତ ମଡେଲ୍ ଏବଂ ସାମରିକ ଏଆଇ ପ୍ରଯୁକ୍ତିର ବିକାଶ ପାଇଁ ବ୍ୟାପକ ପୁଞ୍ଜି ବିନିଯୋଗ କରିବାକୁ ହେବ । ଭାରତର ସାମରିକ ଗବେଷଣା ସଂସ୍ଥା ଡିଆରଡିଓ, ଇସ୍ରୋ ଏବଂ ଘରୋଇ ଟେକ୍ ଷ୍ଟାର୍ଟଅପ୍ ଗୁଡ଼ିକ ମିଳିତ ଭାବରେ ଏପରି ସୁରକ୍ଷିତ ଏବଂ ନୈତିକ ଏଆଇ ବ୍ୟବସ୍ଥା ନିର୍ମାଣ କରିବା ଉଚିତ୍, ଯାହା ସମ୍ପୂର୍ଣ୍ଣ ରୂପେ ଭାରତୀୟ ନିୟନ୍ତ୍ରଣରେ ରହିବ । ଏକ ବହୁମୁଖୀ ବିଶ୍ୱ ବ୍ୟବସ୍ଥାରେ ଭାରତ ନିଜର ସ୍ୱାଧୀନ ବୈଦେଶିକ ନୀତି ଏବଂ ରଣନୀତିକ ସ୍ୱାଧୀନତା ବଜାୟ ରଖିବାକୁ ହେଲେ ବୈଷୟିକ ସ୍ୱାଧୀନତା ଏକ ମୌଳିକ ଆବଶ୍ୟକତା ଅଟେ । ବିନା ସ୍ୱଦେଶୀ ଏଆଇ କ୍ଷମତାରେ କୌଣସି ରାଷ୍ଟ୍ର ଭବିଷ୍ୟତର ଭୂ-ରାଜନୈତିକ ମଞ୍ଚରେ ନିଜର ସ୍ଥିତି ଦୃଢ଼ କରିପାରିବ ନାହିଁ କିମ୍ବା ପାଶ୍ଚାତ୍ୟ ବୈଷୟିକ ଆଧିପତ୍ୟର ମୁକାବିଲା କରିପାରିବ ନାହିଁ । ଏହା ସହିତ, ନିଜସ୍ୱ ତଥ୍ୟ କେନ୍ଦ୍ର ଏବଂ ସୁରକ୍ଷିତ କ୍ଲାଉଡ୍ ଭିତ୍ତିଭୂମି ସ୍ଥାପନ କରିବା ଦ୍ୱାରା ଭାରତ ନିଜର ନାଗରିକମାନଙ୍କ ତଥ୍ୟକୁ ସୁରକ୍ଷିତ ରଖିପାରିବ ଏବଂ ବାହ୍ୟ ଶକ୍ତିମାନଙ୍କର ହସ୍ତକ୍ଷେପକୁ ରୋକିପାରିବ । ଆଜିର ଡିଜିଟାଲ୍ ଯୁଗରେ ଯିଏ ତଥ୍ୟ ଏବଂ ଏଆଇକୁ ନିୟନ୍ତ୍ରଣ କରିବ, ସେ ହିଁ ଭବିଷ୍ୟତର ବିଶ୍ୱକୁ ନିୟନ୍ତ୍ରଣ କରିବ ।

ଏହି ସମ୍ବେଦନଶୀଳ ପରିପ୍ରେକ୍ଷୀରେ ବିଶ୍ୱ ସମୁଦାୟକୁ ଏକ କଠୋର ନିଷ୍ପତ୍ତି ନେବାର ସମୟ ଆସିଯାଇଛି । କୃତ୍ରିମ ବୁଦ୍ଧିମତ୍ତାର ବିକାଶକୁ ସମ୍ପୂର୍ଣ୍ଣ ରୂପେ ଅଟକାଯାଇ ପାରିବ ନାହିଁ ଏହା ସତ୍ୟ, କିନ୍ତୁ ଏହାର ପ୍ରୟୋଗ ଉପରେ କଠୋର ଅନ୍ତର୍ଜାତୀୟ ଆଇନ ଏବଂ ଗଣତାନ୍ତ୍ରିକ ନିୟନ୍ତ୍ରଣ ଲାଗୁ କରାଯିବା ନିତାନ୍ତ ଆବଶ୍ୟକ । ମିଳିତ ଜାତିସଂଘ ଏବଂ ଅନ୍ୟାନ୍ୟ ଆନ୍ତର୍ଜାତିକ ସଂଗଠନଗୁଡ଼ିକ ସାମରିକ କ୍ଷେତ୍ରରେ ଏଆଇର ବ୍ୟବହାରକୁ ନେଇ ସ୍ପଷ୍ଟ ନିୟମାବଳୀ ପ୍ରସ୍ତୁତ କରିବା ଦରକାର ଏବଂ ସ୍ୱୟଂଚାଳିତ ମାରଣାସ୍ତ୍ର ବା ଲିଥାଲ୍ ଅଟୋନୋମସ୍ ୱେପନ୍ସ ସିଷ୍ଟମ୍ସ ଉପରେ ବିଶ୍ୱବ୍ୟାପୀ ପ୍ରତିବନ୍ଧକ ଲଗାଇବା ଦିଗରେ କାର୍ଯ୍ୟ କରିବା ଉଚିତ୍ । ଘରୋଇ ଟେକ୍ କମ୍ପାନୀଗୁଡ଼ିକୁ ଯୁଦ୍ଧାସ୍ତ୍ର ଏବଂ ଟାର୍ଗେଟିଂ ସିଷ୍ଟମ୍ ବିକାଶ କରିବାକୁ ଖୋଲା ଛାଡ଼ିଦେବା ମାନବିକତା ପାଇଁ ଆତ୍ମଘାତୀ ସାବ୍ୟସ୍ତ ହେବ । ପାଲାଣ୍ଟିରର ଘୋଷଣାପତ୍ର କେବଳ ଏକ କମ୍ପାନୀର ବ୍ୟବସାୟିକ ରଣନୀତି ନୁହେଁ, ବରଂ ଏହା ହେଉଛି ମାନବ ସମାଜ ପାଇଁ ଏକ ଭୟଙ୍କର ଚେତାବନୀ ଯେ ଭବିଷ୍ୟତର ଆକ୍ରମଣ କେତେ ନିର୍ଦ୍ଦୟ ଏବଂ ଅମାନବୀୟ ହୋଇପାରେ । ମେସିନ୍ ଏବଂ ଆଲଗୋରିଦମ୍ କେବେହେଲେ ମଣିଷର ନୈତିକ ବିଚାରବୋଧ, ସମ୍ବେଦନଶୀଳତା ଏବଂ ନ୍ୟାୟବୋଧର ବିକଳ୍ପ ହୋଇପାରିବେ ନାହିଁ । ଅନ୍ୟପକ୍ଷରେ, ଭାରତ ଭଳି ବିକାଶଶୀଳ ରାଷ୍ଟ୍ରମାନଙ୍କୁ ନିଜର ପ୍ରଯୁକ୍ତିଗତ ଦକ୍ଷତା ବୃଦ୍ଧି କରି ଏହି ପାଶ୍ଚାତ୍ୟ ଏକଚାଟିଆ ବଜାରକୁ ଭାଙ୍ଗିବାକୁ ପଡ଼ିବ । ଟେକ୍ନୋଫାସିବାଦର ଏହି କଳା ବାଦଲକୁ ଦୂର କରିବା ପାଇଁ ସମଗ୍ର ବିଶ୍ୱର ନାଗରିକ ସମାଜ, ମାନବାଧିକାର କର୍ମୀ, ଗଣମାଧ୍ୟମ ଏବଂ ନୀତି ନିର୍ଦ୍ଧାରକମାନଙ୍କୁ ଏକଜୁଟ ହୋଇ ସ୍ୱର ଉତ୍ତୋଳନ କରିବାକୁ ପଡ଼ିବ । ଆମକୁ ଏହା ସୁନିଶ୍ଚିତ କରିବାକୁ ହେବ ଯେ ପ୍ରଯୁକ୍ତିବିଦ୍ୟା ସର୍ବଦା ମାନବ କଲ୍ୟାଣ, ଗଣତନ୍ତ୍ରର ସୁରକ୍ଷା ଏବଂ ଶାନ୍ତି ପ୍ରତିଷ୍ଠା ପାଇଁ ବ୍ୟବହୃତ ହେବ, ମାନବ ବିନାଶ ଏବଂ କର୍ପୋରେଟ୍ ଏକଚ୍ଛତ୍ରବାଦର ଅସ୍ତ୍ର ଭାବରେ ନୁହେଁ ।

## ଧ୍ୱନି ପ୍ରତିଧ୍ୱନି

# ଦଣ୍ଡ ସୁଧାର ଏବଂ ବିଶ୍ୱାସ ଆଧାରିତ ନ୍ୟାୟିକ ଯାତ୍ରା



**ଗୋପାଳ ମହାପାତ୍ର**

ଜନବିଶ୍ୱାସ (ପ୍ରାବଧାନରେ ସଂଶୋଧନ) ବିଧେୟକ-୨୦୨୬ ଅନୁସାରେ ୭୯ ଟି କେନ୍ଦ୍ରୀୟ ଆଇନରେ ୭୮୦ରୁ ଅଧିକ ପ୍ରାବଧାନକୁ ସଂଶୋଧନ କରାଯାଇଛି। ଏପରିକି ହଜାରେ ରୁ ଅଧିକ ଛୋଟ ମୋଟ ଉଲଂଘନ ଘଟଣାକୁ ଅପରାଧ ଶ୍ରେଣୀରୁ ବାହାର କରିଦିଆଯାଇଛି ଅଥବା ସେସବୁ ଘଟଣା ପାଇଁ ଜୋରିମାନା/ ଚେତାବନୀର ବ୍ୟବସ୍ଥା କରାଯାଇଛି। ଏହାର ଢାଞ୍ଚା "ବିଶ୍ୱାସ ଆଧାରିତ ଶାସନ" ଉପରେ ପର୍ଯ୍ୟବେଶିତ ଅର୍ଥାତ୍ ମାମୁଲି ଟେକନିକ ତ୍ରୁଟି ବା ଅଜାଣତରେ କରାଯାଇଥିବା ଭୁଲ ପାଇଁ ଜେଲ ଦଣ୍ଡ ଭଳି କଠୋର ଦଣ୍ଡ ପରିବର୍ତ୍ତେ ନିୟମ ପାଳନ କରାଇବା ଏବଂ ଅନୁପାଳନକୁ ଗୁରୁତ୍ୱ ଦିଆଯିବା ହେଉଛି ଏହାର ଲକ୍ଷ। ପ୍ରଶ୍ନ ଉଠୁଛି ଯେ ଏହି ଜନବିଶ୍ୱାସ ବିଧେୟକ-୨୦୨୬ର ଫାଇଦା କାହାକୁ ମିଳିବ? ଏହାର ଲାଭ ୪ଟି ଗୋଷ୍ଠୀଙ୍କୁ ମିଳିବ। ପ୍ରଥମତଃ ସାଧାରଣ ନାଗରିକ ଏବଂ ଛୋଟ ଉପଭୋକ୍ତାଙ୍କୁ ଏହାର ଲାଭ ମିଳିବ। ପୁରୁଣା ଆଇନ୍ ଅନୁସାରେ ଛୋଟ ଛୋଟ ତ୍ରୁଟି (ଲାଇସେନ୍ସକୁ ଧାର୍ଯ୍ୟ ଅବଧିର ପରେ ନବୀକରଣ କରିବା, ଟେକନିକ ଦସ୍ତାବିଜ୍ର ଅଭାବ ଆଦି) ପାଇଁ ଅପରାଧିକ ମାମଲା ଏବଂ ଜେଲ ଦଣ୍ଡର ପ୍ରାବଧାନଥିଲା କିନ୍ତୁ ଏବେ ଏଭଳି ମାମଲାରେ ଜୋରିମାନା ବା ଚେତବନୀ ରହିବ। ଏହା ଫଳରେ ନାଗରିକ ମାନେ ଆଶ୍ୱସ୍ତି ପାଇ ପାରିବେ। 'ଦ୍ୱିତୀୟରେ ବ୍ୟବସାୟୀ, ଷ୍ଟାର୍ଟଅପ ଏବଂ ଏମ୍ଏସଏମ୍ଇଙ୍କୁ ଆଶ୍ୱସ୍ତି ମିଳିବ। ଏବେ ୭୦୦ରୁ ଅଧିକ ପ୍ରାବଧାନକୁ ବ୍ୟବସାୟିକ ସୁଗମତା ପାଇଁ ଅପରାଧମୁକ୍ତ କରାଯାଇଛି। ଲାଇସେନ୍ସ ପଞ୍ଜିକରଣ ଓ ଆୟକର ରିଟର୍ଣ୍ଣ ଦାଖଲ କରିବାରେ ସାମୟିକ ବିଳମ୍ବ ଭଳି ଘଟଣାରେ ପୂର୍ବରୁ ଜେଲ ଦଣ୍ଡ ଥିଲା କିନ୍ତୁ ଏବେ ଜେଲଦଣ୍ଡ ପ୍ରାବଧାନକୁ ହଟାଇ ଦିଆଯାଇଛି। ଉଦ୍ୟୋଗ ସଂଗଠନ (ସିଆଇଆଇ)ର ମତ ହେଉଛି ଏହି ଆଇନ କାର୍ଯ୍ୟକାରୀ ହେବାଦ୍ୱାରା ଅନୁପାଳନ ବୋଝ୍ କମିବ, ବିବାଦର ସମାଧାନ ଶୀଘ୍ର ହେବ ଏବଂ ନିବେଶକଙ୍କ ବିଶ୍ୱାସ ବଢିବ।

ତୃତୀୟତଃ ଲାଭବାନ ହେବେ ନିବେଶକ ଏବଂ ବଡ଼ ବଡ଼ କମ୍ପାନୀମାନେ, କାରଣ ଅପରାଧମୁକ୍ତ କରାଯାଇଥିବା ଉପବନ୍ଧର ସଂଖ୍ୟା ଅଧିକ ହେବା କାରଣରୁ ରେଗୁଲେଟରି ରିସ୍କ ଏବଂ ଅଚାନକ ଅପରାଧିକ ମାମଲାର ଆଶଙ୍କା କମିଯିବ ଯାହା ପୁଞ୍ଜିନିବେଶ ପାଇଁ ଅନୁକୂଳ ବାତାବରଣ ସୃଷ୍ଟି କରିବ। ଏଫଡିଆଇ (ବିଦେଶୀ ପୁଞ୍ଜି ସିଧାସଳଖ ନିବେଶ) ଏବଂ କର୍ପୋରେଟ ଭରଷା ବଢାଇବା ପାଇଁ କମ୍ ଦଣ୍ଡାତ୍ମକ ନିୟମନ ମଡ୍ଲେ ପ୍ରସ୍ତୁତ କରାଯାଇଛି, କିନ୍ତୁ ଗୁରୁତର ଠକେଇ ବା ପରିବଷ/ ଜନ ସ୍ୱାସ୍ଥ୍ୟ ଭଳି ଗମ୍ଭୀର ଅପରାଧ ପାଇଁ ଦଣ୍ଡର ପ୍ରାବଧାନ ପୂର୍ବବତ ରହିଛି, ଏହି ନୂଆ ଆଇନ୍ର ଲାଭ ୪ର୍ଥ ବର୍ଗ ନ୍ୟାୟପାଳିକା ଏବଂ ପ୍ରଶାସନକୁ ମିଳିବ କାରଣ ଛୋଟ ଛୋଟ ଅପରାଧିକ ମାମଲା କମିଲେ ଅଦାଲତାଙ୍କ ଉପରୁ ଚାପ କମିବ ଏବଂ ଗୁରୁତର ମାମଲା ବିଚାର ପାଇଁ ନ୍ୟାୟପାଳୟଙ୍କୁ ଅଧିକ ସମୟ ମିଳିବ। ସେହିପରି ପ୍ରଶାସନକୁ ମଧ୍ୟ ଅଧିକ ନିୟମ ଆଧାରିତ, ଦଣ୍ଡ ଆଧାରିତ ତୁଳନାରେ ଅନୁପାଳନ ଆଧାରିତ ଦୃଷ୍ଟିକୋଣ ଆପଣେଇବା ପାଇଁ ପ୍ରେରଣା ମିଳିବ।

ସଂକ୍ଷେପରେ କହିବାକୁ ଗଲେ ଜନ ବିଶ୍ୱାସ ବିଧେୟକରୁ ସବୁଠାରୁ ଅଧିକ ଫାଇଦା ସାଧାରଣ ନାଗରିକ, ଛୋଟ ବ୍ୟବସାୟୀ, ଏମ୍ଏସଏମ୍ଇ, ଷ୍ଟାର୍ଟଅଫ ଏବଂ ନିବେଶକଙ୍କୁ ମିଳିବ। କାରଣ ଏହା ସେମାନଙ୍କ ପାଇଁ ନିୟମର ଡ଼ର କମ୍ କରିଛି ଏବଂ ଅନୁପାଳନକୁ ସହଜ କରିଦେଇଛି। କିନ୍ତୁ ଆଭ୍ୟନ୍ତରୀଣ ସୁରକ୍ଷା ଭଳି ଗୁରୁତର ଘଟଣା ପାଇଁ ଏବେ ବି ଶକ୍ତ ଦଣ୍ଡର ବ୍ୟବସ୍ଥା ରହିଛି। ଜନ ବିଶ୍ୱାସ ବିଧେୟକର ମୁଖ୍ୟ ଆଲୋଚନା ଏହାର "ଅଧିକ ବ୍ୟାପକ ଏବଂ ଏକ ସୁତ୍ରୀ ସଂଶୋଧନ", କାର୍ମିକ କେନ୍ଦ୍ରୀତ ଦଣ୍ଡ ନିର୍ଦ୍ଧାରଣ, ପରିବେଷ ଏବଂ ଶ୍ରମ ଅଧିକାର ଉପରେ ନରମ ଦୃଷ୍ଟିକୋଣ ଏବଂ ନ୍ୟାୟିକ ଉତ୍ତରଦାୟୀକୁ କମଜୋର କରିବା ପ୍ରସଙ୍ଗକୁ ନେଇ ଉଠୁଛି। ଅନେକ ଆଲୋଚକଙ୍କ ମତରେ ୭୯ଟି କେନ୍ଦ୍ରୀୟ ଆଇନ୍ର ୭୮୦ରୁ ଅଧିକ ପ୍ରାବଧାନକୁ ଗୋଟିଏ ଦୃଷ୍ଟିରେ ବଦଳାଯାଇଛି ଓ ସବୁଆଇନ୍ର ସନ୍ଦର୍ଭରେ ଜଟିଳତାକୁ ଅଲଗା ଅଲଗା ଭାବରେ ଦେଖାଯାଇନାହିଁ।

ଏହି ବିଧେୟକରେ ନିର୍ଣ୍ଣାୟକ ଅଧିକାରୀଙ୍କ ନିଯୁକ୍ତିର ବ୍ୟବସ୍ଥା ରହିଛି। ନିର୍ଣ୍ଣାୟକ ଅଧିକାରୀ ଜୋରିମାନା ମଧ ଲଗାଇପାରିବେ। ଆଲୋଚକଙ୍କ ମତ ହେଉଛି ଅଧିକାଂଶ ଦଣ୍ଡ ନିର୍ଦ୍ଧାରଣ ନ୍ୟାୟପାଳିକା ପରିବର୍ତ୍ତେ ପ୍ରଶାସନ ହାତକୁ ଚାଲିଯିବ ଯାହାଫଳରେ କ୍ଷମତାର ଦୁରୁପଯୋଗ, ଭ୍ରଷ୍ଟାଚାର ବା ବ୍ୟକ୍ତିଗତ ଦୁର୍ବ୍ୟବହାର ଭଳି ଘଟଣା ଘଟିବ। ଅନେକ ପରିବେଷ (ବାତାବରଣ) ସଂରକ୍ଷଣ, ଜଙ୍ଗଲ ଏବଂ ପ୍ରଦୂଷଣ ସହ ଜଡିତ ଆଇନ୍ରେ ପୂର୍ବରୁ ଜେଲ ଦଣ୍ଡର ବ୍ୟବସ୍ଥାଥିଲା କିନ୍ତୁ ଏବେ କେବଳ ଜୋରିମାନାର ବ୍ୟବସ୍ଥା ରହିଛି। ଏଣୁ ଆଲୋଚକ ମାନେ ଆଶଙ୍କା କରୁଛନ୍ତି ଯେ ବଡବଡ କମ୍ପାନୀ ମାନେ ଅଧିକ ଜୋରିମାନା ଦାଖଲ କରି ପ୍ରଦୂଷଣ ଓ ଜଙ୍ଗଲରୁ ଗଛ କାଟିବା ପାଇଁ ସକ୍ଷମ ହେବେ। ଅନେକ ବିରୋଧିଦଳ ଏବଂ ଶ୍ରମ ସଂଗଠନ ମାନେ ଏହି ବିଧେୟକକୁ "କର୍ପୋରେଟ ଫ୍ରେଣ୍ଡଲି / ଆଣ୍ଟି ଲେବର"ର ଆଖ୍ୟା ଦେଉଛନ୍ତି କାରଣ ଛୋଟ ମୋଟ ଉଲଂଘନ ପାଇଁ ଦଣ୍ଡ କୋହଳ ହେଲେ କମ୍ପାନୀ ମାନଙ୍କ ଉତ୍ତରଦାୟୀତ୍ୱ କମିଯିବ। ଯୁକ୍ତି ହେଉଛି ଯେ ଶ୍ରମିକଙ୍କୁ ସବୁବେଳେ ନିୟମ ଉଲଂଘନ ପାଇଁ ଦଣ୍ଡ ମିଳିଥାଏ କିନ୍ତୁ ସଂସ୍ଥାର ମୁଖିଆଙ୍କୁ ଏହି ନିୟମ ଅନୁସାରେ ଆଶ୍ୱସ୍ତି ମିଳିବ।

ଏହି ବିଧେୟକ କେବଳ କେନ୍ଦ୍ରୀୟ ଆଇନ ଉପରେ ଲାଗୁହେବ କିନ୍ତୁ ତୃଣମୂଳ ସ୍ତରରେ ଅଧିକାଂଶ ବ୍ୟବସାୟିକ ଅନୁପାଳନ ରାଜ୍ୟର ଆଇନ୍ ଅନୁସାରେ ହୋଇଥାଏ। ଏଣୁ ଯେ ପର୍ଯ୍ୟନ୍ତ ରାଜ୍ୟ ସରକାର ମାନେ ରାଜ୍ୟସ୍ତରର ଆଇନ୍ରେ ପରିବର୍ତ୍ତନ ନଆଣିବେ ସେପର୍ଯ୍ୟନ୍ତ ଜନତା ଏବଂ ବ୍ୟବସାୟୀଙ୍କୁ ଆଇନର ଲାଭ ମିଳିବ ନାହିଁ ଏବଂ କେନ୍ଦ୍ର ଓ ରାଜ୍ୟସ୍ତରରେ ନିୟାମକ ବ୍ୟବସ୍ଥା ଅସମାନ ରହିବ। ଅନେକ ମାମଲାରେ ଜୋରିମାନା ରାଷି ବଢାଇ ଦିଆଯାଇଛି। ବିରୋଧୀଙ୍କ ମତରେ ଏହା ସାଧାରଣ ନାଗରିକ ଓ ବ୍ୟବସାୟୀଙ୍କ ପାଇଁ ବୋଝ ହେବ। ଜନ ବିଶ୍ୱାସ ବିଧେୟକ ର ପ୍ରଭାବକୁ ନେଇ ବିଶେଷଜ୍ଞ ବା ନୀତି ବିଶ୍ଳେଷକ, ନ୍ୟାୟଶାସ୍ତ୍ରୀ, ଉଦ୍ୟୋଗ ସଂଗଠନ ଏବଂ ସରକାରୀ ବୟାନରେ ଭିନ୍ନତା ରହିଛି। ଅନେକେ ଏହାକୁ ବ୍ୟବସାୟୀକ ସୁଗମତା ଏବଂ ବିଶ୍ୱାସ ଆଧାରିତ ଶାସନ ଦିଗରେ ଏକ ବଡ ପଦକ୍ଷେପ ବୋଲି କହୁଥିବା ବେଳେ କେତେକଙ୍କ ମତ ହେଉଛି ଉତ୍ତର ଦାୟିତ୍ୱ କମିଯିବ ଏପରିକି ନିୟାମକ ଶକ୍ତିର ଦୁରୁପଯୋଗ ମଧ୍ୟ ହୋଇପାରେ। ସରକାର ଏହାକୁ "ଆଇନ ଢାଞ୍ଚାର ମାନବୀୟ ଏବଂ ବ୍ୟବହାରିକ" କରିବାର ପ୍ରୟାସ ବୋଲି କହିଛନ୍ତି। ଉଦ୍ୟୋଗ ସଂଗଠନ ଏବଂ ଅର୍ଥନୀତି ବିଶାରଦ ମାନେ ଏହି ଆଇନ ଦ୍ୱାରା ଏମ୍ଏସଏମ୍ଇ, ଷ୍ଟର୍ଟଅପ ଏବଂ ନିବେଶକଙ୍କ ଉପରୁ ଅନୁପାଳନର ବୋଝ କମିବ ଫଳରେ ବ୍ୟବସାୟିକ ସୁଗମତା ଏବଂ ଜୀବନ ସୁଗମତା ଉଭୟରେ ସୁଧାର ଆସିବ ବୋଲି କହୁଛନ୍ତି।

ଅନେକ ବିଶ୍ଳେଷକଙ୍କ ମତ ହେଉଛି ନିର୍ଣ୍ଣାୟକ ଅଧିକାରୀଙ୍କୁ ଜୋରିମାନା ନିର୍ଦ୍ଧାରଣ କରିବାର ଦାୟୀତ୍ୱ (ଶକ୍ତି) ଦିଆଗଲେ ଉତ୍ତରଦାୟୀତ୍ୱ ଏବଂ ପାରଦର୍ଶୀତାର ବ୍ୟବସ୍ଥା ମଜଭୁତ ହେବା ଉଚିତ୍, ଅନ୍ୟଥା ଏହା ଦୁରୁପଯୋଗ ପାଇଁ ରାସ୍ତା ପ୍ରଶସ୍ତ କରିଦେବ। ଅନେକ ଅର୍ଥନୀତି ବିଶେଷଜ୍ଞ ଏବଂ ସରକାରୀ ନୀତି ବିଶେଷଜ୍ଞଙ୍କ ମତରେ ଏହା ଏକ ବଡ଼ ପଦକ୍ଷେପ କିନ୍ତୁ କାର୍ଯ୍ୟାନ୍ୱୟନରେ ପାରଦର୍ଶୀତା, ନିୟମନ ସମୀକ୍ଷା ଏବଂ ନ୍ୟାୟିକ ଢାଞ୍ଚା ବ୍ୟବସ୍ଥା ରଖାଯିବା ଆବଶ୍ୟକ। ଭାରତ ଭଳି ଗଣତାନ୍ତ୍ରିକ ବ୍ୟବସ୍ଥାରେ ଆଇନର ଉଦ୍ଦେଶ୍ୟ କେବଳ ଦଣ୍ଡ ଦେବା ନୁହେଁ ବରଂ ବ୍ୟବସ୍ଥା, ଅନୁଶାସନ ସୁଧାର ଏବଂ ବିଶ୍ୱାସର ବାତାବରଣ ସୃଷ୍ଟି କରିବା। ଏହି ଦୃଷ୍ଟିରୁ ଜନ ବିଶ୍ୱାସ ବିଧେୟକ ୨୦୨୬ ଆଇନରେ ପରିଣତ ହେବା ପରେ ସାଧାରଣ ଲୋକେ ଏହାର ଲାଭ ପାଇ ପାରିବେ।

+ରାମଚନ୍ଦ୍ରପୁର, ରଣପୁର
ମୋ ୯୪୩୮୪୮୫୦୯୪

# କୀର୍ତ୍ତି କିମ୍ବଦନ୍ତୀରେ ମା' ଜୟଚଣ୍ଡୀ ଶକ୍ତିପୀଠ



**ଅମରନାଥ ବାରିକ୍**

(ପୂର୍ବ ପ୍ରକାଶିତ ଉତ୍ତାରୁ...) ଲୁଗା ବେପାରୀ ଆସି ପଇସା ମାଗିବାରୁ ମାନ ପଣ୍ଡା ଚକିତ ହୋଇଗଲେ । କିଏ ବାରମ୍ବାର ମୋ ନାଁ କହି ଜିନିଷ ରଖୁଛି ? ପୁଣି କହୁଛି 'ମଲ୍ଲିପୁର ଗ୍ରାମରେ ମୋ ବାପା ମାନ ପଣ୍ଡା ଅଛନ୍ତି, ତାଙ୍କ ଠାରୁ ପଇସା ମାଗି ନେଇଯିବେ ।' ଏମିତି କିଛି ସୂତ୍ରରୁ ମାନ ପଣ୍ଡା ଜାଣି ପାରିଲେ କି ସେ ହେଉଛନ୍ତି ମୋ ମା' ଜୟଚଣ୍ଡୀ । ବହୁ ଭକ୍ତଙ୍କୁ ମଧ ମା' ସ୍ୱପ୍ନରେ ଦେଖା ଦେଇଛନ୍ତି । ସେହି ସ୍ଥାନରେ ମା' ରାତ୍ରି ସମୟରେ ଖେଳାବୁଲା କରିବାରେ ବହୁତ ଭକ୍ତ ମଧ୍ୟ ନିଜ ଆଖିରେ ଦେଖିଛନ୍ତି ।

ଏହି ଐତିହାସିକ ପ୍ରମୁଖ ଧର୍ମସ୍ଥଳୀ କୟାଁ ପଞ୍ଚାୟତର ଆରାଧ ଦେବୀ ତଥା ପୂର୍ବ ଯାଜପୁର ଅଧିଷ୍ଠାତ୍ରୀ ଦେବୀ ମା' ଜୟଚଣ୍ଡୀ । ଏହି ଶକ୍ତିପୀଠରେ ମା'ଙ୍କ ଉଦ୍ଦେଶ୍ୟରେ ହେଉଥିବା ଅର୍ଥାତ୍ ଶ୍ରଦ୍ଧାଳୁ ମାନଙ୍କ ମଙ୍ଗଳ କାମନା ପାଇଁ ପଞ୍ଚଦିବସୀୟ ବିଶ୍ୱଶାନ୍ତି ମହାଯଜ୍ଞ ଭଳି ପବିତ୍ର ମହୋତ୍ସବ ଅତି ଆଡମ୍ବରରେ ଅନୁଷ୍ଠିତ ହୋଇଥାଏ । ଏହି ଐତିହାସିକ ପ୍ରମୁଖ ବାର୍ଷିକ ପଞ୍ଚଦିବସୀୟ ଅମୃତ ମହୋତ୍ସବ ଫଗୁ ଅଷ୍ଟମୀ ଠାରୁ ଆରମ୍ଭ ହୋଇ ଦ୍ୱାଦଶୀ ପର୍ଯ୍ୟନ୍ତ ଚାଲିଥାଏ । କୟାଁ ପଞ୍ଚାୟତର ଏହି ଐତିହାସିକ ଆଞ୍ଚଳିକ ମେଳା ଜନସାଧାରଣଙ୍କର କଲ୍ୟାଣ ହୋଇ ପାରିଛି । ଅଞ୍ଚଳବାସୀ ମାନେ ବଡ଼ ଧୁମ୍ ଧାମ ରେ ପାଳନ କରନ୍ତି। ବାର ମାସର ତେର ପର୍ବ ମଧରୁ ଏହି ପର୍ବଟି ଅନ୍ୟତମ ପ୍ରମୁଖ ପର୍ବ । ମା'ଙ୍କର ଏହି ଉତ୍ସବରେ ହଜାର ହଜାର ଭକ୍ତମାନଙ୍କର ସମାଗମ ବେଳେ ଯାଜପୁର ସମେତ ଆଉ ଦୁଇ ପଡ଼ୋଶୀ ଭଦ୍ରକ ଓ କେନ୍ଦ୍ରାପଡ଼ା ଜିଲ୍ଲାର ଶ୍ରଦ୍ଧାଳୁମାନେ ଶୋଭା ଯାତ୍ରାରେ ଅଂଶଗ୍ରହଣ କରି କଳସରେ ଜଳ ଆଣି ଯଜ୍ଞ ବେଦୀରେ ଘଟ ସ୍ଥାପନ କରିଥାନ୍ତି। ଯଜ୍ଞ କାର୍ଯ୍ୟକୁ ପୁରୋଧା ତଥା ମନ୍ଦିରର ପ୍ରମୁଖ ସେବାୟତ ଓ ମଲ୍ଲୀପୁର ଗ୍ରାମଠାରୁ ଆରମ୍ଭ କରି ଯାଜପୁରର ସମସ୍ତ ସହଯୋଗୀ ବାହ୍ମଣ ମାନେ ଅଗ୍ନି ସ୍ଥାପନା କରିବା ସହିତ ଘୃତାହୁତି ପ୍ରଦାନ କରନ୍ତି। ପରେ ସୂର୍ଯ୍ୟ ଦେବତାଙ୍କୁ ପୂଜା, ଗୋ ପୂଜା, ଭୂମି ପୂଜନ, ବାୟୁ ପୂଜା, ଜଳ ପୂଜା ସମେତ ମା' ଜୟଚଣ୍ଡୀଙ୍କ ପୂଜାର୍ଚ୍ଚନା ହୋଇ ଷୋଡ଼ଶ ଉପଚାର ପୂଜା ହେବା ପରେ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଥାଏ। ବଡ ବିଚିତ୍ର କଥା ହେଲା ଯଜ୍ଞ କୁଣ୍ଡରେ ଯେଉଁ ଅଗ୍ନି ସଂଯୋଗ କରାଯାଏ ତାହା କେଉଁ ଦିଆସିଲ ବା ଅନ୍ୟ କୌଣସି ଉପାୟରେ ନୁହେଁ, ବରଂ ସୂର୍ଯ୍ୟଙ୍କର ପ୍ରଖର କିରଣରୁ ଜ୍ୟୋତି ଆଣି ଯଜ୍ଞ କୁଣ୍ଡରେ ଅଗ୍ନି ସଂଯୋଗ କରାଯାଇଥାଏ। ଏହି ଅବସରରେ ପ୍ରତ୍ୟେକ ଆଧ୍ୟାତ୍ମିକ ପ୍ରବଚନ, ଭଜନ, ଜଣାଣ, କୀର୍ତ୍ତନ, ସାଂସ୍କୃତିକ ପାଲା ଇତ୍ୟାଦି ପରିବେଷଣ କରାଯାଇଥାଏ । ସମସ୍ତ ଶ୍ରଦ୍ଧାଳୁ ଭକ୍ତମାନଙ୍କ ପାଇଁ ଦିବାନିଶି ପ୍ରସାଦ ସେବନର ବ୍ୟବସ୍ଥା ମଧ କରାଯାଇଥାଏ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ସାହିତ୍ୟ, କଳା ସଂସ୍କୃତିକୁ ପ୍ରୋତ୍ସାହିତ କରି ଆଗାମୀ ପିଢ଼ି ତଥା ଯୁବ ସମାଜକୁ ଆଧାତ୍ମିକ ଡୋରିରେ ବାନ୍ଧି ରଖିବା ପାଇଁ ଓଡ଼ିଶାର ବହୁ ଲୋକପ୍ରିୟ ସୁନାମଧନ୍ୟ ବରିଷ୍ଠ ଗାୟକ ମାନଙ୍କ ଦ୍ୱାରା ବାଦି ପାଲା ଅନୁଷ୍ଠିତ କରାଯାଇଥାଏ । ଫଳରେ ରୀତିନିତି ଅନୁଯାୟୀ ମନ୍ତ୍ରଧ୍ୱନି ସହିତ ହରିବୋଲ ହୁଳହୁଳି ଯଜ୍ଞସ୍ଥଳରେ ଆଧାତ୍ମିକ ପରିବେଶ ସୃଷ୍ଟି କରିଥାଏ । ମା'ଙ୍କ କୃପା ସାନିଧ ଲାଭ କରିବା ସହିତ ପାଞ୍ଚଦିନ ଧରି ମହୋତ୍ସବ ଚତୁର୍ପାର୍ଶ୍ୱରେ ବିଭିନ୍ନ ଦୋକାନ ବଜାର ପଡ଼ିଥାଏ । ଏହି ଅମୃତ ମହୋତ୍ସବକୁ ଦେଖଭାଲ ଓ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ପାଇଁ ସ୍ୱତନ୍ତ୍ର କମିଟି ଗଠନ କରାଯାଇଛି । ମା'ଙ୍କ ଶକ୍ତିପୀଠରେ ପାଞ୍ଚଦିନ ବ୍ୟାପି ପାଳିତ ଏହି ମହାସମାରୋହରେ କମିଟିର କର୍ମକର୍ତ୍ତାବୃନ୍ଦ ନିଷ୍ଠାର ସହିତ ସେବା କରିଥାନ୍ତି ।

କୟାଁ, ଲକ୍ଷ୍ମୀପୁର, ଗୁଣ୍ଡୁଣିପଡ଼ା, ଗୋପବନ୍ଧୁ ନଗର, କୟାଁଗୋଲା, ଇଚ୍ଛାପୁର, ବଳରାମପୁର, ଧରମପୁର, ଗହିରାପାଳ, ଦରବା, ଗରବନ୍ଧ, କମାରଡିହ, ଲାଲବାଗ, ଦୁବକଣ, ଯୋଗୀମଠ, କୁଳସାହି, ମଲ୍ଲୀପୁର ସମେତ ଇଟାପଡ଼ା ଭଳି ଛୋଟ ବଡ଼ ଗ୍ରାମ ମାନଙ୍କରେ ଚାନ୍ଦା ଆଦାୟ କରାଯାଇଥାଏ । ଅତି ଉଲ୍ଲାସର ସହିତ ଭକ୍ତ ମାନେ ଯିଏ ଯାହା ପାରିଲା ମା'ଙ୍କ ପାଖରେ ସମର୍ପଣ କରିଥାଆନ୍ତି । ମାନସିକ କରି ଘିଅ, ଚାଉଳ, ଫୁଲ, କାଠ, ଧୂପ, ଦୀପ, ପରିବା ଏମିତିକି ଭୋଗ ପର୍ଯ୍ୟନ୍ତ ଆଣି ଅଧିଷ୍ଠାତ୍ରୀ ଦେବୀଙ୍କ ଚରଣରେ ସମର୍ପିତ କରନ୍ତି । ଏହି ଉତ୍ସବରେ ଦେଶ ବିଦେଶରେ ରହୁଥିବା ଅଞ୍ଚଳବାସୀ ମାନେ ଆସି ଯୋଗ ଦେଇଥାଆନ୍ତି । ଏହି ଅମୃତ ମହୋତ୍ସବ ଫାଲ୍ଗୁନ ମାସରେ ପଡ଼ିଥାଏ । ମାତ୍ର ଶିବରାତ୍ରୀ ଦୋଳପୂର୍ଣ୍ଣିମାର ଅନ୍ତରାଳରେ । ଆହୁରି ଏକ ଆନନ୍ଦର ବିଷୟ ଅଞ୍ଚଳବାସୀ ମାନେ ଝିଅ ପୁଅଙ୍କ ବିବାହ ବ୍ରତଭଳି ବିଭିନ୍ନ ଶୁଭ କାର୍ଯ୍ୟ ମଧ ଏହି ଧର୍ମ ପୀଠରେ କରାଇ ଥାଆନ୍ତି । କୟାଁ ପଞ୍ଚାୟତର ଏହା ସର୍ବ ପୁରାତନ ପ୍ରାଚୀନ ମନ୍ଦିର ଅଟେ । ପ୍ରାୟ କୋଡ଼ିଏ ଫୁଟ୍ ଉଚ୍ଚତା ବିଶିଷ୍ଟ ଏହି ମନ୍ଦିର ଅଟେ । ଆଜିକୁ ସହସହ ବର୍ଷ ତଳେ କାଠରେ ନିର୍ମିତ ଥିଲା ଏହା । ମାତ୍ର ପଚାଶ ବର୍ଷ ତଳେ କୟାଁ ଗ୍ରାମର ଜଣେ ମା'ଙ୍କ ଭକ୍ତ ଶ୍ରୀ ବୈଷ୍ଣବ ଚରଣ ପରିଡ଼ା ମନ୍ଦିର ନିର୍ମାଣ କରିବାରେ ତାଙ୍କର ପ୍ରଥମ ଏକ ସ୍ୱତନ୍ତ୍ର ପ୍ରମୁଖ ଭୂମିକା ରହିଥିଲା । ପରବର୍ତ୍ତୀ ସମୟରେ ଏହି ଐତିହାସିକ ମନ୍ଦିରର ସରକାରଙ୍କ ପକ୍ଷରୁ ପୁନର୍ନିର୍ମାଣ କରାଯାଇଥିଲା ଏହି ମନ୍ଦିରର ମୁଖ୍ୟ ଦ୍ୱାର ପୂର୍ବ ଆଡ଼କୁ ରହିଛି । ଦ୍ୱାର ସାମ୍ନାକୁ ଲାଗି ଏକ ବିରାଟ ଯଜ୍ଞ କୁଣ୍ଡର ନିର୍ମାଣ ହୋଇଛି । ମନ୍ଦିରର ବାମ ପାର୍ଶ୍ୱରେ ଏକ ରୋଷେଇ ଘର ତିଆରି ହୋଇଛି । ଗ୍ରୀଷ୍ମ ତାପରୁ ତୃଷ୍ଣା ମେଣ୍ଟାଇବା ପାଇଁ ନିକଟରେ ଏକ ପୋଖରୀ ନଳକୂପ ଓ ପାଣି ଟ୍ୟାପର ବ୍ୟବସ୍ଥା ରହିଛି । ମନ୍ଦିର ବେଢ଼ାକୁ ଲାଗି ଏକ ପାଲା ମଣ୍ଡପ କରାଯାଇଛି । ମନ୍ଦିରର ମୁଖଶାଳାରେ ଦୁଇଗୋଟି ଆକର୍ଷଣୀୟ କଳା ଧଳା ରଙ୍ଗର ଘୋଡ଼ା ରହିଛନ୍ତି । ଯାହାର ଉଚ୍ଚତା ପ୍ରାୟ ସାତ ଫୁଟ୍ ଉଚ୍ଚତା ବିଶିଷ୍ଟ । ଏହା ମନ୍ଦିରକୁ ଆହୁରି ଶାଣିତ ସୌନ୍ଦର୍ଯ୍ୟ କରାଇ ପାରୁଛି । ତା' ଛଡ଼ା ମା' ମଧ୍ୟରାତ୍ରରେ ଘୋଡ଼ାରେ ଚଢ଼ି ବୁଲିବା ପାଇଁ ଯାଆନ୍ତି । ସେହି ପରିପ୍ରେକ୍ଷୀରେ ଦୁଇଗୋଟି ଘୋଡ଼ା ରଖାଯାଇଛି । ମନ୍ଦିର ଭିତର ବାହ୍ୟ ଆଡ଼କୁ ମନଲାଖି ହସ୍ତଶିଳ୍ପ କାରୁକାର୍ଯ୍ୟ କରାଯାଇଛି । ସେ ହେଉଛନ୍ତି ଜଗତର ମାଆ ତାଙ୍କୁ ଯିଏ ଯେପରି ଖୋଜେ ସିଏ ସେପରି ପାଏ । ତାଙ୍କର ଅଗାଧ ମହିମା ଅପାର କରୁଣା । ସେ କିନ୍ତୁ ସମସ୍ତଙ୍କ ଦୁଃଖ ଦୂର କରନ୍ତି । ପରିବେଶକୁ ସ୍ୱଚ୍ଛ ନିର୍ମଳ କରିବା ପାଇଁ ମନ୍ଦିର ପ୍ରାଙ୍ଗଣର ଚତୁର୍ପାର୍ଶ୍ୱରେ ଥିବା ପାଚେରୀ ଭିତରେ ତୁଳସୀ, ବେଲ, ନିମ୍ବ, ଆମ୍ବ ନଡ଼ିଆ ଭଳି ବିଭିନ୍ନ ଫୁଲ ଫଳ ଅନ୍ୟାନ୍ୟ ଗଛ ମଧ ଲଗାଯାଇଛି । ମନ୍ଦିରର ସମସ୍ତ କାର୍ଯ୍ୟ ତୁଲାଇବା ପାଇଁ ନିକଟରେ ଏକ ମୁଖ୍ୟ କାର୍ଯ୍ୟାଳୟ ନିର୍ମାଣ ହୋଇଛି । ଓଡ଼ିଶୀ ନୃତ୍ୟ ଶିକ୍ଷାଦାନ ପାଇଁ ଏକ କଳାବିକାଶ କେନ୍ଦ୍ର ଅଛି । ଅଞ୍ଚଳବାସୀ ତଥା ଭକ୍ତମାନଙ୍କ ପାଇଁ ସ୍ୱତନ୍ତ୍ର ଏକ ବାତ୍ୟା ଆଶ୍ରୟସ୍ଥଳୀ ମଧ କରାଯାଇଛି। ଆଉ ଏଠାରେ ଏକ କଲ୍ୟାଣ ମଣ୍ଡପ ସହିତ ଶୌଚାଳୟର ବ୍ୟବସ୍ଥା କରାଯାଇଛି । ବିଜୁଳି ପାଣି ଆଧୁନିକରଣ ସିକ୍ୟୁରିଟି କ୍ୟାମେରା ଲାଇଟି ଫିଟିଙ୍ଗ କରାଯାଇଛି । ଏହା ଏକ ଲୋକପ୍ରିୟ ପର୍ଯ୍ୟଟନ ସ୍ଥଳୀରେ ପରିଣତ ହେବାକୁ ଲାଗିଛି । ଏଠି ବିଭିନ୍ନ ଆଡୁ ଭକ୍ତ ମାନେ ଆସି ନୀତି ପାଳିରେ ନୀତି ପ୍ରଦାନ କରନ୍ତି । ଦୈନିକ ବହୁସଂଖ୍ୟାରେ ଭକ୍ତ ମାନେ ପ୍ରସାଦ/ଭୋଗ ସେବନ କରନ୍ତି। ମା'ଙ୍କର ଅପାର କରୁଣା ସମସ୍ତ ଭକ୍ତମାନଙ୍କ ପ୍ରତି ଥାଏ । (ସମାପ୍ତ)

+ଗ୍ରା/ପୋ-କୟାଁ, ଥା-ମଙ୍ଗଳପୁର, ଜି-ଯାଜପୁର
ଓଡ଼ିଶା, ପିନ୍ ନମ୍ବର - ୭୫୫୦୧୧
ମୋ: ୯୫୪୦୩୦୮୦୯୫

## କବିତା କୋଣାର୍କ

# ଅଭିନୟ

**ମୋହନ କୁମାର ସ୍ୱାଇଁ**



ମଞ୍ଚରେ ସର୍ବଦା ଅଭିନୟ ହୁଏ
ଅଲଗା ଅଲଗା ନାଟକ
କେଇ ଘଣ୍ଟା ପାଇଁ ଅଭିନେତା ନିଜ
ଦେଖାଏ କଳାର ଛଟକ
କେତେବେଳେ ସିଏ ରାଜା ବନିଯାଏ
ପିନ୍ଧି ଭଡ଼ାଦିଆ ମୁକୁଟ
ଯାତରା ଶେଷରେ ଭିକାରୀ ବନଇ
ସମ୍ମୁଖିନ ହୋଇ ସଙ୍କଟ ।

ଯାତ୍ରା ସରିଗଲେ ଗାଆଁକୁ ଆସିଲେ
ବୁଲୁଥାଏ ପିନ୍ଧି ଗାମୁଛା
ଖରା ତେଜ ବାଜି କଳା ପଡ଼ି ତାର
ମୁହଁ ହୋଇଯାଏ ଖଇଁଚା
ସେତେବେଳେ ତାକୁ ରାଜା ବୋଲି ଆଉ
ଡାକେନାହିଁ କେହିଁ ଥରୁଟେ
ଶାନ୍ତିରେ ଟିକିଏ ଶୋଇବା ପାଇଁକି
ଖୋଜି ବୁଲୁଥାଏ ଘରୁଟେ ।

ସବୁ ଅଭିନୟ କ୍ଷଣସ୍ଥାୟୀ ହୋଇ
ଅପସରି ଯାଏ ଦୂରକୁ
ଛତା ଜୋତା ଆଉ ପୋଷାକ ପତର
ଫେରେ ଚିତ୍ରାଳୟ ପାଖକୁ
ମଞ୍ଚ ରହିଥାଏ ଯୋଉଠି ସେଇଠି
ଅଭିନେତା ଫେରେ ଘରକୁ
ଅଭିନୟ କିନ୍ତୁ ମନ କିଣିଥିଲେ
ସ୍ମୃତି ରହେ କାଳ କାଳକୁ ।

+ବେଣାପୁର କଣ୍ଟି ଗାଡିଆ ଯାଜପୁର
ମୋ: ୮୧୧୮୦୯୯୦୩୮

# ଡହଡହ ଖରା

**ଧ୍ରୁବ ଚରଣ ଘିବେଲା**

ଖରା ଡହଡହ ହୁଏ ଅହରହ
ତମାମ ଦିନ ବେଳ
ସୂରୁଯ ଅସ୍ତ ଗଲେ ପଶ୍ଚିମେ
ରହେନି ଖରା ବଳ ।
ଖରାର ବଳ ରହେନି ସିନା
ସୂରୁଯ ଗସ୍ତ ଗଲେ
ରାତିରେ ତାତି କମିନଥାଏ
ଯେମିତି ଦିନ ବେଳେ ।
ରାତିକୁ ଦିନ ତାତି ଉଚ୍ଛନ୍ନ
କରଇ ସମସ୍ତଙ୍କୁ
ଥରକୁ ଥର ଯେତେ ଗାଧିଲେ
ସୁଖ ଲାଗେ କାହାକୁ !
ଏତେ ଖରା ଯେ ଲାଗେ ଧରଣୀ
ତତଲା କଡ଼େଇଟେ
କଡ଼େଇ ସେକ ମନରେ ଦକ
ତାତିରେ ମନ ତୁଟେ ।
ଥଣ୍ଡା ଦରବ ଲେମ୍ବୁ ସର୍ବତ
ପିଇ ଥରକୁ ଥର
ଗରମ ତାତି କମେ ବି କିଛି
ହେବାନି ହରବର ।
ଖରାକୁ ସଜ ବାସି ମଉଜ
ପଖାଳ ସାଥେ ଖଟା
ଜମିଯାଏ ସେ ପଖାଳଖିଆ
ପଖାଳ ଲାଗେ ମିଠା ।
ଖରାକୁ ସହି ତାତିକୁ ସହି
ପାରିଲେ ଦିନ ବିତେ
ଦାରୁଣ ଦୁଃଖ ଦେଲେ ବି ଖରା
ବରଷା ନେଇ ଆସେ ।

+ବଉଦରାଜ, ଜି. ବୌଦ୍ଧ
ମୋ.୯୪୩୭୪୭୮୪୬୬




ଖରାଦିନରେ ଅଧିକାଂଶ ଲୋକ ଫଳ ଖାଇବାକୁ ଭାରି ପସନ୍ଦ କରନ୍ତି । ଖାସ୍ କରି ଅଙ୍ଗୁର,ଛୋଟପିଲାଙ୍କ ଠାରୁ ଆରମ୍ଭ କରି ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତେ ବଜାରକୁ ଆସୁଥିବା ଅଙ୍ଗୁର ଖାଇବାକୁ ପସନ୍ଦ କରନ୍ତି । କିନ୍ତୁ ମନରେ ପ୍ରଶ୍ନ ଆସେ ଯେ ସତେଜ ଦେଖାଯାଉଥିବା ଏହି ଅଙ୍ଗୁର କ'ଣ ପ୍ରକୃତରେ ସ୍ୱାସ୍ଥ୍ୟକର ? ଅନେକ ସମୟରେ ବାହାରୁ ଏକଦମ୍ ଫ୍ରେଶ୍ , ଚମକଦାର ଦେଖାଯାଉଥିବା ଅଙ୍ଗୁର ଭିତରୁ ଆଦୌ ହିତକର ହୋଇନଥାଏ । କାରଣ ବର୍ତ୍ତମାନ ସମୟରେ ଫଳକୁ ଅଧିକ ଦିନ ଧରି ସତେଜ ରଖିବା ପାଇଁ ଚାଷବେଳେ ରାସାୟନିକ ପଦାର୍ଥର ବ୍ୟବହାର କରାଯାଏ । ବିଭିନ୍ନ କୀଟନାଶକ ଏବଂ ରାସାୟନିକ ପଦାର୍ଥ ବ୍ୟବହାର କରି ଅଙ୍ଗୁରକୁ ଚାଷ କରାଯାଏ ଯାହାଦ୍ୱାରା କ୍ୟାମିକାଲ୍ ଏହାକୁ ଶୀଘ୍ର ଖରାପ କରାଏ ନାହିଁ ।

ଆପଣ ଅନେକ ଲୋକଙ୍କୁ ଦେଖିଥିବେ ଅଙ୍ଗୁର କିଣିବା ସମୟରେ ସ୍ୱାଦିଷ୍ଟ ଅଛି କି ନାହିଁ ଟେଷ୍ଟ୍ କରିବାକୁ ସିଧା ପାଟିରେ ପକାଇ ଖାଆନ୍ତି କିନ୍ତୁ ଏହାଦ୍ୱାରା କେତେ କ୍ୟାମିକାଲ୍ ଆପଣଙ୍କ ପେଟକୁ ଯାଉଛି ତାହା ବୋଧହୁଏ ଆପଣ ଜାଣିନଥିବେ । ବିଶେଷଜ୍ଞଙ୍କ ମତରେ ସତେଜ, ସଫା ଦେଖାଯାଉଥିବା ଫଳଗୁଡ଼ିକ ମଧ ରାସାୟନିକ ପଦାର୍ଥରେ ପରିପୂର୍ଣ୍ଣ ହୋଇପାରେ । ଏହି ଅଙ୍ଗୁରଗୁଡ଼ିକରେ ପ୍ରାୟତଃ ଏପରି ରାସାୟନିକ ପଦାର୍ଥ ଥାଏ ଯାହା ଧୀରେ ଧୀରେ ଶରୀରରେ ପ୍ରବେଶ କରି କ୍ଷତି କରିପାରେ ଖାସ୍ କରି ଯଦି ସେଗୁଡ଼ିକୁ ଭଲ ଭାବରେ ସଫା ନ କରାଯାଏ । ତେବେ ଆପଣ ବି ଯଦି ଅଙ୍ଗୁର ପ୍ରିୟ ତେବେ ରାସାୟନିକ ପଦାର୍ଥ ଥିବା ଅଙ୍ଗୁରକୁ ଚିହ୍ନଟ କରିବା ନିହାତି ଜରୁରୀ ।

ଏକ୍ସପର୍ଟ କୁହନ୍ତି ଯେ ବଜାରରେ ଉପଲବ୍ଧ ଅନେକ ଅଙ୍ଗୁର ଆମ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇପାରେ । ରାସାୟନିକ ଭାବରେ ପାଚିଥିବା ଅଙ୍ଗୁର ବିଷଠାରୁ କମ୍ ନୁହେଁ । ଅଙ୍ଗୁରକୁ ଅଧିକ ସମୟ ପାଇଁ ତାଜା ରଖିବା ପାଇଁ ମାନକୋଜେବ ଏବଂ ସାଇପରମେଥ୍ରିନ ବ୍ୟବହାର କରାଯାଏ । ପ୍ରାୟତଃ ଅଙ୍ଗୁରରୁ ସଲଫର ଡାଇଅକ୍ସାଇଡ ଗ୍ୟାସ୍ ମଧ ନିର୍ଗତ ହୁଏ । ଏହି ରାସାୟନିକ ପଦାର୍ଥ ଅଙ୍ଗୁର ଉପରେ ଧଳା ରଙ୍ଗର ପରଦା ସୃଷ୍ଟି କରେ । ତେଣୁ ଯଦି ଅଙ୍ଗୁରକୁ ଠିକ୍ ଭାବରେ ସଫା ନ କରି ଖାଇବେ ତେବେ ଏହା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇପାରେ । ଆପଣ ସହଜରେ ଏଭଳି ରାସାୟନଯୁକ୍ତ ଅଙ୍ଗୁରକୁ ଚିହ୍ନଟ କରିପାରିବେ । ଏଥିପାଇଁ ଅଙ୍ଗୁର ପେନ୍ଥାର କାଣ୍ଡରୁ ଭାଙ୍ଗି ପରୀକ୍ଷା କରିପାରିବେ । ଯଦି କାଣ୍ଡ ତାଜା ଏବଂ ସବୁଜ ଦେଖାଯାଏ ତା'ହେଲେ ଏହା ଫ୍ରେଶ୍ ଏବଂ ଖାଦ୍ୟଯୋଗ୍ୟ । ଯଦି ଶୁଖିଲା ଦେଖାଯାଏ ତେବେ ବୁଝିନିଅନ୍ତୁ ଯେ ସେଗୁଡ଼ିକୁ ରାସାୟନିକ ପ୍ରକ୍ରିୟାରେ ପଚାଯାଇଛି । ଏହା ଛଡ଼ା ଯଦି ଅଙ୍ଗୁର ଉପରେ ଅତ୍ୟଧିକ ଧଳା ଆବରଣ ଦେଖାଯାଏ କିମ୍ୱା ଫଳକୁ ଛୁଇଁବା ମାତ୍ରେ ଅଜବ ଅନୁଭବ ହୁଏ ତେବେ ବୁଝିଯାଆନ୍ତୁ ଯେ ଅଙ୍ଗୁରକୁ ରାସାୟନିକ ପ୍ରକ୍ରିୟାରେ ପଚାଯାଇଛି । ସାଧାରଣତଃ ଲୋକମାନେ ଫଳ ଖାଇବା ପୂର୍ବରୁ ଏହାକୁ ଧୋଇ ଦିଅନ୍ତି । କିନ୍ତୁ ଅଙ୍ଗୁର ପାଚିବା ପାଇଁ ବ୍ୟବହୃତ ରାସାୟନିକ ପଦାର୍ଥଗୁଡ଼ିକ କେବଳ ପାଣିରେ ଧୋଇବା ଯଥେଷ୍ଟ ନୁହେଁ । ଅଙ୍ଗୁର କିଣିବା ପରେ ଏହାକୁ ୧୫ ମିନିଟ୍ ପାଇଁ ବେକିଂ ସୋଡ଼ା ପାଣିରେ ବୁଡ଼ାଇ ରଖନ୍ତୁ ଏବଂ ପରେ ଧୋଇ ଦିଅନ୍ତୁ । ଧୋଇବା ଦ୍ୱାରା ରାସାୟନିକ ପଦାର୍ଥ ଥିବା ଧଳା ସ୍ତର ବାହାରିଯିବ ଏବଂ ଅଙ୍ଗୁର ଖାଇବା ଉପଯୋଗୀ ହୋଇଯିବ ।

# ପାଣି ପିଇବା ପରେ ମଧ୍ୟ ଲାଗୁଛି କି ଶୋଷ ? ତେବେ ଜାଣନ୍ତୁ ଏହା ପଛରେ ଥିବା କାରଣ ...



ଆମ ଭିତରୁ ଅଧିକାଂଶ ଲୋକଙ୍କ ପାଇଁ ଦୈନିକ ଅଢ଼େଇରୁ ସାଢ଼େ ତିନି ଲିଟର ପାଣି ଦରକାର ହୋଇଥାଏ। ଏଥିରୁ ପ୍ରାୟ ୨୦% ଖାଦ୍ୟରୁ ମିଳିଥାଏ। ଏହା ସତ୍ତ୍ୱେ କେତେକ ଲୋକଙ୍କୁ ଶୋଷ ହୋଇ ଶରୀର ଜଳଶୁଷ୍କ ହେଲା ପରି ଲାଗେ । ତେଣୁ ଅଧିକ ପାଣି ପିଇଲେ ଜଳଶୁଷ୍କତା ଦେଖାଯାଏ ନାହିଁ ବୋଲି ଅନେକଙ୍କର ଧାରଣା। ହେଲେ ଯେତେ ପାଣି ପିଇଲେ ବି କିଛି ଲୋକଙ୍କୁ ଶୋଷହୁଏ ଓ ହାଲିଆ ଲାଗେ କାହିଁକି ? ସାଧାରଣତଃ ଗରମ ପାଗ ଓ କାର୍ଯ୍ୟବ୍ୟସ୍ତ ରହିଲେ ଏହିଭଳି ହୁଏ। ତେଣୁ ପିଉଥିବା ପାଣି ଉପରେ ଶୋଷ ବା ଜଳଶୁଷ୍କତା ନିର୍ଭର କରେ ନାହିଁ।

କଥା ହେଉଛି, ପିଉଥିବା ପାଣିକୁ ଦେହ କିପରି ବିଶୋଷଣ କରି ବଣ୍ଟନ କରିବା ସହ ଦେହରେ ତାକୁ ଧରି ରଖୁଛି, ତାହା ବଡ଼କଥା। ବିଭିନ୍ନ ଜୀବନ ଶୈଳୀ, ଖାଦ୍ୟରୁଚି ଓ ସ୍ୱାସ୍ଥ୍ୟାବସ୍ଥା ମଧ ଦେହର ଜଳଶୁଷ୍କତାକୁ ପ୍ରଭାବିତ କରିଥାଏ। ଫଳରେ ଯେତେ ପାଣି ପିଇଲେ ବି ଶୋଷହୁଏ। ମୁମ୍ବାଇସ୍ଥିତ ଫୋର୍ଟିସ୍ ହସ୍ପିଟାଲ୍‌ର ଡାକ୍ତର ଶୋଭା ଇଟୋଲିକର କହନ୍ତି, ଯଥେଷ୍ଟ ପାଣି ପିଇବା ସତ୍ତ୍ୱେ ଶୋଷ ଲାଗିବାର ବିଭିନ୍ନ କାରଣ ରହିଛି। ପିଇବା ପଦ୍ଧତି ଓ ସ୍ୱାସ୍ଥ୍ୟାବସ୍ଥା ଭଳି ଅନେକ କାରଣ ଏଥିପାଇଁ ଦାୟୀ।

ଥରକେ ବହୁତ ପାଣି ପିଇବା ପରେ ଅନେକ ସମୟ ଧରି ଆଉ ପାଣି ନ ପିଇଲେ ଶୋଷ ଲାଗେ। ତେଣୁ ଏକା ଥରକେ ବହୁତ ପାଣି ନ ପିଇ ଦିନସାରା ନିୟମିତ ବ୍ୟବଧାନରେ ଅଳ୍ପ ଅଳ୍ପ ପାଣି ପିଇବା ଉଚିତ। ଥରକେ ବହୁତ ପାଣି ପିଇଲେ ସ୍ୱାସ୍ଥ୍ୟ ମଧ ଖରାପ ହୋଇଥାଏ। କାରଣ ଶରୀରରେ ସୋଡିୟମ୍ ପତଳା ହୋଇ ୱାଟର ଇଣ୍ଟୋକ୍ସିକେସନ୍ ଭଳି ଅବସ୍ଥା ସୃଷ୍ଟି କରିଥାଏ। ଏଥିଯୋଗୁଁ ତଣ୍ଟି ଶୁଖିଯାଏ। ସେହିପରି ଚା, କଫି ଓ ମଦ ପିଇଲେ ବାରମ୍ବାର ପରିସ୍ରା ହୋଇ ଦେହରୁ ପାଣି କ୍ଷୟ ହୋଇଯାଏ।

ଏ ସମୟରେ ଯେତେ ପାଣି ପିଇଲେ ବି ଶୋଷ ଲାଗେ। ଭଲ ଭାବେ ପାଟି ଭିତର ପରିଷ୍କାର ନ କଲେ, ଧୂମପାନ କଲେ ଓ ତମାଖୁ ସେବନ କଲେ ମଧ ସବୁବେଳେ ଶୋଷହୁଏ । ଆମ ଖାଦ୍ୟ ଅନେକ ସମୟରେ ଶୋଷକୁ ପ୍ରଭାବିତ କରେ।

ଅଧିକ ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ଖାଇଲେ ହଜମ ଓ ବର୍ଜ୍ୟ ନିଷ୍କାସନ ପାଇଁ ଅଧିକ ପାଣି ପିଇବାକୁ ପଡ଼େ। ଅଧିକ ଲୁଣ, ଚିନି ଓ ମସଲା ଖାଦ୍ୟ ଖାଇଲେ ଶୋଷହୁଏ। କମ୍ ଫାଇବରଯୁକ୍ତ ଖାଦ୍ୟ ଯୋଗୁଁ ଦେହରେ ଜଳ ଧାରଣ କ୍ଷମତା କମିଯାଏ ବୋଲି ଡାକ୍ତର କହନ୍ତି। ସେହିପରି ଗରମ ପାଗରେ ବେଶି ବ୍ୟାୟାମ କଲେ ଓ ଝାଳ ବୋହିଲେ ଦେହରୁ ଅଧିକ ଜଳୀୟ ଅଂଶ ବାହାରିଯାଏ। ଫଳରେ ଶୋଷହୁଏ । ଏହାଛଡ଼ା ଜ୍ୱର, ବାନ୍ତି ବା ଡାଇରିଆ ହେଲେ ଏବଂ ହାଇ ବ୍ଲଡ୍ ସୁଗାର ଲେବଲ୍ ଶୋଷ ବଢ଼ାଇ ଥାଏ। ହରମୋନ୍ ସନ୍ତୁଳନ ଠିକ୍ ନ ରହିଲେ ଶୋଷହୁଏ ଓ ତାହା ମେଣ୍ଟେ ନାହିଁ। ନିଦ, ଚାପ ଓ ଉତ୍କଣ୍ଠା ବି ଶୋଷ ବଢ଼ାଇଥାଏ। ଏହା ପ୍ରକୃତ ଜଳଶୁଷ୍କତା ନୁହେଁ। ଏହାଛଡ଼ା ଦେହରେ ସୋଡିୟମ୍ ଓ କ୍ଲୋରାଇଡ୍ ଭଳି ଇଲେକ୍ଟ୍ରୋଲାଇଟ୍ ଅସନ୍ତୁଳିତ ହେଲେ ଯେତେ ପାଣି ପିଇଲେ ବି ଶୋଷ ମରେ ନାହିଁ। ବାରମ୍ବାର ପାଣି ପିଇବାକୁ ଇଚ୍ଛା ହୋଇଥାଏ।

# ନିଦ୍ରା କାହିଁକି ସମ୍ପୂର୍ଣ୍ଣ ଥକାପଣ ଦୂର କରେ ନାହିଁ ? ଜାଣନ୍ତୁ କଣ କହୁଛି ରିପୋର୍ଟ ...



ଆଜିକାଲି ଲୋକମାନେ ପ୍ରବଳ ଥକ୍କା ଅନୁଭବ କରୁଛନ୍ତି, ଯାହା ଶୋଇବା କିମ୍ବା ବିଶ୍ରାମ ନେବା ପରେ ମଧ କମିଯାଏ ନାହିଁ। ଲେ ?ହସାର ଅଭାବ ପ୍ରାୟତଃ ଏହାର କାରଣ। ଆଜିର ବ୍ୟସ୍ତବହୁଳ ଜୀବନଶୈଳୀ ଏବଂ ଖରାପ ପୁଷ୍ଟିସାର ହେତୁ ଆଇରନ୍ ର ଅଭାବର ଲକ୍ଷଣ ରହୁଛି। ଏହି ଖଣିଜ ଅଭାବ ରକ୍ତହୀନତାର ଆଶଙ୍କା ବଢ଼ାଇଥାଏ ଓ ଶରୀରକୁ ଅମ୍ଳଜାନ ଯୋଗାଣ ହ୍ରାସ କରିଥାଏ। ଲୁହା ଅଭାବର ଏହି ଲକ୍ଷଣକୁ ଶୀଘ୍ର ଚିହ୍ନି ପାରିଲେ ସ୍ୱାସ୍ଥ୍ୟରେ ତୁରନ୍ତ ଉନ୍ନତି ଆସିପାରେ।

କମ୍ ହିମୋଗ୍ଲୋବିନ କାରଣ

ରକ୍ତରେ ହିମୋଗ୍ଲୋବିନ୍ ଉତ୍ପାଦନ ପାଇଁ ଲୌହସାର ଅତ୍ୟାବଶ୍ୟକ। ହିମୋଗ୍ଲୋବିନ୍‌ର କାର୍ଯ୍ୟ ହେଉଛି ରକ୍ତ ମାଧ୍ୟମରେ ଶରୀରର ବିଭିନ୍ନ ଅଂଶକୁ ଅମ୍ଳଜାନ ପରିବହନ କରିବା। ଅଭାବ ହେଲେ ଥକ୍କାପଣ, ଫିକାପଣ ଓ ଶ୍ୱାସକ୍ରିୟା ଭଳି ଦଶଟି ଲକ୍ଷଣ ଦେଖାଯାଇପାରେ। ଏଗୁଡ଼ିକୁ ଅଣଦେଖା କଲେ ଗମ୍ଭୀର ସମସ୍ୟା ସୃଷ୍ଟି ହୋଇପାରେ।

*୧. ଲଗାତାର ଥକ୍କାପଣ*

କାମ ପରେ କ୍ଲାନ୍ତ ଅନୁଭବ କରିବା ସାଧାରଣ କଥା। ତଥାପି, ଯଦି ଆପଣ ଅଧିକ କାର୍ଯ୍ୟକଳାପ ବିନା ମଧ କ୍ଲାନ୍ତ ଅନୁଭବ କରନ୍ତି ଏବଂ ବିଶ୍ରାମ ନେବା ପରେ ମଧ ଏହାକୁ ସମ୍ପୂର୍ଣ୍ଣ ଭାବରେ ଦୂର କରନ୍ତି ନାହିଁ ତେବେ ଏହା ଲୌହ ଅଭାବର ଲକ୍ଷଣ ହୋଇପାରେ। ଏହା ପ୍ରାୟତଃ ସେତେବେଳେ ଘଟେ ଯେତେବେଳେ ଆପଣଙ୍କ ପାଖରେ ପର୍ଯ୍ୟାପ୍ତ ଅମ୍ଳଜାନ ଗ୍ରହଣ ନ ଥିବାରୁ ଶକ୍ତିର ଅଭାବ ହୁଏ।

*୨. ଚର୍ମ ହଳଦିଆ ପଡ଼ିବା*

ଯଦି ଆପଣଙ୍କ ଚର୍ମ ଫିକା ପଡ଼ିବାକୁ ଲାଗେ ଏବଂ ଲୋକମାନେ ହଳଦିଆ ରଙ୍ଗ ଦେଖୁଛନ୍ତି ତେବେ ଏହା ଲୌହ ଅଭାବ ଯୋଗୁଁ ହୋଇପାରେ। ହିମୋଗ୍ଲୋବିନର ଅଭାବ ଆପଣଙ୍କ ଶରୀରରେ ରକ୍ତର ପରିମାଣକୁ ହ୍ରାସ କରିପାରେ, ଯାହା ଫଳରେ ଆପଣଙ୍କ ଶରୀର ଫିକା ଦେଖାଯିବ।

*୩. ନିଶ୍ୱାସ ନେବା*

କଠିନ ଶାରୀରିକ ପରିଶ୍ରମ ପରେ ନିଶ୍ୱାସ ନେବା କଷ୍ଟକର ହୁଏ। ତଥାପି, ଯଦି ଆପଣ ଅଳ୍ପ ଚାଲିବା କିମ୍ବା ସିଡ଼ି ଚଢ଼ିବା ପରେ ମଧ ଏହି ସମସ୍ୟା ଅନୁଭବ କରନ୍ତି, ତେବେ ସତର୍କ ରୁହନ୍ତୁ। ଏହାର ଅର୍ଥ ହେଉଛି ଆପଣଙ୍କ ଶରୀର ପର୍ଯ୍ୟାପ୍ତ ପରିମାଣରେ ଅମ୍ଳଜାନ୍ ପାଉନାହିଁ।

*୪. ହୃଦସ୍ପନ୍ଦନ*

ଲୁହା ଅଭାବରୁ ମଧ ହୃଦସ୍ପନ୍ଦନ ଦ୍ରୁତ ହୋଇପାରେ। କାରଣ ହୃଦୟକୁ ଅଧିକ କାମ କରିବାକୁ ପଡ଼ିଥାଏ, ଯାହା ହୃଦସ୍ପନ୍ଦନ ବୃଦ୍ଧି କରେ। ଯଦି ଆପଣ ଏହି ଲକ୍ଷଣ ଲକ୍ଷ୍ୟ କରନ୍ତି, ତେବେ ଆପଣଙ୍କ ଡାକ୍ତରଙ୍କ ସହିତ ପରାମର୍ଶ କରନ୍ତୁ ଏବଂ ଆବଶ୍ୟକୀୟ ପରୀକ୍ଷା କରାନ୍ତୁ।

*୫. ମୁଣ୍ଡ ବୁଲାଇବା ଏବଂ ମୁଣ୍ଡ ବିନ୍ଧା*

ଯେତେବେଳେ ମସ୍ତିଷ୍କ ଅମ୍ଳଜାନର ଅଭାବରେ ପ୍ରଭାବିତ ହୁଏ, ସେତେବେଳେ ଏହାର କାର୍ଯ୍ୟକ୍ଷମତା ମଧ ଖରାପ ହୋଇଯାଏ। ଏହା ମୁଣ୍ଡ ବୁଲାଇବା କିମ୍ବା ମୁଣ୍ଡ ବିନ୍ଧା ସୃଷ୍ଟି କରିପାରେ।

*୬. କେଶ ପଡ଼ିବା*

ଲୌହ ଅଭାବ କେଶ ମୂଳର ପୁଷ୍ଟିସାର ହ୍ରାସ କରେ, ଯାହା ଫଳରେ ହଠାତ୍ କେଶ ଝଡ଼ିଯାଏ। ଏହି ଲକ୍ଷଣ ବିଶେଷକରି ମହିଳାମାନଙ୍କଠାରେ ଦେଖାଯାଏ।

*୭. ଦୁର୍ବଳ ନଖ*

ନଖ ଦେଖି ମଧ ଲୁହା ଅଭାବ ଚିହ୍ନଟ କରାଯାଇପାରିବ। ଲୁହା ଅଭାବ ଯୋଗୁଁ ନଖ ପତଳା ଓ ଭାଙ୍ଗିଯାଏ।

*୮. ଶରୀର ଥଣ୍ଡା ହୋଇଯାଏ*

କମ ଲୌହ ସ୍ତର ରକ୍ତ ସଞ୍ଚାଳନକୁ ପ୍ରଭାବିତ କରେ, ଯାହା ଫଳରେ ଶରୀର ଥଣ୍ଡା ହୋଇଯାଏ, ବିଶେଷକରି ହାତ ଏବଂ ପାଦରେ, ଯାହା ରକ୍ତ ପ୍ରବାହରେ ବାଧା ସୃଷ୍ଟି କରି ଥଣ୍ଡା ଅନୁଭବ କରିପାରେ।

ଲୁହା ଅଭାବୀ ଖାଦ୍ୟ

ଲୌହ ଅଭାବରୁ ରକ୍ଷା ପାଇବା ପାଇଁ, ନିୟମିତ ପରୀକ୍ଷା କରାଇବା ଓ ସନ୍ତୁଳିତ ଖାଦ୍ୟ ଖାଇବା ଅତ୍ୟନ୍ତ ଜରୁରୀ। ମହିଳାମାନେ ବିଶେଷକରି ମାସିକ ଋତୁସ୍ରାବ ସମୟରେ ବିପଦରେ ଥାଆନ୍ତି, ତେଣୁ ଏହି ସମୟରେ ସେମାନେ ସେମାନଙ୍କ ଖାଦ୍ୟ ପ୍ରତି ବହୁତ ସତର୍କ ରହିବା ଉଚିତ। ପାଳଙ୍ଗ ପରି ସବୁଜ ପତ୍ରଯୁକ୍ତ ପନିପରିବା, ଗୁଡ଼, ବିନ୍ସ ଏବଂ ଡାଲି, ଆପଲ୍, ଖଜୁର ଏବଂ ଡାଳିମ୍ବ ଭିଟାମିନ୍ ସି ଯୁକ୍ତ ଖାଦ୍ୟ ସହିତ ଲୌହ ଯୁକ୍ତ ଖାଦ୍ୟ ଗ୍ରହଣ କରନ୍ତୁ।

# କେଉଁ ଲଙ୍କା ଖାଇବା ଦେହ ପାଇଁ ଭଲ ?

ଲଙ୍କା ବିନା ଭାରତୀୟଙ୍କ ଖାଦ୍ୟ ଅଧୁରା । ଆମ ଘରେ ସାଧାରଣତଃ ଦୁଇ ପ୍ରକାରର ଲଙ୍କା ବ୍ୟବହାର ହୋଇଥାଏ- କଞ୍ଚା ସବୁଜ ଲଙ୍କା ଓ ଲାଲ ଶୁଖିଲା ଲଙ୍କା । ଉଭୟର ସ୍ୱାଦ ଭିନ୍ନ ଓ ସ୍ୱାସ୍ଥ୍ୟ ପାଇଁ ଭିନ୍ନ ଭିନ୍ନ କାମ କରିଥାନ୍ତି । ସବୁଜ ଲଙ୍କା ଶୁଖିଗଲେ ଲାଲ ହୋଇଯାଏ । କାରଣ ଏହା ସମସ୍ତ ଜଳୀୟ ଅଂଶ ହରାଇଥାଏ। ଆସନ୍ତୁ ଜାଣିବା, ଏହି ଦୁଇ ପ୍ରକାର ଲଙ୍କା ଭିତରେ କ'ଣ ରହିଛି ଫରକ ।



କେଉଁଟା ଭଲ: ଶୁଖିଲା ଲଙ୍କା ତୁଳନାରେ ସବୁଜ ଲଙ୍କା ଅଧିକ । ସବୁଜ ଲଙ୍କାରେ ଅଧିକ ଜଳୀୟ ଅଂଶ ଓ ଜିରୋ କ୍ୟାଲୋରି ଥାଏ । ଏହା ଓଜନ କମାଇବାରେ ସାହାଯ୍ୟ କରେ। ସବୁଜ ଲଙ୍କାରେ ବିଟା-କାରୋଟିନ୍, ଆଣ୍ଟିଅକ୍ସିଡାଣ୍ଟ ଓ ଏଣ୍ଡୋରଫିନ୍‌ର ଉତ୍ସ ରହିଥାଏ । ଅଧିକ ଶୁଖିଲା ଲଙ୍କା ଖାଇଲେ ଆଭ୍ୟନ୍ତରୀଣ ପ୍ରଦାହ ଦେଖାଯାଏ, ଯାହାଦ୍ୱାରା ପେପ୍‌ଟିକ୍ ଅଲ୍‌ସର ହୋଇପାରେ। ଇରିଟେବ୍ଲ ବାଓ୍ୱେଲ୍ ସିଣ୍ଡ୍ରୋମ୍ ବା ଇନ୍‌ଫ୍ଲାମେଟରି ବାଓ୍ୱେଲ୍ ଭଳି ରୋଗରେ ପୀଡ଼ିତ ବ୍ୟକ୍ତି ଲାଲ୍ ଲଙ୍କା ଖାଇଲେ ପେଟ ଯନ୍ତ୍ରଣା ଓ ଡାଇରିଆରେ ପଡ଼ିବା ଆଶଙ୍କା ରହିଛି। ଏହା ମଧ ଅସ୍ଥାୟୀ ଭାବେ ରକ୍ତଚାପ ବୃଦ୍ଧି କରିପାରେ।

କଞ୍ଚା ଲଙ୍କାର ଲାଭ: ନିୟମିତ କଞ୍ଚା ଲଙ୍କା ଖାଇଲେ ଇନ୍‌ସୁଲିନ୍ ସ୍ତର ନିୟନ୍ତ୍ରିତ ହୋଇ ଉଚ୍ଚ ରକ୍ତ ଶର୍କରା ସ୍ତର ସନ୍ତୁଳିତ ହୋଇଥାଏ। ଡାଏଟାରି ଫାଇବରରେ ପରିପୂର୍ଣ୍ଣ କଞ୍ଚା ଲଙ୍କା ଭଲ ପାଚନ ପ୍ରକ୍ରିୟାରେ ସାହାଯ୍ୟ କରେ। କଞ୍ଚା ଲଙ୍କା ଭିଟାମିନ୍-ଇ ଓ ଭିଟାମିନ୍-ସିର ଉତ୍ସ, ଯାହା ସୁସ୍ଥ ତ୍ୱଚା ପାଇଁ ବହୁତ ଭଲ। ଯଥେଷ୍ଟ ବିଟା-କାରୋଟିନ୍ ପରିମାଣ ହେତୁ କଞ୍ଚା ଲଙ୍କା ହୃତ୍‌ପିଣ୍ଡକୁ କାର୍ଯ୍ୟକ୍ଷମ ରଖିବା ସହ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରାଏ । କଞ୍ଚା ଲଙ୍କା କ୍ୟାଲୋରି ନଷ୍ଟ କରିବା ଓ ମେଟାବୋଲିଜିମ୍‌କୁ ତ୍ୱରାନ୍ୱିତ କରିବାରେ ମଧ ସାହାଯ୍ୟ କରେ। ତେଣୁ ଓଜନ ହ୍ରାସ ପାଇଁ ଏହା ଭଲ।

ଶୁଖିଲା ଲଙ୍କାର ଲାଭ: ଏଥିରେ ଅଧିକ ପୋଟାସିୟମ୍ ଥିବାରୁ ଏହା ରକ୍ତବାହୀ ନଳୀକୁ ସକ୍ରିୟ କରି ରକ୍ତଚାପ ନିୟନ୍ତ୍ରଣ କରେ। ନାଲି ଲଙ୍କାରେ ଥିବା କ୍ୟାପ୍‌ସାଇସିନ୍ ନାମକ ଯୌଗିକ ଶରୀରର ମେଟାବୋଲିଜିମ୍ ହାର ବୃଦ୍ଧି କରିଥାଏ। ଏହା ଭିଟାମିନ୍-ସିରେ ପରିପୂର୍ଣ୍ଣ, ଯାହା ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ ଏବଂ ଦୀର୍ଘକାଳୀନ ରୋଗ ସହ ଲଢ଼ିବାରେ ସାହାଯ୍ୟ କରେ। ଶୁଖିଲା ଲଙ୍କାରେ ଶକ୍ତିଶାଳୀ ଆଣ୍ଟିଅକ୍ସିଡାଣ୍ଟ ରହିଛି, ଯାହା ରକ୍ତବାହୀ ନଳୀ ତଥା ଧମନୀରେ ଥିବା ଅବରୋଧକୁ ଦେଇଥାଏ।




କସମେଟିକ୍ ବ୍ୟବହାରରେ ଚେହେରା ତ ଚମକେ କିନ୍ତୁ ଏହା କେତେ ଘଣ୍ଟା ପାଇଁ ଲାଷ୍ଟିଙ୍ଗ୍ କରିବ ତାହା ବ୍ୟବହାରକାରୀ ହିଁ କହିପାରିବେ । କିନ୍ତୁ ବର୍ତ୍ତମାନ ବଜାରରେ କୋରିଆନ୍ ପ୍ରଡକ୍ଟର ଅଧିକ ଚାହିଦା ରହିଛି । ଖାସ୍ କରି ଯୁବତୀମାନେ କୋରିୟାନ୍ ପ୍ରଡକ୍ଟ କସମେଟିକ୍ ପାଇଁ ବାଇୟା । କିନ୍ତୁ କିଛି ଯୁବତୀ ପ୍ରାକୃତିକ ଉପାୟରେ କୋରିଆନ୍ ଗ୍ଲାସ୍ ସ୍କିନ୍ ପାଇବା ପାଇଁ ପସନ୍ଦ କରନ୍ତି । ଯଦି ଆପଣ ମଧ ଗ୍ରୀଷ୍ମରେ କୋରିଆନଙ୍କ ପରି ଚମକଦାର ତ୍ୱଚା ପାଇବାକୁ ଚାହୁଛନ୍ତି ସେ ବି ବିନା ରସାୟନଯୁକ୍ତ ତା'ହେଲେ ଆସନ୍ତୁ ଜାଣିବା କିଛି ଟିପ୍ସ । ଯଦି ଆପଣ ପ୍ରକୃତରେ ଆପଣଙ୍କ ତ୍ୱଚାକୁ ହେଲ୍ଦି କରିବାକୁ ଚାହୁଛନ୍ତି ତେବେ ରାତି ସମୟରେ ସ୍କିନ୍ ଧ୍ୟାନ ରଖିବାକୁ ଆଦୌ ଭୁଲନ୍ତୁ ନାହିଁ । ଶୋଇବା ପୂର୍ବରୁ ମାତ୍ର ଗୋଟିଏ ଷ୍ଟେପ୍ ଆପଣଙ୍କ ଚର୍ମକୁ ଚମକଦାର କରିବାରେ ସାହାଯ୍ୟ କରିବ । ଏଥିପାଇଁ ଆପଣଙ୍କୁ ୩ ଟି ଉପାୟର ଆବଶ୍ୟକତା ପଡ଼ିବ । ଗୋଟିଏ ଚାମଚ କାକୁଡ଼ି ରସରେ ଗୋଟିଏ ଚାମଚ ଗୋଲାପ ଜଳ ଏବଂ ଅଳ୍ପ ଚନ୍ଦନ ପାଉଡର ପକାଇ ସ୍ମୁଥ୍ ପେଷ୍ଟ୍ ତିଆରି କରନ୍ତୁ । ଶୋଇବା ପୂର୍ବରୁ ମୁହଁକୁ ଭଲରେ ଫେସୱାଶରେ ଧୋଇ ସଫା କରନ୍ତୁ । ସଫା ମୁହଁରେ ଏହି ପେଷ୍ଟ୍ ଲଗାନ୍ତୁ ଏବଂ ୧୦ ମିନିଟ୍ ପାଇଁ ଛାଡ଼ି ଦିଅନ୍ତୁ । ଏହାପରେ ଓଦା ସଫା କପଡ଼ାରେ ମୁହଁକୁ ଧୀରେ ଧୀରେ ପୋଛି ଦିଅନ୍ତୁ । ଶେଷରେ ଅଳ୍ପ ବାଦାମ ତେଲ ମୁହଁରେ ଧୀରେ ଧୀରେ ମାଲିସ୍ କରନ୍ତୁ । ଏହି ଗୋଟିଏ ପେଷ୍ଟ୍ ଏବଂ ତେଲ ମାଲିସ୍ ଆପଣଙ୍କ ଚେହେରାକୁ ଚମକ ଦେବାରେ ସାହାଯ୍ୟ କରିବ । କାକୁଡ଼ି ରସ ଚର୍ମକୁ ଥଣ୍ଡା କରିବାରେ ସାହାଯ୍ୟ କରେ ଏବଂ ହାଇଡ୍ରେସନ୍ ବୃଦ୍ଧି କରେ । ଏହା ମୁହଁକୁ ସତେଜ ଏବଂ ଆରାମଦାୟକ କରେ । ତ୍ୱଚା ମରାମତିର କାମ କରେ ଗୋଲାପ ଜଳ । ଏହା ତ୍ୱଚାର ପ୍ରାକୃତିକ ଚମକ ଫେରାଇ ଆଣିବାରେ ସାହାଯ୍ୟ କରେ । ସରଳ ଭାଷାରେ କହିଲେ ଗୋଲାପ ଜଳ ଟୋନରର କାମ କରେ । ଚନ୍ଦନ ତ୍ୱଚାକୁ ଥଣ୍ଡା କରାଏ ଏବଂ ଭିତରର ମଇଳା ବାହାର କରିବାରେ ସାହାଯ୍ୟ କରେ ଯାହାଦ୍ୱାରା ଚେହେରା ସଫା ଦେଖାଯାଏ । ମନେ ରଖନ୍ତୁ ଶୋଇବା ପୂର୍ବରୁ ସବୁବେଳେ ଆପଣଙ୍କ ମୁହଁକୁ ସଫା କରନ୍ତୁ । ଦିନସାରା ପ୍ରଚୁର ପାଣି ପିଅନ୍ତୁ । ଅତ୍ୟଧିକ ରାସାୟନିକ ପଦାର୍ଥ ଥିବା କସମେଟିକ୍ ବ୍ୟବହାର କରନ୍ତୁ ନାହିଁ । ସପ୍ତାହରେ ୨ ଥର ଏହି ଉପଚାର କରନ୍ତୁ ଏବଂ ମୁହଁକୁ ଅତ୍ୟଧିକ ସ୍କ୍ରବ୍ କରନ୍ତୁ ନାହିଁ । ଯଦି ଆପଣ ଏହାକୁ ନିୟମିତ ଭାବରେ କରୁଛନ୍ତି ତେବେ କିଛି ଦିନ ମଧରେ ଆପଣଙ୍କ ସ୍କିନ୍ ନରମ ଏବଂ ସୁସ୍ଥ ଦେଖାଯିବ । ଧୀରେ ଧୀରେ ଆପଣ ପ୍ରାକୃତିକ ଚମକ ମଧ ଲକ୍ଷ୍ୟ କରିବା ଆରମ୍ଭ କରିବେ ।

# ଧରଣୀଧର ବିଶ୍ୱବିଦ୍ୟାଳୟରେ ନୂତନ କୁଳପତିଙ୍କ ଯୋଗଦାନ

କେନ୍ଦୁଝର, ୨୧/୦୪ (ନି.ପ୍ର): ଓଡ଼ିଶା ଲୋକଭବନ, ଭୁବନେଶ୍ୱରରର ପ୍ରେସ ବିଜ୍ଞପ୍ତି ତା ୦୬-୦୪-୨୦୨୬ ଅନୁଯାୟୀ ଧରଣୀଧର ବିଶ୍ୱବିଦ୍ୟାଳୟରେ ନୂତନ କୁଳପତି ଭାବେ ପ୍ରଫେସର ସଞ୍ଜୟ କୁମାର ପାତ୍ରୋ ଆଜି ପୂର୍ବାହ୍ନରେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଆଇ ଆଇ ଟି ମୁମ୍ବାଇରୁ ପିଏଚଡି ଡ଼ିଗ୍ରୀ ହାସଲ କରିଥିବା ପ୍ରଫେସର ପାତ୍ରୋ ଏହା ପୂର୍ବରୁ ବୀର ସୁରେନ୍ଦ୍ର ସାଏ ୟୁନିଭରସିଟି ଅଫ ଟେକ୍ନୋଲଜି, ବୁର୍ଲା, ସମ୍ବଲପୁରରେ ସିଭିଲ ଇଞ୍ଜିନିୟରିଂ ପ୍ରଫେସର ଭାବରେ ଅଧାପନା କରିବା ସହିତ ବିଭାଗ ମୁଖ୍ୟ ଦାୟିତ୍ୱରେ ଥିଲେ। ଆଜି ମଧାହ୍ନରେ ବିଶ୍ୱବିଦ୍ୟାଳୟର ସମସ୍ତ ଅଧାପକ ଓ ଅଧାପିକା ତଥା କର୍ମଚାରୀ ମାନେ କୁଳପତିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଏହି ସମ୍ବର୍ଦ୍ଧନା ସଭାରେ କୁଳପତି ତାଙ୍କ ଉଦବୋଧନରେ କହିଥିଲେ, ସମସ୍ତଙ୍କର ଆନ୍ତରିକ ସହଯୋଗରେ ଏହି ନୂଆ ବିଶ୍ୱବିଦ୍ୟାଳୟ ଆଗକୁ ବଢ଼ି ପାରିବ। ଉନ୍ନତ ଗବେଷଣା ତଥା ଶୈକ୍ଷିକ ବାତାବରଣକୁ ଗୁରୁତ୍ୱ ଦେଇ ସେ ବିଶ୍ୱବିଦ୍ୟାଳୟକୁ ଅଗ୍ରଣୀ ବିଶ୍ୱବିଦ୍ୟାଳୟ ଭାବରେ ଛିଡ଼ା କରେଇବାକୁ ଆହ୍ୱାନ ଦେଇଥିଲେ। ସମ୍ପୂର୍ଣ୍ଣ ଓଡ଼ିଆରେ ତାଙ୍କର ଅଭିଭାଷଣ ଓଡ଼ିଆ ଅସ୍ମିତାକୁ ପ୍ରଦର୍ଶିତ କରିଥିଲା । ଏଥି ସହିତ ନୂତନ ଶିକ୍ଷା ନୀତିର ପ୍ରୟୋଗରେ କେନ୍ଦୁଝରର ମାନବ ସମ୍ବଳର ବିକାଶ ସାଧନ ପାଇଁ ସମସ୍ତଙ୍କୁ ଆତ୍ମୀୟତାର ସହିତ କାମ କରିବାକୁ ମାର୍ଗଦର୍ଶନ କରିଥିଲେ। ତାଙ୍କର ଯୋଗଦାନରେ ବିଶ୍ୱବିଦ୍ୟାଳୟର କାର୍ଯ୍ୟ ଆହୁରି ତ୍ୱରାନ୍ୱିତ ହୋଇପାରିବ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି।

# ବିଶ୍ୱ ପ୍ରତିମୂର୍ତ୍ତି ସଫେଇ ଓ ସଂରକ୍ଷଣ ଦିବସକୁ ମହାସମାରୋହରେ ପାଳନ କଲା ବାରିପଦା ନିର୍ବାଚନ ମଣ୍ଡଳୀ ବିଜେଡି



ବାରିପଦା , ୨୧/୦୪ (ନି.ପ୍ର): ୨୧ ଏପ୍ରିଲ କୁ ବିଶ୍ୱ ପ୍ରତିମୂର୍ତ୍ତି ସଂରକ୍ଷଣ ଦିବସ ଭାବେ ପାଳନ କରାଯାଏ, ଆମେ ମୟୂରଭଞ୍ଜିଆ ସଂଗଠନର ଆବାହକ ସଞ୍ଜୟ ଚୌଧୁରୀ ଙ୍କ ପ୍ରେରଣା ସବୁ ବର୍ଷ ଭଳି, ଏ ବର୍ଷ ମଧ ମହା ଆଡମ୍ବରେ ପାଳନ କରାଯାଇଛି, ବାରିପଦା ନିର୍ବାଚନମଣ୍ଡଳୀ ବିଜୁ ଜନତା ଦଳ ତରଫରୁ ପୂର୍ବତନ ଉପବାଚସ୍ପତି ସାନନ୍ଦ ମାଣ୍ଡି ଙ୍କ ନେତୃତ୍ୱରେ ବୀରପୁତ୍ର ମାନଙ୍କ ପ୍ରତି ଗଭୀର ଶ୍ରଦ୍ଧା ଏବଂ ଭକ୍ତିର ସହ ସଫେଇ କାର୍ଯ୍ୟକ୍ରମ ସ୍ୱଚ୍ଛତା ଏବଂ ସଚେତନତାର ବାର୍ତ୍ତା ପ୍ରଦାନ କରା ଯାଇଥିଲା। ସ୍ୱଚ୍ଛତା ଓ ସୁରକ୍ଷିତ ର ବାର୍ତ୍ତା ନେଇ ବାରିପଦା ସହର ମଧରେ ଥିବା ବର ପୁତ୍ର ବିଜୁ ପଟ୍ଟନାୟକ, ସୁଭାଷଚନ୍ଦ୍ର ବୋଷ, ପଣ୍ଡିତ ରଘୁନାଥ ମୁର୍ମୁ, ସୁନାରାମ ସୋରେନ, ପଣ୍ଡିତ ରୋହିତ ଦାସ ସିଂ ନାଗ, ପଣ୍ଡିତ ଲୋକ ବଦ୍ରା, ସ୍ୱର୍ଗତଃ ରଘୁନାଥ ମହାନ୍ତି ଝୀନ ଭାଇ, ସ୍ୱର୍ଗତଃ ଅଜୟ ଦାସ, ସ୍ୱର୍ଗତଃ ରତିକାନ୍ତ ମହାନ୍ତି କଦି, ସ୍ୱର୍ଗତଃ କୁଳଦୀପ ସାଏ ଙ୍କର ପ୍ରତିମୂହୂର୍ତ୍ତ ସଫା କରିବା ସହ ଭବିଷ୍ୟତ ବଂଶଧର ମାନଙ୍କୁ ପୂଜ୍ୟ ପୂଜାର ସମ୍ମାନ ପାଇଁ ସୁନ୍ଦର ବାର୍ତ୍ତା ବୋଲି ଅଭିହିତ କରିଥିଲେ ଏହି କାର୍ଯ୍ୟକ୍ରମ ରେ ଜିଲ୍ଲା ପରିଷଦ ଅଧକ୍ଷା ଭାରତୀ ହାଁସଦା, ମୟୁରଭଞ୍ଜ ଜିଲ୍ଲା ସଭାପତି ଦେବାଶିଷ ମାର୍ଣ୍ଡି,ଗଉଡ ଇଇଘକ ସଭାପତି ସୁବ୍ରମଣ୍ୟମ ମହାନ୍ତି, ପୂର୍ବତନ ଜିଲ୍ଲା ସଭାପତି ଦେବାଶିଷ ମହାନ୍ତି, ପୂର୍ବତନ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଜିତେନ୍ଦ୍ର ମହାନ୍ତି ନଛି, ସହର ବିଜେଡ଼ି ସଭାପତି ପ୍ରଭାତ ମହାନ୍ତି ଜନ, ଖଦି ବୋର୍ଡ ନିର୍ଦ୍ଦେଶକ ସରୋଜ ବୋଷ, ଯୁବ ବିଜେଡ଼ି ସଭାପତି ଅରୁଣ ବରାଡ, ଛାତ୍ର ବିଜେଡ଼ି ସଭାପତି ସୁନୀଲ କୁମାର ନାୟକ, ବରିଷ୍ଠ ବିଜେଡ଼ି ନେତା ପ୍ରଭାତ ନାୟକ, ଦେବାଶିଷ ପାତ୍ର, ଅନନ୍ତ ଦାସ, ଲଲାଟେନ୍ଦୁ ବେହେରା, ବିନୋଦ ବେହେରା, ପୂର୍ଣ୍ଣେନ୍ଦୁ ପରିଡା, ଶିବଶଙ୍କର ପାତ୍ର,ତାଙ୍କ ସହିତ ରାଜ୍ୟ ଯୁବ ସମ୍ପାଦକ ରାଜୀବ ଜେନା, କାଶୀନାଥ ରଣା,ଛାତ୍ର ନେତା ଆଭାସ ଦେ, ଜିତ୍ ପଟ୍ଟନାୟକ,ଦୀପକ ମାଡୁଆଳ, ଅମିତ୍ କୁମାର ବୈଠା, ଅଜିତ ଭକ୍ତା, ଅମିତ୍ ମହାକୁଡ଼, ଟୁନୁ ଅଗ୍ରୱାଲ ପ୍ରମୁଖ ସକ୍ରିୟ ଅଂଶ ଗ୍ରହଣ କରିଥିଲେ।

# ଭେଡେନ-ଇବ ନଦୀରୁ ବେଆଇନ ଜଳ ଉଠାଇବା ବିରୋଧରେ ଅଂଚଳବାସୀଙ୍କ ଆନ୍ଦୋଳନ

ଝାରସୁଗୁଡ଼ା, ୨୧/୦୪ (ନି.ପ୍ର): ଝାରସୁଗୁଡ଼ା ଜିଲ୍ଲାର ଜୀବନରେଖା ଭାବେ ପରିଚିତ ଭେଡେନ ଓ ଇବ ନଦୀରୁ ବେଆଇନ ଭାବେ ଜଳ ଉଠାଇବାକୁ ନେଇ ଅଂଚଳରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି। ହିର୍ମା ଓ ବଡ଼ମାଲ ଅଂଚଳରେ ଥିବା ଏସଏମସି କମ୍ପାନୀଙ୍କ ବିରୋଧରେ ସୋମବାର ଶତାଧିକ ମହିଳା ଓ ଗ୍ରାମବାସୀ ପମ୍ପ ହାଉସ ସମ୍ମୁଖରେ ଧାରଣା ଦେଇଥିଲେ।

ସୂଚନାନୁସାରେ, ଏସଏମସି କମ୍ପାନୀର ୟୁନିଟ-୧ (ହିର୍ମା) ଓ ୟୁନିଟ-୨ (ବଡ଼ମାଲ) ଦ୍ୱାରା ଅଣମୌସୁମୀ ସମୟରେ ନଦୀରୁ ଜଳ ଉଠାଯାଉଥିବାରୁ ଏହାକୁ ବିରୋଧ କରି ବଡ଼ମାଲ, ହିର୍ମା, ଜମେରା ଓ ମରାକୁଟା ଗ୍ରାମପଂଚାୟତର ଲୋକେ ଏହି ଆନ୍ଦୋଳନରେ ସମିଳିତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ଗ୍ରୀଷ୍ମ ଋତୁରେ ଭେଡେନ ଓ ଇବ ନଦୀର ଜଳସ୍ତର ହ୍ରାସ ପାଇଥାଏ। ଏହି ସମୟରେ ନଦୀର ଅଳ୍ପ ପାଣି ଉପରେ ନିର୍ଭର କରି ଗ୍ରାମବାସୀ ଦୈନିକ କାର୍ଯ୍ୟ, ପାନୀୟ ଜଳ ଓ ପଶୁପାଳନ ସମ୍ବନ୍ଧୀୟ କାମ ସମ୍ପାଦନ କରନ୍ତି। କିନ୍ତୁ କମ୍ପାନୀ ପକ୍ଷରୁ ଜଳ ଉଠାଯିବା ଫଳରେ ଅଂଚଳରେ ପାନୀୟ ଜଳ ସଙ୍କଟ ଗଭୀର ହୋଇପଡ଼ିଛି। ମଣିଷ ସହିତ ପଶୁପକ୍ଷୀମାନେ ମଧ ଜଳାଭାବରେ ପୀଡ଼ିତ ହେଉଛନ୍ତି। ଉଲ୍ଲେଖଯୋଗ୍ୟ, ଓଡ଼ିଶା ସରକାରଙ୍କ ଜଳସମ୍ପଦ ବିଭାଗ ପକ୍ଷରୁ ୨୦୨୦ ମସିହା ଜୁଲାଇ ୭ ତାରିଖରେ ଜାରି ହୋଇଥିବା ନିର୍ଦ୍ଦେଶ ଅନୁଯାୟୀ ଅଣମୌସୁମୀ ସମୟରେ ନଦୀରୁ ଜଳ ଉଠାଇବାକୁ ନିଷେଧ କରାଯାଇଥିଲା। କମ୍ପାନୀକୁ ନିଜ ପରିସରରେ ଜଳ ସଂରକ୍ଷଣ କରି କାର୍ଯ୍ୟ କରିବାକୁ ପରାମର୍ଶ ଦିଆଯାଇଥିବା ସତ୍ତ୍ୱେ, ଏହାକୁ ଅବହେଳା କରାଯାଇଥିବା ଅଭିଯୋଗ ହୋଇଛି। ଗତ ଦୁଇ ମାସ ଧରି ଅଂଚଳବାସୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ଦିଆଯାଇଥିଲେ ମଧ କୌଣସି ପ୍ରଭାବଶୀଳ ପଦକ୍ଷେପ ନିଆଯାଇନଥିବାରୁ ଲୋକମାନେ ଆନ୍ଦୋଳନରେ ବସିଥିଲେ। ଧାରଣା ସ୍ଥଳକୁ ପ୍ରଶାସନ ପହଂଚିବାରେ ବିଳମ୍ବ ହେବାକୁ ନେଇ ମଧ ଅସନ୍ତୋଷ ପ୍ରକାଶ ପାଇଥିଲା। ପରେ ପ୍ରଶାସନ ପକ୍ଷରୁ ଆସନ୍ତା ଦୁଇ ଦିନ ମଧରେ ଘଟଣାର ତଦନ୍ତ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଆଶ୍ୱାସନ ଦେବା ପରେ ଧାରଣା ହଟାଯାଇଥିଲା।

ଏନେଇ ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା କହିଛନ୍ତି ଯେ, ଏ ସମ୍ପର୍କରେ ଅତିରିକ୍ତ ଜିଲ୍ଲାପାଳଙ୍କ ଠାରୁ ଚିଠି ପ୍ରାପ୍ତ ହୋଇଛି ଏବଂ ଜଳସମ୍ପଦ ବିଭାଗର ଅଧିକାରୀଙ୍କ ସହ ଘଟଣାସ୍ଥଳକୁ ଯାଇ ତଦନ୍ତ କରାଯିବ। ଅନ୍ୟପକ୍ଷରେ, କମ୍ପାନୀ ଅଧିକାରୀ ଲକ୍ଷ୍ମୀନାରାୟଣ ମିଶ୍ରଙ୍କ ସହ ଯୋଗାଯୋଗ ପାଇଁ ଚେଷ୍ଟା କରାଯାଇଥିଲା ମାତ୍ର ସେ ଫୋନ୍ ଉଠାଇନଥିବାରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ। ଯଦି ଶୀଘ୍ର ସମାଧାନ ନ ହୋଇ ଆଗାମୀ ଦିନରେ ପୁନର୍ବାର ନଦୀରୁ ଜଳ ଉଠାଯାଏ, ତେବେ ବ୍ୟାପକ ଜନଆନ୍ଦୋଳନ କରାଯିବ ବୋଲି ଅଂଚଳବାସୀ ଚେତାବନୀ ଦେଇଛନ୍ତି।

# ମଇ ମାସ ୯ ତାରିଖରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

ଭଦ୍ରକ, ୨୧/୦୪ (ନି.ପ୍ର): ଚଳିତବର୍ଷର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଜିଲ୍ଲା କୋର୍ଟ ପରିସର, ନଳାଙ୍ଗ, ଭଦ୍ରକଙ୍କ ସମେତ ତାଲୁକ ସ୍ତରରେ ବାସୁଦେବପୁର, ଚାନ୍ଦବାଲି ଓ ଧାମନଗର ଅଦାଲତ ପରିସରରେ ମଇ ମାସ ୯ ତାରିଖରେ(ଦ୍ୱିତୀୟ ଶନିବାର) ଦିନ ଅନୁଷ୍ଠିତ ହେବାକୁ ଯାଉଅଛି। ଜିଲ୍ଲା ଓ ଦୌରା ଜଜ୍ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧକ୍ଷ ଶ୍ରୀ ଲଲାଟେନ୍ଦୁ ଜେନାଙ୍କ ନିର୍ଦ୍ଦେଶ କ୍ରମେ ପ୍ରାଧିକରଣ ସଚିବ ଶ୍ରୀ ପୁଣ୍ୟଶ୍ଳୋକ ରଥ ଏହି ସୂଚନା ଦେଇଛନ୍ତି। ରାଷ୍ଟ୍ରୀୟ ଆଇନ ସେବା ପ୍ରାଧୀକରଣ, ନୂଆଦିଲ୍ଲୀଙ୍କ ନିର୍ଦ୍ଦେଶକ୍ରମେ ଜନସାଧାରଣଙ୍କୁ ନିଃଶୁଳ୍କ ଆଇନ ସେବା ଯୋଗାଇଦେବା ଲକ୍ଷ୍ୟରେ ଏହି ରାଷ୍ଟ୍ରୀୟ ଲୋକ ଅଦାଲତ ମାଧ୍ୟମରେ ଦୀର୍ଘଦିନ ଧରି ଚାଲୁ ରହିଥିବା ମାମଲାର ସହଜ ସମାଧାନ ପାଇଁ ଏବଂ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇଁ ଏହି ସୁଯୋଗର ସଦୁପଯୋଗ କରିବାକୁ ପରାମର୍ଶ ଦିଆଯାଇଛି। ଏହି ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରାଧୀନ ମୋକଦ୍ଦମା ଯଥା ଫୌଜଦାରୀ (କମ୍ପରମାଇଜି /ସାଲିସ ଯୋଗ୍ୟ), ଚେକ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ମାମଲା, ରାଜସ୍ୱ ମାମଲା, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ, ଜଳ ଓ ଅନ୍ୟାନ୍ୟ ବିଲ ଦେୟ ଜନିତ ବିବାଦ (କମ୍ପରମାଇଜି /ସାଲିସ ବିହୀନ ବିବାଦକୁ ବାଦ ଦେଇ) ବୈବାହିକ ବିବାଦ (ଛାଡପତ୍ର ବ୍ୟତୀତ), ଜମି ଅଧିଗ୍ରହଣ, ଚାକିରି ସମ୍ବନ୍ଧୀୟ (ଦରମା , ଭତ୍ତା ଓ ଅବସର କାଳୀନ ପ୍ରାପ୍ୟ), ମୋଟର ଯାନ ସମ୍ବନ୍ଧୀୟ ଓ ଅନ୍ୟାନ୍ୟ ଦେୱାନୀ ମୋକଦ୍ଦମା ଇତ୍ୟାଦିର ଆପୋଷ ସହମତିରେ ସମାଧାନ କରାଯାଇପାରିବ, କେବଳ ବିଚାରଧିନ ମୋକଦ୍ଦମା ନୁହେଁ, ପ୍ରାକ ମୋକଦ୍ଦମା ସ୍ତରୀୟ (କଚେରୀରେ ଦାୟର ହୋଇ ନଥିବା), ଚେକ ବାଉନ୍ସ ମାମଲା, ବି.ଏସ୍.ଏନ୍.ଏଲ୍, ବ୍ୟାଙ୍କ ଋଣ ବିବାଦ , ଶ୍ରମ ଓ ନିଯୁକ୍ତି ବିବାଦ, ଅନ୍ୟାନ୍ୟ କମ୍ପରମାଇଜି/ ସାଲିସ ଯୋଗ୍ୟ ଫୌଜଦାରୀ ଓ ଅନ୍ୟାନ୍ୟ ଦେୱାନୀ ମୋକଦ୍ଦମା ଇତ୍ୟାଦିର ମଧ ସମାଧାନ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇପାରିବ । ଏହାର ସୁବିଧା ଯେପରି ଲୋକମାନେ ପାଇ ପାରିବେ ଓ ଏହାର ପ୍ରଚାର ପ୍ରସାର ମାଧମରେ ଅଧିକରୁ ଅଧିକ ଲୋକ ଉପକୃତ ହୋଇପାରିବେ, ସେଥିପାଇଁ ଜିଲ୍ଲା ଆଇନ ସେବା ପ୍ରାଧିକରଣ ପ୍ରଚେଷ୍ଟା ଜାରି ରଖିଛନ୍ତି। ଜନ ସାଧାରଣ କୌଣସି ଦ୍ୱନ୍ଦ ବା ଭୟଭୀତ ନ ହୋଇ ଏହାର ସୁଯୋଗ ନେବାକୁ କୁହା ଯାଇଛି ।

# ମାଲକାନଗିରି ଜିଲ୍ଲା ଷ୍ଟାଡିୟମରେ ସିଏମ୍ ଟ୍ରଫି ଉଦ୍‌ଘାଟିତ

ମାଲକାନଗିରି, ୨୧/୦୪ (ନି.ପ୍ର): ଓଡ଼ିଶାର କ୍ରୀଡ଼ା ମାନଚିତ୍ରରେ ମାଲକାନଗିରିର ଯୁବପିଢ଼ିଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିବା ଲକ୍ଷ୍ୟରେ ଆଜି ସ୍ଥାନୀୟ ଜିଲ୍ଲା ଷ୍ଟାଡିୟମ୍ ପରିସରରେ ଜିଲ୍ଲା ସ୍ତରୀୟ ସିଏମ୍ ଟ୍ରଫି କ୍ରୀଡ଼ା ପ୍ରତିଯୋଗିତା ଅତ୍ୟନ୍ତ ଭବ୍ୟ ଓ ଆଡ଼ମ୍ବରପୂର୍ଣ୍ଣ ଭାବେ ଉଦଘାଟିତ ହୋଇଯାଇଛି । ମାଲକାନଗିରି ବିଧାୟକ ନରସିଂହ ମାଡ଼କାମୀ ଏବଂ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ପ୍ରଦୀପ ପ୍ରଜ୍ୱଳନ କରି ଏହି କ୍ରୀଡ଼ା ମହୋତ୍ସବର ଶୁଭାରମ୍ଭ କରିଥିଲେ। ଷ୍ଟାଡିୟମରେ ଶତାଧିକ କ୍ରୀଡ଼ାବିତ୍‌ଙ୍କ ମାର୍ଚ୍ଚ-ପାଷ୍ଟ ଓ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶକୁ ବେଶ୍ ଉତ୍ସବମୁଖର କରିଥିଲା। ଏହି ଅବସରରେ ଉଦବୋଧନ ଦେଇ ବିଧାୟକ କହିଥିଲେ ଯେ, ଆମ ମାଲକାନଗିରିର ମାଟିରେ ଅନେକ ପ୍ରତିଭା ଲୁଚି ରହିଛନ୍ତି। ସିଏମ୍ ଟ୍ରଫି କେବଳ ଏକ ଖେଳ ନୁହେଁ, ବରଂ ଏହା ଉପାନ୍ତ ଅଞ୍ଚଳର ଯୁବପିଢ଼ିଙ୍କୁ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ପହଞ୍ଚାଇବା ପାଇଁ ଏକ ମଜଭୁତ ସେତୁ। ସରକାରଙ୍କ ଏହି ଅଭିନବ ପ୍ରୟାସ ଫଳରେ ପିଲାମାନେ ଖେଳ ମାଧ୍ୟମରେ ନିଜର ଭବିଷ୍ୟତ ଗଢ଼ିପାରିବେ। ସେହିପରି ଜିଲ୍ଲାପାଳ କ୍ରୀଡ଼ାବିତ୍‌ଙ୍କୁ ଉତ୍ସାହିତ କରି କହିଥିଲେ, କ୍ରୀଡ଼ା ଆମକୁ ଶୃଙ୍ଖଳା, ଧୈର୍ଯ୍ୟ ଏବଂ ସହଭାଗିତା ଶିଖାଏ। ଜିଲ୍ଲାର ପ୍ରତିଟି ବ୍ଲକରୁ ଆସିଥିବା ଖେଳାଳିମାନେ ନିଜର ଶ୍ରେଷ୍ଠ ପ୍ରଦର୍ଶନ କରନ୍ତୁ ଏବଂ ହାର୍-ଜିତ୍ କୁ ଭୁଲି କ୍ରୀଡ଼ା ମନୋଭାବ ସହ ଖେଳନ୍ତୁ। ଜିଲ୍ଲା ପ୍ରଶାସନ ପକ୍ଷରୁ ଖେଳାଳିମାନଙ୍କୁ ସମସ୍ତ ପ୍ରକାର ଆନୁଷଙ୍ଗିକ ସୁବିଧା ଓ ଉନ୍ନତମାନର ପ୍ରଶିକ୍ଷଣ ଯୋଗାଇ ଦେବାକୁ ଆମେ ସଂକଳ୍ପବଦ୍ଧ। ଏହି ପ୍ରତିଯୋଗିତାରେ ଜିଲ୍ଲାର କୋରକୁଣ୍ଡା, ମାଥିଲି, ଚିତ୍ରକୋଣ୍ଡା, ପଡ଼ିଆ ଭଳି ସମସ୍ତ ବ୍ଲକରୁ ଆସିଥିବା ଶତାଧିକ ଛାତ୍ରଛାତ୍ରୀ ଓ ଯୁବ କ୍ରୀଡ଼ାବିତ୍ ଭାଗ ନେଇଛନ୍ତି। ଫୁଟବଲ୍, ଭଲିବଲ୍, ଖୋ-ଖୋ ଓ କବାଡି ଭଳି ଲୋକପ୍ରିୟ ଖେଳରେ ଖେଳାଳିମାନେ ନିଜର ଜଲୱା ଦେଖାଉଛନ୍ତି। ଖେଳାଳିମାନଙ୍କ ସୁବିଧା ପାଇଁ ଷ୍ଟାଡିୟମ୍ ପରିସରରେ ବିଶ୍ରାମ କକ୍ଷ, ପାନୀୟ ଜଳ ଏବଂ ପ୍ରାଥମିକ ଚିକିତ୍ସା ଶିବିର ମଧ ସ୍ଥାପନ କରାଯାଇଛି।

# ପଞ୍ଚାୟତରେ ସ୍ୱତନ୍ତ୍ର ଗ୍ରାମସଭା ଏକ ପ୍ରହସନ ପାଲଟିଛି

ବୈଶିଙ୍ଗା, ୨୧/୦୪ (ନି.ପ୍ର): ପ୍ରତି ପଞ୍ଚାୟତରେ ଉନ୍ନତ୍ତି ମୂଳକ କାର୍ଯ୍ୟକ୍ରମ କରାଯିବା ପାଇଁ ପଲ୍ଲୀସଭା ଏବଂ ପରେ ଗ୍ରାମସଭା କରାଯାଇ ବିଭିନ୍ନ ପ୍ରକଳ୍ପ ମଞ୍ଜୁରୀ କରାଯିବା ସହିତ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଅନୁମୋଦନ ପ୍ରାପ୍ତ କରାଯାଇ ଥାଏ। ପଲ୍ଲୀ ସଭାର ସିଦ୍ଧାନ୍ତ ଅନୁଯାଇ ଗ୍ରାମରେ ବଛା ଯାଇଥିବା ବ୍ୟକ୍ତିବିଶେଷ କ୍ରମାନ୍ୱୟରେ କାର୍ଯ୍ୟାଦେଶ ପାଇ ପ୍ରକଳ୍ପ କାର୍ଯ୍ୟ କରିଥାନ୍ତି। ମାତ୍ର ବିଡମ୍ବନା ର ବିଷୟ ଯେ ଗତ ପଞ୍ଚାୟତ ନିର୍ବାଚନ ପର ଠାରୁ ଆଜି ପର୍ଯ୍ୟନ୍ତ ଗ୍ରାମମାନଙ୍କରେ ପଲ୍ଲୀସଭା ଅନୁଷ୍ଠିତ ହୋଇ ପାରି ନାହିଁ। କେବଳ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ପଞ୍ଚାୟତବାସୀ ଙ୍କ ଅଗୋଚରରେ ନିଜ ଇଚ୍ଛା ମୁତାବକ ପ୍ରକଳ୍ପ ଦିଆଯାଉଥିବାର ଅଭିଯୋଗ ହୋଇ ଆସୁଛି। କେବଳ ଗାନ୍ଧି ଜୟନ୍ତୀ ଏବଂ ସ୍ୱାଧୀନତା ଦିବସ ଅବସରରେ ରାଜ୍ୟର ପ୍ରତି ପଞ୍ଚାୟତରେ ସ୍ୱତନ୍ତ୍ର ଗ୍ରାମସଭା କରାଯିବା ସହିତ ପ୍ରକଳ୍ପ ଗୁଡ଼ିକର ସିଦ୍ଧାନ୍ତ ନିଆଯିବା ର ସରକାରୀ ବ୍ୟବସ୍ଥା ରହିଛି। ଏଥିପାଇଁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଏକ ଡେଙ୍ଗୁରା ଦିଆ ଯିବାର ବ୍ୟବସ୍ଥା ରହିଛି। ମାତ୍ର ଡେଙ୍ଗୁରା ନ ଦେବା ଯୋଗୁଁ କୌଣସି ଗ୍ରାମବାସୀ ଜାଣି ନ ପାରିବାର ଅଭିଯୋଗ ମଧ ରହିଛି । ଏଥିପାଇଁ ଜନ ସାଧାରଣଙ୍କ ମଧରେ ଅସନ୍ତୋଷ ର ଦାନା ବାନ୍ଧିବାରେ ଲାଗିଛି।ଉନ୍ନତ୍ତି ମୂଳକ କାର୍ଯ୍ୟରେ ଫଳକ ନ ଲଗାଇ ମନଇଚ୍ଛା କାର୍ଯ୍ୟ କରାଯିବାକୁ ପ୍ରଶାସନର ଅବହେଳା ବୋଲି ମତ ପ୍ରକାଶ ପାଇଛି। ସ୍ଥାନୀୟ ସରପଞ୍ଚ ଏଥି ପ୍ରତି ଧ୍ୟାନ ଦେବାକୁ ଦାବୀ ହେଉଛି ।

# ସେଲ୍, ରାଉରକେଲା ଇସ୍ପାତ କାରଖାନାରେ ଜାତୀୟ ଅଗ୍ନି ସେବା ସପ୍ତାହ ପାଳନ ଓ ପୁରସ୍କାର ବିତରଣ ଉତ୍ସବ ସହିତ ଉଦ୍‌ଯାପିତ



ରାଉରକେଲା, ୨୧/୦୪ (ନି.ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆର ଏସ ପି)ରେ ଜାତୀୟ ଅଗ୍ନି ସେବା ସପ୍ତାହ ପାଳନ ଅବସରରେ ଅପ୍ରେଲ ୨୦ ତାରିଖରେ ଏକ ପୁରସ୍କାର ବିତରଣ ସମାରୋହ ସହିତ ଉଦଯାପିତ ହୋଇ ଯାଇଛି । ଗୋପବନ୍ଧୁ ଅଡିଟୋରିୟମରେ ଆୟୋଜିତ ଉଦଯାପନୀ ସମାରୋହରେ ଖଣି ଉନ୍ନୟନ , ସି ଏଲ ଏମ ଓ ର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ବି କେ ଗିରି, ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିଲେ। ଏହି ଅବସରରେ ମାଇନ୍ସ, ଓଜିଓଏମ, ସି ଏଲ ଏମ ଓ ର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଏମ ପି ସିଂହ, ସେବା ବିଭାଗ ର ସି ଜି ଏମ, ଇନଚାର୍ଜ ଏବଂ କାର୍ଯ୍ୟ ବିଭାଗ ର ନିର୍ବାହୀ ନିର୍ଦ୍ଦେଶକ ଙ୍କ କାର୍ଯ୍ୟଭାର ବହନ କରୁଥିବା ଶ୍ରୀ ଏ ସି ସରକାର, ଚିକିତ୍ସା ଏବଂ ସ୍ୱାସ୍ଥ୍ୟ ସେବା ବିଭାଗ ର ସି ଏମ ଓ ଇନ ଚାର୍ଜ ଡକ୍ଟର ଜୟନ୍ତ ଆଚାର୍ଯ୍ୟଙ୍କ ସମେତ ସୁରକ୍ଷା ଏବଂ ଅଗ୍ନିଶମ ସେବା ବିଭାଗ ର ସି ଜି ଏମ ଶ୍ରୀ ହୀରାଲାଲ ମହାପାତ୍ର, ମଞ୍ଚାସୀନ ଥିଲେ। ଏହି କ୍ରମରେ କାରଖାନାର ବହୁ ସି ଜି ଏମ, ବିଭାଗୀୟ ମୁଖ୍ୟ, ବହୁ ବରିଷ୍ଠ ଅଧିକାରୀ ତଥା କର୍ମଚାରୀ, ଛାତ୍ର ଏବଂ ସେମାନଙ୍କ ଅଭିଭାବକମାନେ ଉପସ୍ଥିତ ଥିଲେ। ସମାବେଶକୁ ସମ୍ବୋଧିତ କରି ଶ୍ରୀ ଗିରି କହିଥିଲେ ଯେ ଅଗ୍ନି ଶକ୍ତି ଏବଂ ପବିତ୍ରତାର ପ୍ରତୀକ। ଯେକୌଣସି ପୂଜା ପ୍ରାୟତଃ ଦୀପ ପ୍ରଜ୍ୱଳନ ସହିତ ଆରମ୍ଭ ହୋଇଥାଏ, ଯାହା ଶୁଭ କାର୍ଯ୍ୟକୁ ସୂଚିତ କରେ। ସେ ଆହୁରି ମଧ କହିଥିଲେ ଯେ 'ରୋକୋ-ଟୋକୋ' ମାଧମ ରେ ଲୋକମାନଙ୍କୁ ସଚେତନ କରିବା ଏବଂ ନିରାପଦ ଅଭ୍ୟାସଗୁଡ଼ିକ ଅନୁସରଣ କରିବାକୁ ଉତ୍ସାହିତ କରିବା ଏକ ଶକ୍ତିଶାଳୀ ମାଧମ ଅଟେ । ସେ ସର୍ବଦା ସତର୍କ ରହିବା ସହିତ ଅଗ୍ନିକାଣ୍ଡକୁ ରୋକିବା ପାଇଁ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ଆର ଏସ ପି ରେ ଜୀବନ ଏବଂ ସମ୍ପତ୍ତିର ସୁରକ୍ଷା ସୁନିଶ୍ଚିତ କରିବାରେ ଅଗ୍ନିଶମ କର୍ମଚାରୀଙ୍କ ଉତ୍ସର୍ଗୀକୃତ ପ୍ରୟାସକୁ ମଧ ପ୍ରଶଂସା କରିଥିଲେ।

ଏହି ଅବସରରେ ଶ୍ରୀଯୁକ୍ତ ଏମ୍. ପି. ସିଂହ କାର୍ଯ୍ୟକ୍ଷେତ୍ର ଏବଂ ଦୈନନ୍ଦିନ ଜୀବନରେ ଅଗ୍ନି ସୁରକ୍ଷା ମାନଦଣ୍ଡଗୁଡ଼ିକର କଡ଼ା ଅନୁପାଳନର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ।

ଶ୍ରୀଯୁକ୍ତ ସରକାର ଏବଂ ଡକ୍ଟର ଆଚାର୍ଯ୍ୟ ଅଗ୍ନି ସୁରକ୍ଷାର ମହତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ, ବିଶେଷକରି ଶିଳ୍ପ ଗୁଡିକରେ ଉତ୍ପାଦନ କ୍ଷେତ୍ର ରେ ଅଗ୍ନି ଏକ ଅତ୍ୟାବଶ୍ୟକୀୟ ଅଂଶ କିନ୍ତୁ ସର୍ବାଧିକ ସତର୍କତାର ସହିତ ପରିଚାଳନା ନ କଲେ ଏହା ଘାତକ ହୋଇପାରେ। ସମ୍ମାନିତ ବ୍ୟକ୍ତିମାନେ ଗ୍ୟାସ ସୁରକ୍ଷା ଏବଂ ଅଗ୍ନି ନିବାରଣ ସମ୍ବନ୍ଧୀୟ ସେମାନଙ୍କର ବ୍ୟକ୍ତିଗତ ଅଭିଜ୍ଞତା ମଧ ବାଣ୍ଟିଥିଲେ, ନିରନ୍ତର ସତର୍କତା ଏବଂ ସୁରକ୍ଷା ପ୍ରୋଟୋକଲ ପାଳନର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ।

ସମ୍ମାନିତ ଅତିଥିମାନେ ଇସ୍ପାତ ସହରାଞ୍ଚଳ ର ସ୍କୁଲ ପିଲାମାନଙ୍କ ପାଇଁ ସ୍ଲଟ୍ ପେଣ୍ଟିଂ ଏବଂ ଫାୟାର ମକ୍ ଡ୍ରିଲ୍, ଅଗ୍ନିଶମ ସେବା ବିଭାଗ ପାଇଁ ସନ୍ତରଣ, ଆଥଲେଟିକ୍ସ, ଭଲି ବଲ୍, ଅଗ୍ନି ନିରାପତ୍ତା ଅନଲାଇନ୍ କୁଇଜ୍, ସ୍ଲୋଗାନ ଏବଂ ହାଉସ କିପିଙ୍ଗ ଭଳି କର୍ମଚାରୀମାନଙ୍କ ପାଇଁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସପ୍ତାହବ୍ୟାପୀ ଏହି ଅଭିଯାନ ସଂଯୋଜନା କରିବାରେ ସାହାଯ୍ୟ କରିଥିବା ବିଚାରକ ଏବଂ ବ୍ୟକ୍ତିମାନଙ୍କୁ ମଧ ସମ୍ମାନିତ କରାଯାଇଥିଲା। ସପ୍ତାହ ପାଳନ ଅବଧିରେ ଆୟୋଜିତ ରକ୍ତଦାନ ଶିବିରରେ ୨୫ ୟୁନିଟ୍ ରକ୍ତ ଦାନ କରିଥିବା ବିଭାଗର କର୍ମଚାରୀମାନଙ୍କୁ ମଧ ଏ ଅବସର ରେ ପ୍ରଶଂସା କରାଯାଇଥିଲା।

କାର୍ଯ୍ୟକ୍ରମଟି ଜାତୀୟ ସଙ୍ଗୀତ ଗାନ ସହିତ ଆରମ୍ଭ ହୋଇଥିଲା, ପରେ ସମ୍ମାନିତ ବ୍ୟକ୍ତିମାନେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଗ୍ନିଶମ ସେବା ଦିବସର ଭିଡିଓ ଏବଂ ସପ୍ତାହବ୍ୟାପୀ ଅଗ୍ନିଶମ ସେବା କାର୍ଯ୍ୟକଳାପ ଉପରେ ଏକ ଭିଡିଓ ପ୍ରଦର୍ଶିତ ହୋଇଥିଲା। ପ୍ରାରମ୍ଭରେ ଶ୍ରୀ ହୀରାଲାଲ ମହାପାତ୍ର ସମାବେଶ କୁ ସ୍ୱାଗତ କରିବା ସହିତ ଅଗ୍ନିଶମ ସେବା ବିଭାଗର କାର୍ଯ୍ୟକଳାପ ଉପରେ ସଂକ୍ଷିପ୍ତ ବିବରଣୀ ଦେଇଥିଲେ । ଅଗ୍ନିଶମ ସେବା ବିଭାଗ ର ଜି ଏମ ଶ୍ରୀ ପି ଏସ ଠାକରେ, ଧନ୍ୟବାଦ ଅର୍ପଣ କରି ଥିବା ବେଳେ ଅଗ୍ନିଶମ ସେବା ବିଭାଗର ଡେପୁଟି ମ୍ୟାନେଜର ଶ୍ରୀ ସାବାଜ ଆସିଫ ଠାକୋର, ପୁରସ୍କାର ବିତରଣ କାର୍ଯ୍ୟକ୍ରମର ସଂଯୋଜନା କରିଥିବା ବେଳେ ଅଗ୍ନିଶମ ସେବା ବିଭାଗ ର ଆସିଷ୍ଟାଣ୍ଟ ମ୍ୟାନେଜର ଶ୍ରୀ ମୋହିତ ସିଂହ, ସମାପନୀ ଉତ୍ସବ ର ସଂଯୋଜନା କରିଥିଲେ ।

# ରିଜିଓନାଲ ଟାଇକଣ୍ଡୋରେ କେନ୍ଦ୍ରୀୟ ବିଦ୍ୟାଳୟର ନଅ ଜଣ

ବଲାଙ୍ଗିର, ୨୧/୦୪ (ନି.ପ୍ର): ଆସନ୍ତା ୨୧ ତାରିଖରୁ ୨୩ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରରେ କେନ୍ଦ୍ରୀୟ ବିଦ୍ୟାଳୟ ନମ୍ବର ୫ ର ନଅ ଜଣ ଛାତ୍ର ଛାତ୍ରୀ ଭାଗ ନେବା ପାଇଁ ମନୋନିତ ହୋଇଛନ୍ତି । ଜାତୀୟ ସ୍ତରୀୟ ଟାଇକଣ୍ଡୋ କୋଚ ତଥା ବଲାଙ୍ଗିର ଜିଲ୍ଲା ଟାଇକଣ୍ଡୋ ସଂଘ ସାଧାରଣ ସମ୍ପାଦକ ଅସୀମ କୁମାର ଭୋଇ ଏହି ନଅ ଜଣ ଛାତ୍ରଙ୍କୁ ପ୍ରଶିକ୍ଷଣ ଦେଇ ମନୋନୀତ କରିଥିବା ସ୍କୁଲ ତରଫରୁ ସୂଚନା ଦିଆଯାଇଛି ।

# କଳା ଓ ସଂସ୍କୃତିକୁ ଆଗେଇ ନେବା ପାଇଁ ନିରାକାନ୍ତ ଆର୍ଟସ୍ ଫାଉଣ୍ଡେସନ୍'ର ଭବ୍ୟ ଉଦ୍ଘାଟନ ଉତ୍ସବ

କେନ୍ଦୁଝର, ୨୧/୦୪ (ନି.ପ୍ର): କଳା ଓ ସଂସ୍କୃତିକୁ ଆଗେଇ ନେବା ପାଇଁ 'ନିରାକାନ୍ତ ଆର୍ଟସ୍ ଫାଉଣ୍ଡେସନ୍'ର ଭବ୍ୟ ଉଦ୍ଘାଟନ ଉତ୍ସବ ସ୍ଥାନୀୟ ସେଲ୍ ଅଡିଟୋରିୟମରେ ଅନୁଷ୍ଠିତ ହୋଇଯାଇଛି । ଏହି ସଂସ୍ଥା ମାଧମରେ ଥିଏଟର ଅଭିନୟ, ନୃତ୍ୟ ଓ ବିଭିନ୍ନ କଳାମୂଳକ ବିଷୟରେ ପ୍ରଶିକ୍ଷଣ ଦିଆଯିବ। ଏହି ଫାଉଣ୍ଡେସନ୍ଟିକୁ ପ୍ରତିଷ୍ଠା କରିଛନ୍ତି କେନ୍ଦୁଝର ସହରର ଜଣେ ଉଦ୍ୟମି ଯୁବକ ଅବିନାଶ ରାଉତ, ଯାହାଙ୍କ ଲକ୍ଷ୍ୟ ହେଉଛି ସ୍ଥାନୀୟ ଯୁବପୀଢ଼ୀଙ୍କୁ କଳା କ୍ଷେତ୍ରରେ ସୁଯୋଗ ଦେବା ସହିତ ଓଡ଼ିଶାର ସମୃଦ୍ଧ ସଂସ୍କୃତିକୁ ସୁରକ୍ଷିତ ଓ ପ୍ରଚାର କରିବା। ଉଦ୍ଘାଟନ ଅବସରରେ ବଲିଉଡ୍ ଏବଂ ମରାଠୀ ତାରକା ଶିବ୍ ଠାକରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସେ କହିଥିଲେ ଯେ, ଏପରି ମଂଚ ଗୁଡ଼ିକ ଯୁବ ପ୍ରତିଭାମାନଙ୍କୁ ଉନ୍ନତ କରିବାରେ ବଡ଼ ଭୂମିକା ନେଉଛି ଏବଂ ସେମାନେ ନିଜ ସ୍ୱପ୍ନକୁ ସାକାର କରିବାକୁ ଏହିପରି ସଂସ୍ଥାମାନଙ୍କ ସହ ଯୋଡ଼ି ହେବା ଉଚିତ୍। ଏହି ଅବସରରେ ଓଲିଉଡ୍ ଅଭିନେତ୍ରୀ ଶୀତଲ୍ ପାତ୍ର ମଧ ଅତିଥି ଭାବେ ଉପସ୍ଥିତ ଥିଲେ। ସେ ଏହି ପଦକ୍ଷେପକୁ ସ୍ୱାଗତ କରିବା ସହିତ କହିଥିଲେ ଯେ, ଛୋଟ ଅଂଚଳରେ ଏପରି ସଂସ୍ଥା ସୃଷ୍ଟି ହେବା ଦ୍ୱାରା ପ୍ରତି ପ୍ରତିଭାମାନେ ନୂଆ ମଂଚ ପାଇବେ। ଉଦ୍ଘାଟନ ଉତ୍ସବରେ ଅନୁଷ୍ଠାନର ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ନୃତ୍ୟ, ରାମ୍ପ୍ ୱାକ୍ ଓ ବିଭିନ୍ନ ସଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା, ଯାହା ଦର୍ଶକମାନଙ୍କୁ ମୋହିତ କରିଥିଲା। ଅନୁଷ୍ଠାନର ଅଧକ୍ଷ ଅବିନାଶ ରାଉତ କହିଥିଲେ ଯେ, ଏହି ଫାଉଣ୍ଡେସନ୍ ମାଧ୍ୟମରେ ପ୍ରଶିକ୍ଷଣ, ୱର୍କଶପ୍ ଓ ମଂଚ ପ୍ରଦର୍ଶନର ସୁଯୋଗ ଯୋଗାଇ ଯୁବମାନଙ୍କୁ ପେଶାଦାର କଳାକାର ଭାବେ ଗଢ଼ି ତୋଳାଯିବ। ଏହି କାର୍ଯ୍ୟକ୍ରମ ଅନ୍ୟ ମାନଙ୍କ ମଧରେ ଜିଲ୍ଲା ବନଖଣ୍ଡ ଅଧିକାରୀ ଶ୍ରୀ ଧନରାଜ, ଓସ୍କା ଅଧ୍ୟକ୍ଷା ଧରିତ୍ରୀ ରାଉତ, ଜିଲ୍ଲା ବିଜେଡ଼ି ସଭାପତି ଆଶିଷ ଚକ୍ରବର୍ତ୍ତୀ, କଂଗ୍ରେସର ସାଂସଦ ପ୍ରାର୍ଥୀ ବିନୋଦ ନାଏକ ଏବଂ ସମାଜସେବୀ ସଂଗ୍ରାମ ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କେନ୍ଦୁଝର ଜିଲ୍ଲାର ଅଗ୍ରଣୀ କଳା ସଂସ୍ଥା ଇନ୍ଦ୍ରଧନୁ ଦ୍ୱାରା ବହୁ ମନୋରଞ୍ଜନକାରୀ ନୃତ୍ୟ ପରିବେଷଣ କରାଯାଇଥିଲା। 'ନିରାକାନ୍ତ ଆର୍ଟସ୍ ଫାଉଣ୍ଡେସନ୍'ର ଏହି ଆରମ୍ଭ କେନ୍ଦୁଝରର ସଂସ୍କୃତିକ ପରିବେଶକୁ ଆହୁରି ସମୃଦ୍ଧ କରିବ ବୋଲି ଆଶା କରାଯାଉଛି।

# ଜିଲ୍ଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ସଚେତନତା ଶିବିର

ନୂଆପଡ଼ା, ୨୧/୦୪ (ନି.ପ୍ର): ଜିଲ୍ଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ମୁଣ୍ଡାପଲା ସ୍ଥିତ ପଂଚାୟତ ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟକ୍ଷେତ୍ରରେ ମହିଳାଙ୍କ ଯୌନ ଉତ୍ପୀଡ଼ନ ନିରାକରଣ ଆଇନ, ଅନୁସୂଚିତ ଜାତି ଓ ଜନଜାତି (ଅତ୍ୟାଚାର ନିରାକରଣ) ଆଇନ ଏବଂ ଶଶି ଓରଫ ଶାହି ଚିକନା ବିବେକାନନ୍ଦ ଯୁମାନୀ ବନାମ ମହାରାଷ୍ଟ୍ର ରାଜ୍ୟ ( ଏସ.ଏଲ୍.ପି. ୧୨୬୯୦/୨୦୨୫) ସମ୍ବନ୍ଧରେ ଏକ ଆଇନ ସଚେତନତା ଶିବିର ଆଜି ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶିବିରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ନବନୀତା ଦାଶ, ଲଖନା ଥାନା ଭାରପ୍ରାପ୍ତ ଅଧିକାରୀ ରଞ୍ଜନ କୁମାର ନାୟକ, ସି.ଆର.ସି.ସି. ଲଖନା ସୁଧୀର ନନ୍ଦ, ମୁଣ୍ଡପଲା ସରପଂଚ ରଜନୀ ମାଝୀ, ପି.ଇ.ଓ ଲଳିତ କୁମାର ସାହୁ, ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ତପନ କୁମାର ବହିଦାର, ବିଦ୍ୟାଳୟର ଶିକ୍ଷକଗଣ, ଛାତ୍ରଛାତ୍ରୀ ଏବଂ ପ୍ରାଧିକରଣର ଅଧିକାର ମିତ୍ର ଅଜୀମ ଅଲ୍ଲୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ନବନୀତା ଦାଶ କାର୍ଯ୍ୟକ୍ଷେତ୍ରରେ ମହିଳାଙ୍କ ଯୌନ ଉତ୍ପୀଡ଼ନ ନିରାକରଣ ଆଇନ, ଅନୁସୂଚିତ ଜାତି ଓ ଜନଜାତି (ଅତ୍ୟାଚାର ନିରାକରଣ) ଆଇନ ଏବଂ ଶଶି ଓରଫ ଶାହୀ ଚିକନା ବିବେକାନନ୍ଦ ବିଷୟରେ ବିସ୍ତୃତ ଧାରଣା ଦେଇଥିଲେ ।

# ରାଷ୍ଟ୍ରୀୟ ପ୍ରଶାସନିକ ସେବା ଦିବସରେ ଜିଲ୍ଲାପାଳଙ୍କୁ ସମ୍ବର୍ଦ୍ଧନା



ବାରିପଦା, ୨୧/୪ (ନି.ପ୍ର): ପ୍ରତିବର୍ଷ ଏପ୍ରିଲ ୨୧ ତାରିଖରେ ସାରାଦେଶରେ ରାଷ୍ଟ୍ରୀୟ ପ୍ରଶାସନିକ ସେବା ଦିବସ ଭାବେ ପାଳନ କରାଯାଇଥାଏ ଓ ସରକାରଙ୍କ ସମାଜ କଲ୍ୟାଣ ଯୋଜନାକୁ ତୃଣମୂଳ ସ୍ତରରେ ସଫଳ କରିବା ସହ ଦେଶର ପ୍ରଗତିରେ ଜଣେ ଭାରତୀୟ ପ୍ରଶାସନିକ ସେବା ଅଧିକାରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇଥାଏ । ଏହି ଅବସରରେ ମୟୁରଭଞ୍ଜ ଏଥଲେଟିକ ଏସୋସିଏସନ ତରଫରୁ ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ସହ ସମ୍ପାଦକ ବୈଦ୍ୟନାଥ ରଥ, ଅଶୋକ ପଟ୍ଟନାୟକ, ଅମର କୁମାର ସେଠି ଓ ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ପ୍ରମୁଖ ଜିଲ୍ଲାପାଳ ହେମକାନ୍ତ ସୟଙ୍କୁ ଭେଟି ଅଭିନନ୍ଦନ ଜଣାଇବା ସହ ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନକରି ସମ୍ବର୍ଦ୍ଧିତ କରିଥିଲେ।

# ବିଶ୍ୱ ପ୍ରତିମୂର୍ତ୍ତି ସଫେଇ ଓ ସଂରକ୍ଷଣ ଦିବସ ପାଳନ

ବୈଶିଙ୍ଗା, ୨୧/୪ (ନି.ପ୍ର): ମହାନ ଜନନାୟକ, ସଂଗ୍ରାମୀ, ଯୋଦ୍ଧା, ସାହିତ୍ୟିକମାନଙ୍କ ଭଳି ବିଶିଷ୍ଟ ବ୍ୟକ୍ତି ଏବଂ ନିଜ ପିତାମାତା ପରିବାରବର୍ଗଙ୍କ ପ୍ରତିମୂର୍ତ୍ତି ସମଗ୍ର ବିଶ୍ୱରେ ପ୍ରତିଷ୍ଠିତ ଓ କିନ୍ତୁ ସେସବୁର ରକ୍ଷଣା ବେକ୍ଷଣ ପରିଷ୍କାର ପରିଚ୍ଛନ୍ନ ପ୍ରତି ମନୁଷ୍ୟ ସମାଜ ମଧ ଦୃଷ୍ଟି ଦେବାର ଅଛି । ଏଥିପାଇଁ ଅପ୍ରେଲ ୨୧ କୁ ସଫେଇ ସହ ପ୍ରତିମୂର୍ତ୍ତି ସଂରକ୍ଷଣ ଦିବସ ପାଳନ ଅବକାଶରେ, ବେତନଟୀ ସିଭିଲ ସୋସାଇଟି ମଧ ସହଯୋଗ କରିଅଛି। ସୋସାଇଟିର ସାଧାରଣ ସଂପାଦକ ତଥା ଆଇନ ଜୀବୀ ସଚ୍ଚିଦାନନ୍ଦ ମହାନ୍ତି ଓ ଯୁଗ୍ମ ସା: ସମ୍ପାଦକ ସମାଜସେବୀ ରବୀନ୍ଦ୍ରନାଥ ମିଶ୍ରଙ୍କ ମିଳିତ ଦାୟିତ୍ୱ ତଥା ନେତୃତ୍ୱରେ ସକାଳ ସମୟରେ ଉକ୍ତ ମିଳିତ ସଫେଇ କାର୍ଯ୍ୟ କରାଯାଇଥିଲା । ଏଥିରେ




ବିଶିଷ୍ଟ ସମାଜସେବୀ ପ୍ରକାଶ ବେହେରା, ଅବସର ପ୍ରାପ୍ତ ପ୍ରାଧାପିକା ଉଷା ଶତପଥି, ସଦସ୍ୟା ବାସନ୍ତୀ ସାହୁ,ସିଭିଲ ସୋସାଇଟିର କର୍ମକର୍ତ୍ତା ହରେନ୍ଦ୍ର ନାଥ ବାରିକ, ଗୁରୁଚରଣ ଭୂୟାଁ, ଦୁର୍ଯ୍ୟୋଧନ ସିଂ, ଯତୀନ୍ଦ୍ର ନାଥ ସାହୁ, ରାମଚନ୍ଦ୍ର ପଣ୍ଡା, ଅନୀଲ ମହାନ୍ତ, ରାଜନେତା କୁଶଧର ବେହେରା, ସାମ୍ବାଦିକ ହରିଶ ଚନ୍ଦ୍ର ସାମଲ, ସହଦେବ ଗିରି, ମୁଲକ ଚନ୍ଦ୍ର ମହାନ୍ତ, ସମେତ ଅନେକ ସଦସ୍ୟ ସଦସ୍ୟା ଅଂଶଗ୍ରହଣ କରିଥିଲେ । ସଦସ୍ୟଗଣ ବେତନଟୀ ଚଣ୍ଡି ଛକସ୍ଥ ବାରିଷ୍ଟର ମଧୁବାବୁ, ଏମ. ପି. ସି. ଉଚ୍ଚ ବିଦ୍ୟାଳୟରେ ମୟୂରଭଞ୍ଜର ପୂର୍ବତନ ପ୍ରଧାନମନ୍ତ୍ରୀ ଶରତ ଚନ୍ଦ୍ର ଦାସ,ବଙ୍ଗଳା ଛକରେ ଜନନେତା ପ୍ରସନ୍ନ କୁମାର ଦାଶ ଓ ଡାକ୍ତରଖାନା ପରିସରରେ ମହାତ୍ମା ଗାନ୍ଧି ଓ ଶାସ୍ତ୍ରିଜୀଙ୍କ ପ୍ରତିମୂର୍ତ୍ତି ଧୋଇବା ସହ ଫୁଲ ଚନ୍ଦନ ଦେଇ ପୂଜା କରିଥିଲେ । ଉଚ୍ଚବିଦ୍ୟାଳୟରେ ପ୍ରଧାନଶିକ୍ଷକ ଅର୍ଜ୍ଜନ ସିଂ ଓ ସମସ୍ତ ଶିକ୍ଷକ ଶିକ୍ଷିକା ଗଣ ପ୍ରତିମୂର୍ତ୍ତି ସଫେଇରେ ଅଂଶଗ୍ରହଣ କରିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

## ରାଉରକେଲାରେ ପ୍ଲାନେଟରିୟମ୍ ...

ଆଗକୁ ବଢ଼ିବା ଏବଂ ଅନ୍ୟମାନଙ୍କୁ ଆଗକୁ ବଢ଼ିବାରେ ସହାୟତା କରିବା ପାଇଁ ସାହାଯ୍ୟର ହାତ ବଢ଼ାଇବାକୁ ସେମାନଙ୍କୁ ସେ ପରାମର୍ଶ ଦେଇଥିଲେ । ଏଥିସହିତ ଭଲ ମଣିଷ ହେବା ଏବଂ ପଛରେ ପଡ଼ିଯାଇଥିବା ଲୋକଙ୍କୁ ଉନ୍ନତ କରିବା ଲାଗି ପ୍ରୟାସ କରିବାକୁ ରାଷ୍ଟ୍ରପତି ଆହ୍ୱାନ କରିଥିଲେ । ରାଷ୍ଟ୍ରପତି କହିଥିଲେ, ଆମ ଦେଶ ୨୦୪୭ ମସିହା ସ୍ୱାଧୀନତାର ଶତବାର୍ଷିକୀ ବର୍ଷ ସୁଦ୍ଧା ବିକଶିତ ଭାରତ ହେବା ଆଡ଼କୁ ଦ୍ରୁତ ଗତିରେ ଅଗ୍ରସର ହେଉଛି। ସେହିପରି ୨୦୩୬ ମସିହାରେ ଓଡ଼ିଶା ରାଜ୍ୟ ଗଠନର ଶହେ ବର୍ଷ ପୂରଣ ହେବ। ଏକ ବିକଶିତ ଓଡ଼ିଶା ଏବଂ ବିକଶିତ ଭାରତ ଗଠନ ପାଇଁ, ସର୍ବାଙ୍ଗୀଣ ବିକାଶ ଏବଂ ସମାଜର ପ୍ରତ୍ୟେକ ବର୍ଗର ଲୋକଙ୍କ ଭାଗୀଦାରୀ ଅତ୍ୟନ୍ତ ଜରୁରୀ । ଦେଶର ଚାଷୀ, ଶ୍ରମିକ, ଜନଜାତି ସମ୍ପ୍ରଦାୟ, ଅବହେଳିତ ବର୍ଗ, ବୁଦ୍ଧିଜୀବୀ, ଯୁବ ଓ ଛାତ୍ର ଏବଂ ସହରାଞ୍ଚଳ ଓ ଗ୍ରାମାଞ୍ଚଳର ଜନସାଧାରଣଙ୍କ ସାମୂହିକ ପ୍ରୟାସ ଏବଂ ସମର୍ପଣ ଦ୍ୱାରା ହିଁ ବିକଶିତ ଭାରତ ଗଠନ ସମ୍ଭବ ହେବ ବୋଲି ସେ କହିଥିଲେ ।

## ପୌର ନିର୍ବାଚନ ପାଇଁ ...

ସେହିପରି ବୁଥର ଭୌଗୋଳିକ ସୀମାକୁ ସ୍ଥିରିକୃତ କରିବାକୁ ରୁଟ୍ ମ୍ୟାପିଂ ବି କରାଯିବ। ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନରେ ଭୋଟର ଲିଷ୍ଟ ଓ ବୁଥ୍ ପରିଚାଳନା ନେଇ ରାଜ୍ୟ ନିର୍ବାଚନ କମିଶନର ପ୍ରଥମ ଥର ପାଇଁ ଏକ ବଡ଼ କସରତ କରିବାକୁ ଯାଉଛନ୍ତି । ଭାରତୀୟ ନିର୍ବାଚନ କମିଶନଙ୍କ ପକ୍ଷରୁ ରାଜ୍ୟରେ ସ୍ପେଶାଲ୍ ଇନଟେନ୍ସିଭ୍ ରିଭିଜନ୍ ବା ଏସଆଇଆର୍ ପ୍ରକ୍ରିୟା ସାରି ଇଲେକ୍ ଟୋରାଲ୍ ରାଜ୍ୟ ନିର୍ବାଚନ କମିଶନଙ୍କୁ ପ୍ରଦାନ କରାଯିବା ପରେ ଏ ସ୍ୱତନ୍ତ୍ର ପ୍ରକ୍ରିୟା ଆରମ୍ଭ ହେବ । ଯେଉଁଥିରେ ଏକ ବଡ଼ ଅଭିଯାନରେ ରାଜ୍ୟର ସମସ୍ତ ଗ୍ରାମାଞ୍ଚଳ ଓ ପୌରାଞ୍ଚଳରେ ଘରକୁ ଘର ବୁଲି ସର୍ଭେ କରିବେ ରାଜ୍ୟ ନିର୍ବାଚନ କମିଶନଙ୍କ ପକ୍ଷରୁ ନିଯୁକ୍ତ ହେବାକୁ ଥିବା ଟିମ୍ । ଯେପରିକି ପଞ୍ଚାୟତ ଓ ପୌର ନିର୍ବାଚନର ଭୋଟର ଲିଷ୍ଟ ପ୍ରସ୍ତୁତି ବେଳେ ଗୋଟିଏ ପରିବାରର ସଦସ୍ୟଙ୍କୁ ଆଉ ଭାଗ ଭାଗ ହୋଇ ଭିନ୍ନ ଭିନ୍ନ ବୁଥରେ ଭୋଟ ଦେବାକୁ ପଡ଼ିବ ନାହିଁ । ତା ସହିତ ପ୍ରଥମ ଥର ପାଇଁ ପଞ୍ଚାୟତ ନିର୍ବାଚନର ପ୍ରାୟ ୯୧ ହଜାର ବୁଥ୍ ଓ ପୌର ନିର୍ବାଚନର ପ୍ରାୟ ୭ ହଜାର ବୁଥରେ ବୁଥ୍ ଏରିଆ ରୁଟ୍ ମ୍ୟାପିଂ କରାଯାଉଛି । ଯେଉଁଥିରେ ଗୋଟିଏ ବୁଥ୍ ଅଞ୍ଚଳର ଅକ୍ଷାଂଶ, ଦ୍ରାଘିମା ଉଲ୍ଲେଖ ରହିବ। ସାମୟିକ ଭାବେ ଜିଓଗ୍ରାଫିକାଲ୍ ଲିମିଟ୍ ବି ସେଟ୍ କରାଯିବ । ଏହି ଅଭିଯାନରେ ପ୍ରାୟ ଲକ୍ଷେ ୨୦ ହଜାର କର୍ମଚାରୀ ଭାଗ ନେବେ । ନିର୍ଦ୍ଦିଷ୍ଟ ସଂଖ୍ୟକ କର୍ମଚାରୀଙ୍କୁ ନେଇ ଗୋଟିଏ ଟିମ୍ ହେବ । ପ୍ରତ୍ୟେକ ଟିମ୍ ପାଖରେ ଜିଆଇଏସ୍ ମୋବାଇଲ ଆପ୍ ଲୋଡିଂ କରାଯିବ, ଯାହା ସର୍ଭେ ସମୟରେ କାମ ଦେବ । ଏନେଇ ରାଜ୍ୟର ୨୯ଟି ଜିଲ୍ଲାର ଗୋଟିଏ ଲେଖାଏଁ ପଞ୍ଚାୟତ ଏବଂ ଖୋର୍ଦ୍ଧା ଜିଲ୍ଲାର କଲ୍ୟାଣପୁର ପଞ୍ଚାୟତ ଓ ଖୋର୍ଦ୍ଧା ମ୍ୟୁନସିପାଲିଟିର ଗୋଟିଏ ୱାର୍ଡରେ ପାଇଲଟ୍ ପ୍ରୋଜେକ୍ଟ ଭାବେ ଏ କାର୍ଯ୍ୟକ୍ରମ ସରିଛି । ପୂର୍ବରୁ ଭାରତୀୟ ନିର୍ବାଚନ କମିଶନଙ୍କ ଇଲେକ୍ ଟୋରାଲ୍ ରୋଲରେ ୭ ଦଶମିକ୍ ୫ ପ୍ରତିଶତ ଇନକ୍ଲୁଜନ୍ ଏରର୍ ଓ ୫ ପ୍ରତିଶତ ଏକ୍ସକ୍ଲୁଜନ୍ ଏରର ପରିଲକ୍ଷିତ ହୋଇଛି ।

## ଜଳୁଛି ପଶ୍ଚିମ ଓଡ଼ିଶା...

୨୩ ରୁ ଖରା ଓ ଗରମ ବଢିବା ସହ ବଲାଙ୍ଗୀର ଅନୁଗୁଳ ଓ ଝାରସୁଗୁଡା ଏହି ୩ ଜିଲ୍ଲାକୁ ହିଟ ୱେଭ ବା ଗ୍ରୀଷ୍ମ ପ୍ରବାହ ଜାରି କରିଛି ପାଣିପାଗ ବିଭାଗ। ୨୫ ଯାଏ ଗ୍ରୀଷ୍ମ ପ୍ରବାହ ର ଚେତାବନୀ ଥିବା ବେଳେ ତାତି ରୁ ନାହିଁ ନିସ୍ତାର ବୋଲି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ। ଆସନ୍ତା ୪ ଦିନ ଯାଏ ତାପମାତ୍ରାରେ ପରିବର୍ତ୍ତନ ହେବାକୁ ନଥିବା ବେଳେ ୪ ଦିନ ପରେ ପୁଣି ୨ ରୁ ୩ ଡିଗ୍ରୀ ତାପମାତ୍ରା ବୃଦ୍ଧି ହେବାର ଆକଳନ କରିଛି। ଅନ୍ୟପଟେ ଗତ ୨୪ ଘଂଟାରେ ପଶ୍ଚିମ ଓଡିଶା ତାତିର ଟାଉ ରେ ଜଳୁଥିବା ବେଳେ ୧୫ ଟି ଜିଲ୍ଲାରେ ୪୦ ଡିଗ୍ରୀ ଉପରେ ତାପମାତ୍ରା ରେକର୍ଡ ହୋଇଛି ସର୍ବାଧିକ ତାପମାତ୍ରା ଟିଟିଲାଗଡ ରେ ୪୨.୫ ଡିଗ୍ରୀ ରେକର୍ଡ ହୋଇଛି ।

## ଢେଙ୍କାନାଳରେ ହେବ...

୨୦୨୫ରେ ଏହି କମ୍ପାନିକୁ ଜେଏସ୍‌ଡବ୍ଲ୍ୟୁ ଅଧିଗ୍ରହଣ କରିଥିଲା । ଜେଏସ୍‌ଡବ୍ଲ୍ୟୁ-ପୋସ୍କୋ ପ୍ରକଳ୍ପ ଓଡ଼ିଶା ପାଇଁ ବିଶେଷ ଗୁରୁତ୍ୱ ରଖୁଛି । କାରଣ ୫୨ ହଜାର କୋଟି ଟଙ୍କା ନିବେଶରେ ୧୨ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ଏକ ବିଶାଳ ଇସ୍ପାତ କାରଖାନା ବସାଇବା ପାଇଁ ୧୨ ବର୍ଷ ସଂଘର୍ଷ କରି ବିଫଳ ହୋଇଥିବା ପୋସ୍କୋ ପୁଣି ଥରେ ଓଡ଼ିଶା ଫେରୁଛି ।

## ପଶ୍ଚିମବଙ୍ଗ ନିର୍ବାଚନ...

ନେତୃତ୍ୱରେ ଚାଲିଥିବା ଏକ କାର୍ଯ୍ୟକ୍ରମ ସମୟରେ ହୋସେନ୍ ଶାହା ରୋଡ୍ରେ ଉଭୟ ପକ୍ଷ ମୁହାଁମୁହିଁ ହୋଇଥିଲେ। ନାରାବାଜିରୁ ଆରମ୍ଭ ହୋଇଥିବା ଏହି ବିବାଦ ହିଂସାର ରୂପ ନେଇଥିଲା, ଯାହାଫଳରେ ପୋଲିସ ୫ ଜଣ ବିଜେପି ଓ ୪ ଜଣ ଟିଏମସି କର୍ମୀଙ୍କ ସମେତ ମୋଟ ୯ ଜଣଙ୍କୁ ଗିରଫ କରିଛି। ଏହି ଘଟଣାରେ କୋଲକାତା ପୋଲିସ ତିନୋଟି ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି । ପଶ୍ଚିମବଙ୍ଗର ୨୯୪ଟି ଆସନ ପାଇଁ ଏପ୍ରିଲ ୨୩ ଏବଂ ଏପ୍ରିଲ ୨୯ରେ ଦୁଇଟି ପର୍ଯ୍ୟାୟରେ ମତଦାନ ହେବାକୁ ଥିବା ବେଳେ ବର୍ତ୍ତମାନ ରାଜନୈତିକ ଉଷ୍ମତା ଚରମ ସୀମାରେ ପହଞ୍ଚିଛି । ଏହି ହିଂସାକାଣ୍ଡ ମଧ୍ୟରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବିଜେପି ବିରୁଦ୍ଧରେ ପ୍ରଚାର କାର୍ଯ୍ୟରେ ବାଧା ସୃଷ୍ଟି କରୁଥିବା ଅଭିଯୋଗ ଆଣିଛନ୍ତି । ମମତା ଦାବି କରିଛନ୍ତି ଯେ ତାଙ୍କ ଗାଡ଼ିକୁ ଉଦ୍ଦେଶ୍ୟମୂଳକ ଭାବେ ବିଳମ୍ବ କରାଯାଉଛି ଏବଂ କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକର ଅପବ୍ୟବହାର କରି ଟିଏମସି କର୍ମୀଙ୍କୁ ଭୟଭୀତ କରାଯାଉଛି । ଅନ୍ୟପକ୍ଷରେ ବିଜେପି ମଧ ନିଜର ଶକ୍ତି ପ୍ରଦର୍ଶନ ଜାରି ରଖିଥିବା ବେଳେ ମେ' ୪ ତାରିଖରେ ହେବାକୁ ଥିବା ଭୋଟ୍ ଗଣତି ପୂର୍ବରୁ ରାଜ୍ୟରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି ।

## ବାଣ କାରଖାନାରେ...

ବାଣ କାରଖାନାରେ ବିସ୍ଫୋରଣ ଘଟି ୨୦ ଜୀବନ ଯାଇଥିଲା । ତାମିଲନାଡୁର ବିରୁଧନଗର ଜିଲ୍ଲାର କଟ୍ଟନାରପଟ୍ଟୀରେ ବାଣ କାରଖାନାରେ ଭୟଙ୍କର ବିସ୍ଫୋରଣ । ୨୧ରୁ ଅଧିକ ଲୋକଙ୍କ ମୃତ୍ୟୁ, ୬ ଜଣ ଗୁରୁତର । ଆହତମାନଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଆଜି ଅପରାହ୍ନରେ ଏହି ଘଟଣା ଘଟିଥିବା ବେଳେ ଖବର ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚିଥିଲା । କାରଖାନାରେ ଲାଗିଥିବା ନିଆଁକୁ ସେମାନେ ଲିଭାଇଥିଲେ । ଆହତମାନଙ୍କୁ ଉଦ୍ଧାର କରି ଡାକ୍ତରଖାନା ପଠାଇଥିଲେ । ଘଟଣା ସମୟରେ କାରଖାନାରେ ପ୍ରାୟ ୩୦ ଜଣ କର୍ମଚାରୀ କାମ କରୁଥିଲେ ।

# ଜୀ ସାର୍ଥକରେ ଏଥର ରଜ କୁଇନ୍ ଫେରୁଛି ନିଜ ମାଟିକୁ: 'ଗାଁରେ ହେବ ଗାଲା ରାଉଣ୍ଡ'

ଭୁବନେଶ୍ୱର, ୨୧/୪ (ନି.ପ୍ର): ଓଡ଼ିଶାର ଲୋକପ୍ରିୟ ମନୋରଞ୍ଜନ ଚ୍ୟାନେଲ୍ 'ଜୀ ସାର୍ଥକ'ର ସବୁଠାରୁ ଚର୍ଚ୍ଚିତ ଶୋ' 'ରଜ କୁଇନ୍' ଇତିହାସରେ ପ୍ରଥମ ଥର ପାଇଁ ଏକ ଅଭିନବ ପ୍ରୟାସ ଆରମ୍ଭ କରିବାକୁ ଯାଉଛି। ଚଳିତ ବର୍ଷ ଗାଲା ରାଉଣ୍ଡର ଥିମ୍ ରହିଛି 'ଗାଁରେ ହେବ ଗାଲା ରାଉଣ୍ଡ'। ଏହି ପର୍ଯ୍ୟାୟରେ ପ୍ରତିଯୋଗୀ ଏବଂ ମେଣ୍ଟରମାନେ ସିଧାସଳଖ ଗାଁ ମାଟିରେ ନିଜର ଦକ୍ଷତା ପ୍ରଦର୍ଶନ କରିବା ସହ ଦର୍ଶକଙ୍କୁ ଓଡ଼ିଆ ସଂସ୍କୃତି ଓ ସରଳ ଜୀବନଶୈଳୀର ନିକଟତର କରାଇବେ।




ଏହି ସ୍ୱତନ୍ତ୍ର ରାଉଣ୍ଡରେ ପ୍ରତିଯୋଗୀମାନଙ୍କୁ ବିଭିନ୍ନ ଗ୍ରାମୀଣ ଟାସ୍କ କରିବାକୁ ପଡ଼ିବ; ଯେପରିକି- କ୍ଷେତରୁ ବିଲାତି ବାଇଗଣ ତୋଳିବା, ଗାଁ ଲୋକଙ୍କ ସାହାଯ୍ୟରେ ଦେଶୀ ଚୁଲିରେ ରୋଷେଇ କରିବା ଏବଂ କୂଅରୁ ପାଣି କାଢ଼ିବାଏମିତି ବହୁତ ସାରା ଟାସ୍କ । ଏହିସବୁ କାର୍ଯ୍ୟକ୍ରମ ସେମାନଙ୍କ ଶାରୀରିକ ସାମର୍ଥ୍ୟ ଓ ଆଡଜଷ୍ଟମେଣ୍ଟ୍ ସ୍କିଲ୍‌ର ପରୀକ୍ଷା ନେବ। ଶୋ'କୁ ଅଧିକ ମନୋରଞ୍ଜନଧର୍ମୀ କରିବା ପାଇଁ ପପୁଲ୍ ଆନ୍ନା ନିଜର କମେଡିର ତଡ଼କା ଲଗାଇବେ। ସେହିପରି ବିଚାରପତି ଭାବେ ଓଲିଉଡ୍ ତାରକା ଏଲିନା ଏବଂ ପୁପିନ୍ଦରଙ୍କ ସ୍ୱତନ୍ତ୍ର ଏଣ୍ଟ୍ରି ସହିତ ଆଙ୍କର୍ ସୁଜିତ ଆଉ ଚାନ୍ଦିନୀଙ୍କ ଉପସ୍ଥିତି କାର୍ଯ୍ୟକ୍ରମର ରୋମାଞ୍ଚକୁ ଦ୍ୱିଗୁଣିତ କରିବ।

ଏହି ସୁନ୍ଦର କନସେପ୍ଟ ଉପରେ ମତ ରଖି ଜୀ ସାର୍ଥକର ଚିଫ୍ ଚ୍ୟାନେଲ୍ ଅଫିସର ଶ୍ରୀ ରାହୁଲ୍ ରାଓ କହିଛନ୍ତି, 'ଜୀ ସାର୍ଥକ ସର୍ବଦା ଓଡ଼ିଶାର କଳା, ପରମ୍ପରା ଏବଂ ଗାଁ ମାଟି ସହ ଅତି ନିବିଡ଼ ଭାବେ ଯୋଡ଼ି ହୋଇରହିଛି। 'ଗାଁରେ ହେବ ଗାଲା ରାଉଣ୍ଡ' ଏକ ଶୋ' ନୁହେଁ, ବରଂ ଆମ ସମୃଦ୍ଧ ଗ୍ରାମୀଣ ଜୀବନଶୈଳୀ ପ୍ରତି ଏକ ସମ୍ମାନ। ପ୍ରତିଯୋଗୀଙ୍କ କଠିନ ପରିଶ୍ରମ, ଗାଁର ସରଳତା ଓ ପାରସ୍ପରିକ ବୁଝାମଣା ନିଶ୍ଚିତ ଭାବେ ଦର୍ଶକଙ୍କ ହୃଦୟ ଜିତିବ।' ପ୍ରତିଯୋଗୀଙ୍କୁ ମାର୍ଗଦର୍ଶନ ଦେବା ପାଇଁ ଜୀ-ସାର୍ଥକର ଲୋକପ୍ରିୟ ଧାରାବାହିକର ପ୍ରତିଷ୍ଠିତ ଯୋଡିମାନେ ମେଣ୍ଟର ଭାବେ ଯୋଗ ଦେଉଛନ୍ତି। ସେମାନେ ହେଲେ:'ତୁ ଖରା ମୁଁ ଛାଇ'ର ଅଭି ଓ ମାନି, 'ସାଥି ସାତ ଜନ୍ମର'ର ଦେବ୍ ଓ ଅର୍ଚ୍ଚନା, 'ସୁନା ଝିଅ'ର ସମ୍ଭବ ଓ ବଂଶୁ ଏବଂ 'ମୁଁ ନୁହେଁ ମୁଁ ତୁମ ବିନା'ର ସାଇ ଓ ଶ୍ରଦ୍ଧା ।

ଏହି ବହୁ ପ୍ରତୀକ୍ଷିତ ଏବଂ ମନୋରଞ୍ଜନ ଭରା ଗାଲା ରାଉଣ୍ଡ ଆସନ୍ତା ୨୫ ଏପ୍ରିଲ, ସନ୍ଧ୍ୟା ୬:୩୦ରେ କେବଳ ଜୀ ସାର୍ଥକ ପରଦାରେ ପ୍ରସାରିତ ହେବ। ଦେଖିବାକୁ ଭୁଲିବେ ନାହିଁ ଆପଣଙ୍କ ପ୍ରିୟ ଶୋ' 'ରଜ କୁଇନ୍ ୨୦୨୬'। ଯେଉଁ ଝିଅମାନେ ନିଜର ପ୍ରତିଭା ଓ ପାରଦର୍ଶିତା ମାଧ୍ୟମରେ ଆଗକୁ ବଢ଼ିବାକୁ ଚାହୁଁଛନ୍ତି, ସେମାନଙ୍କ ପାଇଁ ଏହା କେବଳ ଏକ ପ୍ରତିଯୋଗିତା ନୁହେଁ ବରଂ ନିଜର ସ୍ୱପ୍ନ ସାକାର କରିବା ସହ ନିଜ ପିତାମାତାଙ୍କ ସ୍ୱପ୍ନ ପୁରଣ କରିବା ପାଇଁ ଏକ ସୁବର୍ଣ୍ଣ ସୁଯୋଗ। ଅତୀତରେ ଏହି ଶୋ' ଓଲିଉଡ୍ ଇଣ୍ଡଷ୍ଟ୍ରିକୁ ଅନେକ ନାମୀଦାମୀ ଅଭିନେତ୍ରୀ ଉପହାର ଦେଇସାରିଛି।

# ବିଜେପି ନେତା ବଳବୀର ପୁଂଜଙ୍କ ଅସ୍ଥି ହରିଦ୍ୱାର ଗଙ୍ଗାରେ ବିସର୍ଜିତ

ନୂଆଦିଲ୍ଲୀ,୨୧/୪ :ବରିଷ୍ଠ ଲେଖକ, ଭାରତୀୟ ଜନତା ପାର୍ଟିର ପୂର୍ବତନ ରାଷ୍ଟ୍ରୀୟ ଉପାଧକ୍ଷ ଏବଂ ପୂର୍ବ ରାଜ୍ୟସଭା ସାଂସଦ ବଳବୀର ପୁଞ୍ଜଙ୍କ ଅସ୍ଥିକୁ ମଙ୍ଗଳବାର ହରିଦ୍ୱାରରେ ଶାସ୍ତ୍ରୋକ୍ତ ରୀତିନୀତି ଅନୁସାରେ ଗଙ୍ଗା ନଦୀରେ ବିସର୍ଜନ କରାଯାଇଛି। କନଖଳ ସ୍ଥିତ ସତୀ ଘାଟରେ ଅସ୍ଥି ବିସର୍ଜନ ସମୟରେ ପରିବାର ଲୋକଙ୍କ ସହିତ ବିଜେପିର ଅନେକ ବରିଷ୍ଠ ନେତା ଉପସ୍ଥିତ ଥିଲେ। ସତୀ ଘାଟରେ ଅସ୍ଥି କଳଶ ନେଇ ପହଞ୍ଚିଥିବା ପରିବାର ସଦସ୍ୟମାନେ ସମସ୍ତ ଧାର୍ମିକ ରୀତିନୀତି ଅନୁସାରେ ଗଙ୍ଗାରେ ଅସ୍ଥିଗୁଡ଼ିକୁ ବିସର୍ଜନ କରି, ତାଙ୍କ ଆତ୍ମାର ଶାନ୍ତି ଏବଂ ମୋକ୍ଷ ପାଇଁ ପ୍ରାର୍ଥନା କରିଥିଲେ।

ଶ୍ରଦ୍ଧାଞ୍ଜଳି ଜଣାଇ ସାଂସଦ ତ୍ରିବେନ୍ଦ୍ର ସିଂହ ରାଓ୍ୱତ କହିଛନ୍ତି ଯେ ବଳବୀର ପୁଞ୍ଜ ଜଣେ ରାଷ୍ଟ୍ରବାଦୀ ଚିନ୍ତକ, ପ୍ରଖର ଲେଖକ ଏବଂ ଅନୁଭବୀ ରାଜନେତା ଥିଲେ। ତାଙ୍କ ଭାବନା ଓ ଲେଖନୀ ଦ୍ୱାରା ଦଳ ଓ ସମାଜକୁ ସଦା ପଥପ୍ରଦର୍ଶନ ମିଳୁଥିଲା।

# ଜିଲ୍ଲାସ୍ତରୀୟ "ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା" କାର୍ଯ୍ୟକ୍ରମ ବାଲେଶ୍ୱରରେ ଅନୁଷ୍ଠିତ

ବାଲେଶ୍ୱର, ୨୧/୪ (ନି.ପ୍ର): ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ତରଫରୁ ବାଲେଶ୍ୱର ଜିଲ୍ଲା ପ୍ରଶାସନ ଓ କାର୍ଯ୍ୟକାରୀ ସଂସ୍ଥା 'ସ୍ୱିଡ', ସୋରୋ ଆନୁକୁଲ୍ୟରେ ଜିଲ୍ଲା ସ୍ତରୀୟ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା କାର୍ଯ୍ୟକ୍ରମ ଆଜି ବାଲେଶ୍ୱରର ପଦ୍ମାବତୀ ଆମ୍ୟୁଜମେଣ୍ଟ ୱାଟର ପାର୍କ ଠାରେ ଅତି ଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟବଂଶୀ ମୟୂର ବିକାଶ କର୍ତ୍ତା ଭାବେ କନ୍ୟାଦାନ କରିଥିଲେ। ଓଡ଼ିଶାର ମାନ୍ୟବର ଉପ ମୁଖ୍ୟ ମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ନବ ଦମ୍ପତି ମାନଙ୍କୁ ଆଶୀର୍ବାଦ କରିଥିଲେ । କାର୍ଯ୍ୟକ୍ରମରେ ମାନ୍ୟବର ବାଲେଶ୍ୱର ସାଂସଦ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ଓଡ଼ିଶା ରାଜ୍ୟ ମହିଳା କମିଶନ ଅଧକ୍ଷା ଶ୍ରୀମତୀ ସଭନା ମହାନ୍ତି, ଓଡ଼ିଶା ସରକାରୀ ଦଳର ଉପ ମୁଖ୍ୟ ସଚେତକ ତଥା ମାନ୍ୟବର ରେମୁଣା ବିଧାୟକ ଶ୍ରୀଯୁକ୍ତ ଗୋବିନ୍ଦ ଚନ୍ଦ୍ର ଦାସ, ମାନ୍ୟବର ସିମୁଳିଆ ବିଧାୟକ



ଶ୍ରୀଯୁକ୍ତ ପଦ୍ମ ଲୋଚନ ପଣ୍ଡା, ମାନ୍ୟବର ବସ୍ତା ବିଧାୟିକା ଶ୍ରୀମତୀ ସୁବାସିନୀ ଜେନା, ମାନ୍ୟବର ଜିଲ୍ଲାପରିଷଦ ସଭାପତି ଶ୍ରୀଯୁକ୍ତ ନାରାୟଣ ପ୍ରଧାନ, ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ପ୍ରତ୍ୟୁଷ ଦିବାକର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଶ୍ରୀମତୀ ଜ୍ୟୋତ୍ସ୍ନାରାଣୀ ମହାନ୍ତି ଙ୍କ ସହ କାର୍ଯ୍ୟକାରୀ ସଂସ୍ଥା 'ସ୍ୱିଡ୍' ର ସମ୍ପାଦକ ଶ୍ରୀଯୁକ୍ତ ପ୍ରଦୀପ କୁମାର ଦାସ, ସମାଜ ସେବୀ ଶ୍ରୀମତୀ ଗୋପାମୁଦ୍ରା ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମାଜର ଅନଗ୍ରସର ବର୍ଗର ଲୋକଙ୍କର ବିବାହ ସମ୍ବନ୍ଧୀୟ ଆର୍ଥିକ ବୋଝ ହ୍ରାସ କରିବା ସହିତ ମହିଳାଙ୍କ ସ୍ୱାଭିମାନ ଓ ସାମାଜିକ ସୁରକ୍ଷାକୁ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ସରକାରଙ୍କ ଏହି ଯୋଜନା ଅତ୍ୟନ୍ତ ଲୋକପ୍ରିୟ ହୋଇଛି । ଏହା ବିଧବା ପୁନର୍ବିବାହକୁ ପ୍ରୋତ୍ସାହନ ଦେବା ସହିତ ଯୌତୁକ ପ୍ରଥା ନିରାକରଣ ପାଇଁ ମଧ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

ଯୋଜନା ଅନୁସାରେ ଝିଅଙ୍କ ବୟସ ୧୮ ରୁ ୩୫ ବର୍ଷ ଓ ପୁଅଙ୍କ ବୟସ ୨୧ ରୁ ୩୫ ବର୍ଷ ହୋଇଥିବା ପ୍ରାର୍ଥୀମାନେ ଶିଶୁ ସୁରକ୍ଷା ପ୍ରକଳ୍ପ ଅଧିକାରୀଙ୍କ ନିକଟରେ ଆବେଦନ କରିଥିଲେ। ସେଥିରୁ ୫୬ ଜଣ ବର-କନ୍ୟା ଯୋଡ଼ି ଆଜିର କାର୍ଯ୍ୟକ୍ରମରେ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ଏଥି ମଧ୍ୟରୁ ୫୩ ଯୋଡି ହିନ୍ଦୁ ସମ୍ପ୍ରଦାୟର ହୋଇଥିବା ବେଳେ ୩ ଯୋଡି ମୁସଲିମ ସମ୍ପ୍ରଦାୟର ଥିଲେ ।

ବର ଓ କନ୍ୟାଙ୍କ ସଜବାଜ ପାଇଁ ଅଲଗା କକ୍ଷ ବ୍ୟବସ୍ଥା କରାଯାଇଥିବା ସହ ଦମ୍ପତିଙ୍କ ସହ ଉଭୟ ପକ୍ଷରୁ ପାଞ୍ଚ ପାଞ୍ଚ ଜଣଙ୍କ ପାଇଁ ଜଳଖିଆ ଓ ସୁସ୍ୱାଦୁ ମଧାହ୍ନ ଭୋଜନର ବ୍ୟବସ୍ଥା କରାଯାଇଥିଲା। ଏହା ସହିତ ୧୫ ଜଣ ବ୍ରାହ୍ମଣଙ୍କ ଦ୍ୱାରା ୧୫ ଗୋଟି ବିବାହ ବେଦୀରେ ବିବାହ ରୀତିନୀତି ସମ୍ପନ୍ନ ହୋଇଥିଲା। ଏହି ଯୋଜନା ଅନୁସାରେ ପ୍ରତ୍ୟେକ କନ୍ୟାଙ୍କ ବ୍ୟାଙ୍କ ଖାତାରେ ୪୫,୦୦୦ ଟଙ୍କା ଜମା କରାଯିବା ସହିତ ମୋଟ ୬୦,୦୦୦ ଟଙ୍କା ବ୍ୟୟରେ ଏକ ବିବାହ ସମ୍ପନ୍ନ କରାଯାଇଛି। ଏହି ବିବାହ କାର୍ଯ୍ୟକ୍ରମ ନାରୀ ସଶକ୍ତିକରଣ ଓ ସାମାଜିକ ସୁରକ୍ଷାକୁ ଆହୁରି ଶକ୍ତିଶାଳୀ କରିବାରେ ସହାୟକ ହେବ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ।

ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀଯୁକ୍ତ ହେମନ୍ତ କୁମାର ସିଂହ ଏବଂ ଜିଲ୍ଲା ପ୍ରଶାସନର ସମସ୍ତ ଅଧିକାରୀ ଓ କର୍ମଚାରୀ ମାନେ ଏହି କାର୍ଯ୍ୟକ୍ରମାକୁ ସାଫଲ୍ୟ ମଣ୍ଡିତ କରିବାରେ ସହଯୋଗ କରିଥିଲେ ।

# ଚରମ୍ପା ସାହିତ୍ୟ ସଂସ୍କୃତି ମଞ୍ଚର ବାର୍ଷିକ ଉତ୍ସବ

ଭଦ୍ରକ, ୨୧/୪ (ନି.ପ୍ର): ମୂଲ୍ୟବୋଧ କବିତା, ଗଳ୍ପ, ଉପନ୍ୟାସ ଓ ନାଟକ ଆଦି ପାଠକୀୟ ଆଦୃତି ଲାଭ କଲେ ଦିଗହରା ସମାଜର ପରିବର୍ତ୍ତନ ଘଟେ। ସାମ୍ପ୍ରତିକ ପରିସ୍ଥିତି ଓ ପରିବେଶକୁ ଅନୁଭବ କରି କବି, ଗାଳ୍ପିକ, ଔପନ୍ୟାସିକ ଓ ନାଟ୍ୟକାର ସଠିକ୍ କଲମ ଚାଳନା କଲେ ତାହା ମଲମ ଭଳି କାମ କରେ ଓ ସମାଜର ମଙ୍ଗଳ ସାଧିତ ହୁଏ ବୋଲି ମୁଖ୍ୟ ଅତିଥି ଡେପୁଟି କଲେକ୍ଟର ଶ୍ରୀଯୁକ୍ତ କାର୍ତ୍ତିକନାଥ ମଣ୍ଡଳ ଓ ମୁଖ୍ୟବକ୍ତା ଗୋଧୂଳି ପତ୍ରିକାର ସମ୍ପାଦିକା ବିମଳା ସିଂହ ଚରମ୍ପା ସାହିତ୍ୟ ସଂସ୍କୃତି ମଞ୍ଚର ଗ୍ରୀଷ୍ମକାଳୀନ ସମାରୋହ ଓ ବାର୍ଷିକ ଉତ୍ସବରେ ଯୋଗଦେଇ ମୂଲ୍ୟବୋଧ ବକ୍ତବ୍ୟ ରଖିଥିଲେ।



ପୌରହିତ୍ୟ କରିଥିଲେ ଶିକ୍ଷାବିତ୍ ଗଗନ ବିହାରୀ ରାଉତ। ମଞ୍ଚର ସମ୍ପାଦକ ବାବୁଲାଲ ଦାସ ସମ୍ପାଦକୀୟ ବିବରଣୀ ପାଠ କରିଥିଲାବେଳେ ସଭାପତି ଅଶୋକ ମହାନ୍ତି ଓ ଉପସଭାପତି ନାରାୟଣ ଚନ୍ଦ୍ର ପାଢୀ ମଞ୍ଚର ଆଭିମୁଖ୍ୟ ଓ ଏହାର ଅଗ୍ରଗତି ପାଇଁ ସହଯୋଗ କାମନା କରିଥିଲେ। ବାର୍ଷିକ ମୁଖପତ୍ର 'ଶାନ୍ତିଧାରା' ସହ ପ୍ରାବନ୍ଧିକା ଶିଶୁ ସାହିତ୍ୟିକା ଗୀତାରାଣୀ ଆଇଚଙ୍କ ପୁସ୍ତକ "ଜିଜ୍ଞାସାର ଦିଗ୍‌ବଳୟ" ଓ 'ଗପ ବଟୁଆ' ଉନ୍ମୋଚନ କରାଯାଇଥିଲା। ସମୀକ୍ଷା କରିଥିଲେ ଆଖଣ୍ଡଳମଣି କଲେଜର ଅଧକ୍ଷ ନିହାର ରଞ୍ଜନ କର। ଆଇନଜୀବୀ କୁଳମଣି ବେହେରାଙ୍କ ସଭାପତିତ୍ୱରେ ଏକ କବିତା ପାଠୋତ୍ସବ ମଧ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଡ. ଅନୀଲ କୁମାର ଦାଶ ମୁଖ୍ୟବକ୍ତା ଅଧାପକ ରବିନ୍ଦ୍ର କୁମାର ବେହୁରିଆ ଓ ସଂଯୋଜିକା ଜାନକୀ ପାଢୀ ପ୍ରଧାନଶିକ୍ଷୟିତ୍ରୀ ଅଧାପିକା ଉଷାରାଣୀ ଜେନା, ଶିକ୍ଷୟିତ୍ରୀ ମନୋରମା ରାୟ, କବୟିତ୍ରୀ ସଞ୍ଜୁକ୍ତା ବଳନାୟକ ସଂଯୋଜନା କରିଥିଲେ। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ରୀ ରାଜକିଶୋର ଦାସଙ୍କୁ ଜଣେ କୃତି ଶିକ୍ଷକ ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ଉପଦେଷ୍ଟା ସଂଗ୍ରାମ କେଶରୀ ଦାସ, ଉମେଶ ଚନ୍ଦ୍ର ମହାପାତ୍ର, ଶାନ୍ତିଲତା ବାରିକ, ଗୀତାଞ୍ଜଳି ଅଗସ୍ତି, ଗୌରାଙ୍ଗ ବାରିକ, ଡ. ଅବନୀ ପ୍ରଧାନ, ପ୍ରବୋଧ କୁମାର ଅଗସ୍ତି, ରମେଶ ଚନ୍ଦ୍ର ଦାସ, ବିପ୍ଳବ ହୋତା, କାଳନ୍ଦୀ ମଲ୍ଲିକ, ବିଜୟ କୁମାର ବହଳୀ, ନୀଳାମ୍ବର ଲେଙ୍କା, ରତୁରାଜ ଅକ୍ଷୟ, ଅରୂପାନନ୍ଦ ନାୟକ, ଲମ୍ବୋଦର ନନ୍ଦ, ଅଂଜନା ମିଶ୍ର, କଳ୍ପନା ଜେନା, ସଂଯୁକ୍ତା ଯାଦବ, ବିଜୟ କୁମାର ଜେନା, ମାନସୀବାଳା ସୂତାର, ପ୍ରଫୁଲ୍ଲ ସୂତ୍ରଧର, ଶଶାଙ୍କ ଶେଖର ପଣ୍ଡା, ଅଂଶୁମାନ ସ୍ୱାଇଁ ସହଯୋଗ କରିଥିବାବେଳେ ସହ ସମ୍ପାଦକ ଜଗବନ୍ଧୁ ବାରିକ ଧନ୍ୟବାଦ ଦେଇଥିଲେ।

# ଦେଉଳିଆ ଜଗନ୍ନାଥ ମନ୍ଦିରର ଚକ୍ରରେ ଅଖ ଲାଗି କାର୍ଯ୍ୟକ୍ରମ

ବଡସାହି, ୨୧/୪ (ନି.ପ୍ର): ବଡସାହି ବ୍ଲକ୍ ଅଧିନ ଦେଉଳିଆ ପଂଚାୟତ ଦେଉଳିଆ ଗ୍ରାମରେ ୧୫୦ ବର୍ଷରୁ ଉର୍ଦ୍ଧ୍ୱ ହେବ ଜଗନ୍ନାଥଙ୍କ ରୂପରେ ପୂଜା ପାଇ ଆସୁଥି ପ୍ରଭୁ ଦଧିବାମନ ଚନ୍ଦ୍ର ଜୀଉ ବୃନ୍ଦାବନ ଚନ୍ଦ୍ର ଜୀଉ । ମାତ୍ର ଅଦ୍ୟାବଧି ଠାକୁରଙ୍କ ପାଇଁ ସ୍ଥାୟୀ ମନ୍ଦିରଟିଏ ନ ଥିଲା । ସରକାରୀ ସହାୟତା ତଥା ଗ୍ରାମବାସୀଙ୍କ ସାହାଯ୍ୟ ସହଯୋଗରୁ ଏଠାରେ ଏକ ଭବ୍ୟ ମନ୍ଦିରର ନିର୍ମାଣ କାର୍ଯ୍ୟ ଗତ ୨ ବର୍ଷ ଧରି ଚାଲିଛି । ଗତ ବର୍ଷ ଏହାର ରନ୍ମୁଦ ଉତ୍ସବ ଧୂମଧାମରେ ପାଳିତ ହୋଇଯାଇଛି । ଏଠାରେ କେବଳ ଦଧିବାମନ ଓ ବୃନ୍ଦାବନ ଚନ୍ଦ୍ର ଜୀଉ ନୁହଁ, ତା ସହିତ ଏହି ନବ ନର୍ମିତ ମନ୍ଦିରରେ ମା ଲକ୍ଷ୍ମୀ, ବିମଳା, ଗଣେଷ ଓ ହନୁମାନ ମଧ ପୂଜା ପାଇବେ ବୋଲି ଜଣାଯାଇଛି । ସୋମବାର ଅକ୍ଷୟ ତୃତୀୟା ଅବସରରେ ଏହି ମନ୍ଦିରରେ ରଥଯାତ୍ରା ପାଇଁ ଚକରେ ଅଖଲାଗି କାର୍ଯ୍ୟକ୍ରମ ସହିତ ନୂତନ ଭାବେ ନିର୍ମାଣ ହେବାକୁ ଥିବା ସ୍ନାନ ମଣ୍ଡପର ଶିଳାନ୍ୟାସ ଅନୁଷ୍ଠିତ ହୋଇଯାଇଛି । କର୍ତାକର୍ମୀ ଭାବେ ଦେବରଂଜନ ଗଜେନ୍ଦ୍ର ମହାପାତ୍ର ଓ ତାଙ୍କ ଧର୍ମପତ୍ନୀ ସୁବାସିନୀ ଗଜେନ୍ଦ୍ର ମହାପାତ୍ର ପୂଜା କାର୍ଯ୍ୟ ସମ୍ପାଦନ କରିଛନ୍ତି । ମୂଖ୍ୟ ପୂଜକ ପଂଚାନନ ଦାଶଙ୍କ ଦ୍ୱାରା ବିଧି ମୁତାବକ ପୂଜା ଓ ହୋମ ଯଜ୍ଞ ଗ୍ରାମରେ ଏକ ଅଧାତ୍ମିକ ପରିବେଶରେ ସୃଷ୍ଟି କରିଛି । ଏହି ଅବସରରେ ମନ୍ଦିର ନିର୍ମାଣ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବରିଷ୍ଠ ସଦସ୍ୟ ତଥା ଶିକ୍ଷାବିତ୍ ଶୋଭାକର ଲେଙ୍କା ସଭାପତିତ୍ୱ କରିଛନ୍ତି । ପ୍ରାରମ୍ଭରେ ବରିଷ୍ଠ ସଦସ୍ୟ ରଣଜିତ କୁମାର ସାହୁଙ୍କ ଅକାଳ ବିୟୋଗ ପାଇଁ ୧ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପରିଚାଳନା କମିଟିର ସଭାପତି ନିହାର ରଂଜନ ମହାପାତ୍ର, ଅନଙ୍ଗ ଭୂଷଣ ସଦୁଆଳ, ବିଭାକର ଲେଙ୍କା, ରଂଜନ ଗଜେନ୍ଦ୍ର ମହାପାତ୍ର, ରବିନ୍ଦ୍ର ଦାସ, ଗୋପାଳ ମହାପାତ୍ର, ହରିଶ୍ଚନ୍ଦ୍ର ବାରିକ, ସୁଶାନ୍ତ କୁମାର ମହାପାତ୍ର, ସନତ ସାହୁ, ରାମକୃଷ୍ଣ ମହାପାତ୍ର, ବସତ ଗଜେନ୍ଦ୍ର ମହାପାତ୍ର, ପଦ୍ମଲୋଚନ ଗଜେନ୍ଦ୍ର ମହାପାତ୍ର, ନୃସିଂହ ସଦୁଆଳଙ୍କ ସହିତ ଭାଗବତ କମିଟିର ସଦସ୍ୟସଦସ୍ୟା ଓ ସଂକୀର୍ତନ ମଣ୍ଡଳୀ ଉପସ୍ଥିତ ହୋଇ ଆଲୋଚନାରେ ଭାଗ ନେଇଥିଲେ । ସଭାପତି ଶ୍ରୀ ମହାପାତ୍ର ଅଦ୍ୟାବଧି ଖର୍ଚ୍ଚ ହୋଇଥିବା ସମସ୍ତ ଆୟବ୍ୟୟର ହିସାବ ରଖିବା ସହିତ ଆଗକୁ ମନ୍ଦିର କାର୍ଯ୍ୟ କିପରି ବଢିବ ସେଥିପାଇଁ ସମସ୍ତଙ୍କ ସାହାଯ୍ୟ ସହଯୋଗ କାମନା କରିଥିଲେ । ମନ୍ଦିରର ଫିନିସିଂ କାର୍ଯ୍ୟ ଚାଲୁ ରହିଥିବା ବେଳେ ଏହା ସହିତ ଷ୍ଟିଲ ଗ୍ରୀଲ, କାଠ କାମ, ଗ୍ରାନାଇଟ୍, ଇଲେକ୍ଟ୍ରିକ କାମ, ରଙ୍ଗ କାର୍ଯ୍ୟ ସହିତ ପରିକ୍ରମା କାର୍ଯ୍ୟ କିପରି ହେବ ସେ ସମ୍ପର୍କରେ ବିଧିବଦ୍ଧ ଆଲୋଚନା ହୋଇଥିଲା ।

୨୨ ଏପ୍ରିଲ ୨୦୨୬, ବୁଧବାର

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ଓସିଏ ଆନ୍ତଃଜିଲ୍ଲା ମହିଳା କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ମୟୂରଭଞ୍ଜ ଦଳ

ବାରିପଦା , ୨୧/୪ (ନି.ପ୍ର): ଓଡିଶା କ୍ରିକେଟ ଏସୋସିଏସନ ଆନୁକୂଲ୍ୟରେ କଟକ ଠାରେ ଅନୁଷ୍ଠିତ ହେବାକୁ ଥିବା ଆନ୍ତଃଜିଲ୍ଲା ମହିଳା କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିବା ପାଇଁ ମୟୁରଭଞ୍ଜ ଦଳ ଘୋଷିତ ହୋଇଯାଇଛି ଓ ଦଳରେ ଅଧିନାୟିକା ସଂଜିତା ଦାସ, ଉପ ଅଧିନାୟିକା ସୁନିଧି କାଶ୍ୟପ ଜେନା ସମେତ ଶୁଭସ୍ମିତା ବେହେରା, ସୋନିଆ ରାଜ, ଲକ୍ଷ୍ମୀପ୍ରିୟା ମହାନ୍ତ, ପଦ୍ମା ମିର୍ଦ୍ଧା, ଲକ୍ଷ୍ମୀ ଭଗତ, ମାନସୀ ମହାନ୍ତ, ସାଇ ଆରାଧା, ଚନ୍ଦ୍ରକାନ୍ତି ବେହେରା, ରଶ୍ମିରେଖା



ନାୟକ, ଶୁଭଶ୍ରୀ ନାଥ, ଦିବ୍ୟାଂଶୀ ମହାନ୍ତି, ସୋମବାରୀ ମହାନ୍ତି, ନନ୍ଦିନୀ ସିଂ, ଆଦ୍ୟାଶା ମହାନ୍ତ, ଲକ୍ଷ୍ମୀପ୍ରିୟା ବିନ୍ଧାଣି ଓ ଟିକି ପାତ୍ର ସାମିଲ ଅଛନ୍ତି ଓ ପୂର୍ବତନ ରାଜ୍ୟସ୍ତରୀୟ ଖେଳାଳି ସୁନୀଲ ଜେନା ଟିମ ମ୍ୟାନେଜର ଓ ସାଇବା ସିଂ କୋଚ ଭାବେ ଦଳ ସହିତ ଗସ୍ତ କରିବେ ଓ ମୟୁରଭଞ୍ଜର ପ୍ରଥମ ମ୍ୟାଚ ୨୩ ତାରିଖ ଦିନ ଜଗତସିଂହପୁର ସହିତ ଅଛି ବୋଲି କ୍ରିକେଟ ସମ୍ପାଦକ ପ୍ରସନ୍ନଜିତ ମହାନ୍ତି ଜଣାଇଛନ୍ତି ଓ ଆଜି ଅପରାହ୍ନରେ ମୟୁରଭଞ୍ଜ ଏଥଲେଟିକ ଏସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ସହ ସମ୍ପାଦକ ବୈଦ୍ୟନାଥ ରଥ, ଅଶୋକ ପଟ୍ଟନାୟକ, ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ, କ୍ରିକେଟ ସମ୍ପାଦକ ତଥା କୋଚ ଓ ମ୍ୟାନେଜର ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିବା ସହ ଦଳର ସଫଳତା କାମନା କରିଥିଲେ।

# ଖାଦ୍ୟ ସୁରକ୍ଷାରୁ ବଂଚିତ ଲୋଧା ଜନଜାତିର 'ଦୁଃଶାସନ'

ଉଦଳା, ୨୧/୪ (ନି.ପ୍ର): ୟେ ହେଉଛି ଉଦଳା ବ୍ଲକର ପାଟଣାଣିପୁର ପଂଚାୟତ ଅନ୍ତର୍ଗତ ଚନ୍ଦ୍ରପୁର ଗ୍ରାମରେ ଥିବା ଝରଣାସାହି ଅଂଚଳର ଦୃଶ୍ୟ । ଏଠାରେ ବସବାସ କରୁଥିବା ଲୋଧା ଜନଜାତିର ସ୍ୱର୍ଗତଃ ଭଗବାନ ମଳିକଙ୍କର ୪୬ ବର୍ଷ ବୟସର ପୁତ୍ର 'ଦୁଃଶାସନ' ଖାଦ୍ୟ ସୁରକ୍ଷା ଯୋଜନାରେ ସରକାର ଯୋଗାଇ ଦେଉଥିବା ଚାଉଳ ପାଇବାରୁ ବଂଚିତ ଅଛନ୍ତି । ଦିନମଜୁରିଆ ଭାବରେ କାମ କରି ନିଜର ଦୈନନ୍ଦିନର ଗୁଜୁରାଣ ମେଂଟାଉଥିବା 'ଦୁଃଶାସନ' ଚାଉଳ ନପାଇ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି । 'ଦୁଃଶାସନ'ଙ୍କର କହିବାଅନୁସାରେ ତାଙ୍କର ଏକ ଅନ୍ତ୍ୟୋଦୟ କାର୍ଡ଼ ଥିଲା । ଯେଉଁଥିରେ ସେ ମାସକୁ ୩୫ କିଗ୍ରା ଚାଉଳ ପାଉଥିଲେ । ଏହାପରେ ଆବାସ ଯୋନାରେ ତାଙ୍କର ଘରଟିଏ ଆସିଲା ଘରକାମ ଚାଲିଥିବା ସମୟରେ ହଠାତ କୌଣସି କାରଣ ନଥାଇ ସରକାରୀ ବାବୁ ମାନେ ଅନ୍ତ୍ୟୋଦୟ କାର୍ଡ଼ରେ ଚାଉଳ ବନ୍ଦ କରିଦେଲେ ।



ଫଳରେ ସେ ନାହିଁନଥିବା ଅସୁବିଧାରେ ସମ୍ମୁଖିନ ହେବା ସହିତ ଘରକାମ ସାରି ପାରିଲେ ନାହିଁ । ଏ ବାବଦରେ ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟରେ ବାରମ୍ବାର ଗୁହାରି ଜଣାଇଥିଲେ ମଧ୍ୟ କେହି କର୍ଣ୍ଣପାତ କରିନଥିବାର 'ଦୁଃଶାସନ' ଅଭିଯୋଗ କରିଛନ୍ତି । ଇତି ମଧ୍ୟରେ ୧୦ବର୍ଷ ସମୟ ବିତିଗଲାଣି । ଶେଷରେ ପଲିଥିନ ଟାଙ୍ଗି ଏହାରି ତଳେ 'ଦୁଃଶାସନ' ଆଶ୍ରୟ ନେବାକୁ ବାଧ୍ୟ ହୋଇଛନ୍ତି । ଲୋଧା ଜନଜାତିର ଲୋକଙ୍କ ଉପରେ ସରକାରୀ ବାବୁ ମାନେ ଏହିଭଳି ଅତ୍ୟାଚାର ଚଳାଉଥିବାର ଦୃଶ୍ୟ ଏକ ନିତିଦିନିଆ ଘଟଣା ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ଜିଲ୍ଲା ପ୍ରଶାସନ ତୁରନ୍ତ ଏହାର ତଦନ୍ତ କରି ଆବ,ଶ୍ୟକ ପଦକ୍ଷେପ ନେବାକୁ ସ୍ୱେଚ୍ଛାସେବି ରାମଚନ୍ଦ୍ର ସିଂ ଅନୁରୋଧ ଜଣାଇଛନ୍ତି ।

# ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ଅଧୀନରେ ଜିଲ୍ଲାସ୍ତରୀୟ ସମୂହ ବିବାହ କାର୍ଯ୍ୟକ୍ରମ: ୨୨ ଯୋଡ଼ା ବରବଧୂଙ୍କ ବିବାହ ସମ୍ପର୍ଣ୍ଣ

ଭଦ୍ରକ, ୨୧/୪ (ନି.ପ୍ର): ଏପ୍ରିଲ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା' ମାଧ୍ୟମରେ ଆଜି ଭଦ୍ରକ ଜିଲ୍ଲାରେ ୨୨ ଜଣ କନ୍ୟାଙ୍କ ସାମୂହିକ ବିବାହ ଅନୁଷ୍ଠିତ ହୋଇଛି । ଏହି କ୍ରମରେ ଆଜି ଭଦ୍ରକ ଜିଲ୍ଲା ମୁଖ୍ୟାଳୟ ସ୍ଥିତ ଟାଉନ୍ ହଲ୍ ପରିସରରେ ଜିଲ୍ଲା ସ୍ତରୀୟ ସମୂହ ବିବାହ କାର୍ଯ୍ୟକ୍ରମ ସମ୍ପର୍ଣ୍ଣ ହୋଇଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମାନ୍ୟବର ମନ୍ତ୍ରୀ ସମବାୟ, ହସ୍ତତନ୍ତ, ବୟନ ଶିଳ୍ପ ଓ ହସ୍ତ ଶିଳ୍ପ ଶ୍ରୀ ପ୍ରଦୀପ ବଳ ସାମନ୍ତ କହିଥିଲେ 'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା' ମାଧ୍ୟମରେ ଦୁର୍ବଳ ପରିବାରର ଝିଅମାନଙ୍କ ବିବାହକୁ ସମ୍ମାନଜନକ ଭାବେ ସମ୍ପନ୍ନ କରିବାରେ ସରକାର ଏକ ମାନବିକ ପଦକ୍ଷେପ ନେଇଛନ୍ତି ।ଏହି ଯୋଜନା କେବଳ ଆର୍ଥିକ ସହାୟତା ନୁହେଁ, ବରଂ କନ୍ୟା ସନ୍ତାନଙ୍କ ପ୍ରତି ସମାଜର ଦୃଷ୍ଟିଭଙ୍ଗୀକୁ ସକାରାତ୍ମକ କରିବାର ଏକ ସାର୍ଥକ ପ୍ରୟାସ। ପ୍ରତ୍ୟେକ କନ୍ୟା



ସମ୍ମାନ, ସ୍ନେହ ଓ ସୁରକ୍ଷାର ଅଧିକାର—ଏହି ବାର୍ତ୍ତାକୁ ସମାଜରେ ପହଞ୍ଚାଇବା ହେଉଛି ଏହି ଯୋଜନାର ମୂଳ ଉଦ୍ଦେଶ୍ୟ ।କାର୍ଯ୍ୟକ୍ରମରେ ମାନ୍ୟବର ବିଧାୟକ ଓ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଶ୍ରୀ ସୀତାଂଶୁ ଶେଖର ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ନବ ଦମ୍ପତୀଙ୍କୁ ଆଶୀର୍ବାଦ ଦେଇ କହିଥିଲେ ଯେ,ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା କେବଳ ଏକ ସରକାରୀ ସହାୟତା ନୁହେଁ, ଏହା ବାଲ୍ୟବିବାହ ବିରୋଧରେ ଏକ ସଂକଳ୍ପ। ଯୌତୁକ ପ୍ରଥା ବିରୋଧରେ ଏକ ସାମାଜିକ ସନ୍ଦେଶ ଓ କନ୍ୟାମାନଙ୍କ ସମ୍ମାନକୁ ସୁନିଶ୍ଚିତ କରିବାର ଏକ ଦୃଢ଼ ପଦକ୍ଷେପ। ଏହି ଯୋଜନା କେବଳ ବିବାହ ଉତ୍ସବ ନୁହେଁ, ବରଂ ସାମାଜିକ ସୁରକ୍ଷା ଏବଂ ଲିଙ୍ଗଗତ ସମାନତା ଦିଗରେ ଓଡ଼ିଶା ସରକାରଙ୍କ ଏକ ଦୃଢ଼ ସଂକଳ୍ପ। ବିଧବା ବିବାହକୁ ପ୍ରୋତ୍ସାହନ ଦେବା ହେଉଛି ଏହି ଯୋଜନାର ସ୍ୱତନ୍ତ୍ର ବିଶେଷତା । ସମ୍ମାନିତ ଅତିଥି ଭାବେ ଜିଲ୍ଲାପାଳ ଶ୍ରୀ ଦିଲୀପ ରାଉତରାଏ , ଭଦ୍ରକ ପଞ୍ଚାୟତ ସମିତି ଅଧକ୍ଷା ଶ୍ରୀମତୀ ଉର୍ମିଳା ନାୟକ, ଚାନ୍ଦବାଲି ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧକ୍ଷା ଶ୍ରୀମତୀ ଶାନ୍ତିଲତା ସେଠୀ, ଭଣ୍ଡାରିପୋଖରୀ ପଞ୍ଚାୟତ ସମିତି ଅଧକ୍ଷା ଶ୍ରୀମତୀ ସୁମତି ସେଠୀ, ବାସୁଦେବପୁର ପଞ୍ଚାୟତ ସମିତି ଅଧକ୍ଷ ଶ୍ରୀ ନାଗେନ୍ଦ୍ର ବିଶ୍ୱାଳ, ବାସୁଦେବପୁର ପୌରପାଳିକା ଅଧକ୍ଷା ଶ୍ରୀମତୀ ନିବେଦିତା ବେହେରା ଓ ଭଦ୍ରକ ପୌରପାଳିକା ଅଧକ୍ଷା ଶ୍ରୀମତୀ ଗୁଲମକି ହବିବ ଉପସ୍ଥିତ ରହିଥିଲେ ।ପ୍ରମୁଖ ଉପସ୍ଥିତ ରହି ବର ବଧୂଙ୍କୁ ଆଶୀର୍ବାଦ ଦେଇଥିଲେ। ସୂଚନାଯୋଗ୍ୟକି, ଆଜି ଭଦ୍ରକ ଜିଲ୍ଲାର ବିଭିନ୍ନ ବ୍ଲକ୍‌ରୁ ଆସିଥିବା ୨୨ ଯୋଡ଼ା ଯୁବକ-ଯୁବତୀ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ବିବାହ କରିଥିବା ସମସ୍ତ ୨୨ ଜଣ କନ୍ୟାମାନଙ୍କୁ ୬୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ସେଥି ମଧ୍ୟରୁ ୪୫ ହଜାର ଟଙ୍କା ସିଧାସଳଖ କନ୍ୟାମାନଙ୍କ ବ୍ୟାଙ୍କ୍ ଖାତାକୁ ପଠାଇ ଦିଆଯାଉଥିବା ବେଳେ ଅବଶିଷ୍ଟ ୧୫ ହଜାର ଟଙ୍କା ବିବାହ ଆୟୋଜନ ଓ ପରିଚାଳନା ନିମନ୍ତେ ଖର୍ଚ୍ଚ କରାଯାଉଛି। ଏହି ସମ୍ପୂର୍ଣ୍ଣ ପ୍ରକ୍ରିୟା ଫେଲୋଶିପ୍, ଭଦ୍ରକ ଏବଂ ଜିଲ୍ଲା ପ୍ରଶାସନ ତଥା ମହିଳା ଓ ଶିଶୁ ବିକାଶ ବିଭାଗର ତତ୍ତ୍ୱାବଧାନରେ ସମ୍ପାଦିତ ହୋଇଛି। ବିବାହ ସମ୍ପର୍ଣ୍ଣ ପରେ ସମସ୍ତ ନବ ବିବାହିତ ଦମ୍ପତି ଯୌତୁକ ପ୍ରଥା ବିରୋଧରେ ପ୍ରତିଜ୍ଞା ନେବା ସହ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଦେଇଛନ୍ତି।

## ମଣିପୁରରେ ତିନି ଘଣ୍ଟା ମଧ୍ୟରେ ଦୁଇଥର ଭୂମିକମ୍ପ

ନୂଆଦିଲ୍ଲୀ,୨୧/୪ : ମଣିପୁରରେ ମଙ୍ଗଳବାର ସକାଳେ ତିନି ଘଣ୍ଟା ବ୍ୟବଧାନରେ ଦୁଇଟି ଭୂମିକମ୍ପ ଅନୁଭୂତ ହୋଇଥିଲା। ପ୍ରଥମ ଭୂମିକମ୍ପ ସକାଳ ୦୫:୫୯:୩୩ ରେ ଏବଂ ଦ୍ୱିତୀୟ ଭୂମିକମ୍ପ ସକାଳ ୦୯:୦୩:୨୫ ରେ ଅନୁଭୂତ ହୋଇଥିଲା। ଭାରତୀୟ ଭୂକମ୍ପ ବିଜ୍ଞାନ କେନ୍ଦ୍ର ଅନୁଯାୟୀ, ଭୂମିକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୫.୨ ଏବଂ ୩.୩ ମାପ କରାଯାଇଥିଲା। ପ୍ରଥମ ଭୂମିକମ୍ପ ମଣିପୁରର କାମଜୋଙ୍ଗ ଜିଲ୍ଲାରେ ଭୂମିକମ୍ପ ତଳେ ପ୍ରାୟ ୬୨ କିଲୋମିଟର ଗଭୀରତାରେ ହୋଇଥିଲା। ଏହି ଭୂମିକମ୍ପର କେନ୍ଦ୍ରସ୍ଥଳ ୨୪.୭୦୩ ଡିଗ୍ରୀ ଉତ୍ତର ଅକ୍ଷାଂଶ ଏବଂ ୯୪.୪୧୫ ଡିଗ୍ରୀ ପୂର୍ବ ଦ୍ରାଘିମାରେ ରେକର୍ଡ କରାଯାଇଛି।

# ଗବେଷକ ଭାଗବତ ପଣ୍ଡା ପାଇଲେ ଉତ୍କଳ ସଂସ୍କୃତି ରତ୍ନ ସମ୍ମାନ - ୨୦୨୬

ବାରିପଦା , ୨୧/୪ (ନି.ପ୍ର): '' ଆମ ସଂସ୍କୃତି '' - ସେବା ଓ ସଂସ୍କୃତି ସୁରକ୍ଷାର ଅନନ୍ୟ ଅନୁଷ୍ଠାନ, କଟକ ତରଫରୁ ଅନୁଷ୍ଠିତ ବୈଶାଖୀ ଉତ୍ସବ ଅବସରରେ ଶ୍ରୀ ଜଗନ୍ନାଥ ସଂସ୍କୃତିର ପ୍ରଚାର ଓ ପ୍ରସାର କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସଂସ୍କୃତି ଗବେଷକ ଭାଗବତ ପଣ୍ଡା ଉତ୍କଳ ସଂସ୍କୃତି ରତ୍ନ ସମ୍ମାନ - ୨୦୨୬ ଲାଭ କରିଛନ୍ତି । ଏହି ଉପଲକ୍ଷେ କଟକ ଶତାବ୍ଦୀ ଭବନ ସଭାଗୃହରେ ଆୟୋଜିତ ଉତ୍ସବରେ ଅନୁଷ୍ଠାନର ପ୍ରତିଷ୍ଠାତା ଅଧକ୍ଷ ସୁକାନ୍ତ କୁମାର ସାହୁ ପୌରହିତ୍ୟ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ନ୍ୟାୟାଧୀଶ ଜଷ୍ଟିସ ଅନନ୍ତ



ସୂର୍ଯ୍ୟନାରାୟଣ ନାଇଡୁ ,ମୁଖ୍ୟବକ୍ତା ଭାବେ ଉତ୍କଳ ସାହିତ୍ୟ ସମାଜର ସଭାପତି ଗୋବିନ୍ଦ ଚନ୍ଦ୍ର ଚାନ୍ଦ ଓ ସମ୍ବର୍ଦ୍ଧିତ ଅତିଥି ଭାବେ ବିଶିଷ୍ଟ କଣ୍ଠ ଶିଳ୍ପୀ ପଦ୍ମଶ୍ରୀ ଶ୍ୟାମାମଣୀ ଦେବୀ, ଉତ୍କଳ ଗ୍ରାମ ସ୍ୱରାଜ୍ୟର ପ୍ରତିଷ୍ଠାତା ସଭାପତି ତଥା ଉତ୍କଳ ସାହିତ୍ୟ ସମାଜର ପାଠାଗାର ସମ୍ପାଦକ କଳିଙ୍ଗ ରତ୍ନ ବ୍ରହ୍ମାନନ୍ଦ ମହାନ୍ତି ପ୍ରମୁଖ ଯୋଗ ଦେଇ ଶ୍ରୀଯୁକ୍ତ ପଣ୍ଡାଙ୍କ ଉତ୍ତରୀୟ, ମାନପତ୍ର , ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ଉତ୍କଳ ସଂସ୍କୃତି ରତ୍ନ ସମ୍ମାନ - ୨୦୨୬ରେ ସମ୍ବର୍ଦ୍ଧିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମ୍ପାଦକ ସଚ୍ଚିକାନ୍ତ ନାଥ, ମୁଖ୍ୟ ସଂଯୋଜକ ଗୁରୁଦତ୍ତ କର, ଯୁଗ୍ମ ସମ୍ପାଦକ ଅଶୋକ କୁମାର ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସମ୍ବର୍ଦ୍ଧନାର ଉତ୍ତର ଦେଇ ଶ୍ରୀଯୁକ୍ତ ପଣ୍ଡା ଶ୍ରୀ ଜଗନ୍ନାଥ ସଂସ୍କୃତି ହିଁ ଓଡ଼ିଆ ଜାତିର ସଂସ୍କୃତି ଓ ତାର ପରିଚୟ ବୋଲି ଉଲ୍ଲେଖ କରିବା ସହିତ ମାନବ ସେବା ହିଁ ମାଧବ ସେବା ଯାହା ଏ ଅନୁଷ୍ଠାନ ଦୀର୍ଘ ବର୍ଷ ଧରି ଜାରି ରଖିଛି ତାର ଭୂୟସୀ ପ୍ରଶଂସା କରିଥିଲେ । ଏହି କାର୍ଯ୍ୟକ୍ରମରେ କଳାବିକାଶ କେନ୍ଦ୍ରର ଚେୟାରମେନ ତଥା ଶିକ୍ଷାବିତ ରବୀନ୍ଦ୍ର ମହାନ୍ତି ଉଦ୍‌ବୋଧନ ଦେଇ ଆମ ସଂସ୍କୃତି ଅନୁଷ୍ଠାନ ସମ୍ପର୍କରେ ଏକ ଆକର୍ଷଣୀୟ ବକ୍ତବ୍ୟ ଉପସ୍ଥାପନ କରିଥିଲେ । ପରିଶେଷରେ ଯୁଗ୍ମ ସମ୍ପାଦକ ଅଶୋକ କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜିଲ୍ଲା କାରାଗାରରେ ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ , ୨୧/୪ (ନି.ପ୍ର): ଓଡ଼ିଶା ରାଜ୍ୟ ଆଇନ୍ ସେବା ପ୍ରାଧିକରଣ, କଟକଙ୍କ ପ୍ରଦତ୍ତ କାର୍ଯ୍ୟକ୍ରମ ଅନୁସାରେ ଜିଲ୍ଲା ଓ ଦୌରା ଜଜ୍ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧକ୍ଷ ଶ୍ରୀ ଲଲାଟେନ୍ଦୁ ଜେନାଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଭଦ୍ରକଙ୍କ ଦ୍ୱାରା ଜିଲ୍ଲା କାରାଗାରରେ ଭାରତୀୟ ନାଗରିକ ସୁରକ୍ଷା ସଂହିତା, ୨୦୨୩ ର ବିଭିନ୍ନ ବ୍ୟବସ୍ଥା ଯେପରିକି ଏଫ.ଆଇ.ଆର., ଜାମିନ, ସମନ ଏବଂ ୱାରେଣ୍ଟ, ଆଇନଗତ ପ୍ରତିନିଧିତ୍ୱର ଅଧିକାର, ଅପିଲ, ଆବେଦନର ବାର୍ଗେନିଂ ଇତ୍ୟାଦି ଉପରେ ଆଇନଗତ ସାକ୍ଷରତା କାର୍ଯ୍ୟକ୍ରମ ଏବଂ ଶଶି ଅ ଶାହି ଚିକନା ବିବେକାନନ୍ଦ ଜୁମାନି-ଭର୍ସସ୍ -ମହାରାଷ୍ଟ୍ର ରାଜ୍ୟ (ଏସଏଲପି (ଫୌଜଦାରୀ) ନଂ. ୧୨୬୯୦/୨୦୨୫) ବିଷୟରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଶ୍ରୀ ପୁଣ୍ୟଶ୍ଳୋକ ରଥ, ଜିଲ୍ଲା ଆଇନ ସେବା ପ୍ରାଧିକରଣର ଏଏଲ୍‌ଡିଏସ୍ ସହାୟକ, ଡ. ତାପସ କୁମାର ମହାନ୍ତି ଏବଂ ଜିଲ୍ଲା କାରାଗାର, ଭଦ୍ରକ , ଅଧୀକ୍ଷକ, ଶ୍ରୀ ବିକାଶ ସେଠୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ କାରାଗାରର କଏଦୀମାନଙ୍କୁ ସଚେତନତା କରାଇ ଥିଲେ। ଜିଲ୍ଲା ଆଇନ ସେବା ପ୍ରାଧିକରଣର କର୍ମୀଗଣ ଏହି ସଚେତନତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଜାତୀୟ ଦାବି ଦିବସ ପାଳନ



ବଡ଼ସାହି, ୨୧/୪ (ନି.ପ୍ର): ସୋମବାର ଅଖିଳ ଭାରତ ରାଜ୍ୟ ପେନସନର୍ ମହାସଂଘର ୨ୟ ଜାତୀୟ ସମ୍ମିଳନୀରେ ଗୃହୀତ ପ୍ରସ୍ତାବ ଅନୁପାଳନ କ୍ରମେ ଓଡ଼ିଶା ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ମହାସଂଘର ନିଷ୍ପତ୍ତି ଓ ଡାକରା ଅନୁସାରେ ସ୍ଥାନୀୟ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ତରଫରୁ ସଂଘର ସଭାପତି ରଣଜିତ କୁମାର ଦାସଙ୍କ ନେତୃତ୍ୱରେ ଜାତୀୟ ଦାବୀ ଦିବସ ପାଳନ କରାଯାଇଅଛି। ଏହି ଅବସରରେ ସଂଘର ଏକ ଦଳ ବିଡ଼ିଓ, ବଡ଼ସାହିଙ୍କ ଜରିଆରେ ମାନ୍ୟବର ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୯ଦଫା ତଥା ମାନ୍ୟବର ଭାରତର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୦ଦଫା ଦାବୀ ସମ୍ବଳିତ ଗୋଟିଏ ଲେଖାଏଁ ସ୍ମାରକପତ୍ର ପ୍ରଦାନ କରିଅଛନ୍ତି। ଦାବୀଗୁଡିକ ମଧ୍ୟରେ ଅର୍ଥ ଆଇନ୍ ୨୦୨୫ ଅବିଳମ୍ବେ ପ୍ରତ୍ୟାହାର, ଏନ୍.ପି. ଏସ୍. /ୟୁ. ପି. ଏସ୍. ବଦଳରେ ପୁରୁଣା ସ୍ଥିରୀକୃତ ପେନ୍ ସନ୍ ବା ଓ. ପି. ଏସ୍. ଲାଗୁ କରିବା, ୨୦୨୫ ଡିସେମ୍ବର ୩୧ ତାରିଖ ପୂର୍ବରୁ ଅବସର ନେଇଥିବା ସମସ୍ତଙ୍କୁ ୮ମ ବେତନ ଆୟୋଗଙ୍କ ସୁପାରିଶ ଲାଗୁ କରିବା, କେନ୍ଦ୍ର କର୍ମଚାରୀଙ୍କ ସହିତ ସମାନ ହାରରେ ରାଜ୍ୟ ପେନସନର ମାନଙ୍କୁ ସମସ୍ତ ବାକିଆ ମହଙ୍ଗା ଭତ୍ତା ପ୍ରଦାନ, କୋଭିଡ୍ ସମୟର ବାକିଥିବା ୧୮ମାସର ମହଙ୍ଗା ଭତ୍ତା ସୁଧ ସହିତ ପ୍ରଦାନ, କମ୍ୟୁଟେସନ୍ ଦେୟର ଅବଧି ୧୦ବର୍ଷ ୮ମାସକୁ ହ୍ରାସ, ପୂର୍ବ ପରି ରେଳଯାତ୍ରାରେ ରିହାତି ସହିତ ରାଜ୍ୟର ସମସ୍ତ ବସ୍ ରେ ଯାତ୍ରା ସମୟରେ ରିହାତି ପ୍ରଦାନ, କେନ୍ଦ୍ର ଅନୁରୂପ ରାଜ୍ୟ ପେନସନରମାନଙ୍କୁ ସ୍ୱାସ୍ଥ୍ୟ ବୀମା ଯୋଜନା ଅନ୍ତର୍ଭୁକ୍ତ କରିବା ବା ଚିକିତ୍ସା ଭତ୍ତା ପ୍ରଦାନ, ୨୦୨୦ ନୂଆ ଶିକ୍ଷାନୀତି ବାତିଲ୍ କରିବା, ପେନସନ୍ ଉପରୁ ଆୟକର କାଟିବା ବନ୍ଦ କରିବା ଅନ୍ୟତମ। ଏହି କାର୍ଯ୍ୟକ୍ରମରେ ସଂଘର ବରିଷ୍ଠ ସଦସ୍ୟ ସନ୍ତୋଷ କୁମାର ବେହେରା, ରାଜେନ୍ଦ୍ର କୁମାର ଜେନା, ଯୋଗେଶ୍ୱର ମିଶ୍ର, ପ୍ରଶାନ୍ତ କୁମାର ବେହେରା ଓ ଶଚୀନ୍ଦ୍ର କୁମାର ବିଶ୍ୱାଳ ଆଦି ଯୋଗ ଦେଇ ସକ୍ରିୟ ଅଂଶଗ୍ରହଣ କରିଥିଲେ।

# ଆର୍ନ୍ତଜାତୀୟ ପ୍ରତିମୂର୍ତ୍ତି ସଫେଇ ତଥା ସଂରକ୍ଷଣ ଦିବସ ପାଳନ: ଅଂଶ ଗ୍ରହଣ କଲେ ୧୨ ସଂଗଠନର କର୍ମକର୍ତ୍ତା ଓ ପ୍ରତିନିଧି

ଜଳେଶ୍ୱର, ୨୧/୪ (ନି.ପ୍ର): ଆର୍ନ୍ତଜାତୀୟ ପ୍ରତିମୂର୍ତ୍ତି ସଫେଇ ତଥା ସଂରକ୍ଷଣ ଦିବସ ପାଳନ ଅବସରରେ ଆଜି ସକାଳ ୭ ଘଟିକା ଠାରୁ ୯ ଘଟିକା ପର୍ଯ୍ୟନ୍ତ ଜଳେଶ୍ୱର ବ୍ଲକ ପରିସରରେ ବ୍ୟାସକବି ଫକୀର ମୋହନ ସେନାପତି ଓ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି, ପୁରୁଣା କୋର୍ଟ ପରିସରରେ ଥିବା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତି, ପୌର ପରିଷଦ ଉଦ୍ୟାନ ପରିସରରେ ଥିବା ଭକ୍ତ କବି ଦୀନକୃଷ୍ଣ ଦାସ ଓ ପୂର୍ବତନ ନଗରପାଳ ହିମାଂଶୁ ଶେଖର ନନ୍ଦୀଙ୍କ ପ୍ରତିମୂର୍ତ୍ତି ଓ ଶେଷରେ ବଡ଼ ବଜାର ଛକରେ ଅବସ୍ଥିତ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବରିଷ୍ଠ ଆଇନଜୀବୀ ସୁକୁମାର ରଣାଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ସଫେଇ କାର୍ଯ୍ୟକ୍ରମରେ ଜିଲ୍ଲା ରକ୍ତଦାତା ସଂଘ ସଭାପତି କମଳ ଚକ୍ରବର୍ତ୍ତୀ, ରୋଟାରୀ କ୍ଲବ୍ ଅଫ ସୁବର୍ଣ୍ଣରେଖା ରାଇବଣିଆ



ସଭାପତି ପ୍ରାଣକୃଷ୍ଣ ଗିରି,ଦିଗମ୍ବରୀ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ ପ୍ରତିଷ୍ଠାତା ଡ. ଅଜିତ୍ କୁମାର ମହାନ୍ତି,ଉତ୍କଳ ସମ୍ମିଳନୀ ଜଳେଶ୍ୱର ଶାଖା ଉପସଭାପତି ଅଶୋକ କୁମାର ଦାସ,ଜଳେଶ୍ୱର ବିକାଶ ପରିଷଦ ସମ୍ପାଦକ ମନୋରଂଜନ ଦାସ,ଜଳେଶ୍ୱର ଡେଭଲପମେଣ୍ଟ କମିଟି ସଭାପତି ଇ. ରତ୍ନାକର ରାୟ,ଜଗନ୍ନାଥ ଡିଗ୍ରୀ ମହାବିଦ୍ୟାଳୟ ଅଧକ୍ଷ ସରୋଜ କୁମାର ମହାନ୍ତି,ଜଳେଶ୍ୱର ବାର ଆସୋସିଏସନର ସମ୍ପାଦକ ରାଜେଶ କୁମାର ପାତ୍ର,ସୀମାନ୍ତ ଗ୍ରାମୀଣ ମହୋତ୍ସବ କମିଟି କୋଷାଧକ୍ଷ ସୌଭିକ କୁମାର ଜେନା,ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚ କାର୍ଯ୍ୟକାରୀ ସଭାପତି ଭାସ୍କର ଚନ୍ଦ୍ର ମିଶ୍ର,ଜଳେଶ୍ୱର ମୋହରିର ସଂଘ ସଂପାଦକ ଦୁର୍ଗା ଶଙ୍କର ଆଶ ପ୍ରମୁଖ ଉପସ୍ଥିତ ରହି ଏହି ବନ୍ଦେ ବରପୁତ୍ରମ୍ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଅବସରପ୍ରାପ୍ତ କର୍ମଚାରୀଙ୍କ ଦାବିପତ୍ର ପ୍ରଦାନ

ବୈଶିଙ୍ଗା , ୨୧/୪ (ନି.ପ୍ର): ବେତନଟୀ ବ୍ଲକର ଅବସରପ୍ରାପ୍ତ କର୍ମଚାରୀ ସଂଘ ତରଫରୁ ଜାତୀୟ ଦାବିଦିବସ ପାଳନ ପରିପ୍ରେକ୍ଷୀରେ ସ୍ଥାନୀୟ ବି.ଡ଼ି. ଓ.ସୁଶାନ୍ତ କୁମାର ସୂତାରଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୦ ଦଫା ଦାବି ସମ୍ବଳିତ ପତ୍ର ପ୍ରଦାନ କରାଯାଇଅଛି । ସଂଘର ସଭାପତି ହରିଶଚନ୍ଦ୍ର ନନ୍ଦ ଗୋସ୍ୱାମୀ ଓ ସଂପାଦକ ସଚ୍ଚିଦାନନ୍ଦ ମହାନ୍ତିଙ୍କ ନେତୃତ୍ୱରେ ୧୫ ଜଣ ସଦସ୍ୟ ଓ କର୍ମକର୍ତ୍ତାଙ୍କ ଉପସ୍ଥିତି ସହ ପ୍ରଧାନମନ୍ତ୍ରୀଙ୍କ ନିକଟକୁ ଡାକଯୋଗେ ଅନ୍ୟ ଏକ ଦାବିପତ୍ର ପ୍ରେରଣ କରାଯାଇଥିଲା । ଏଥିରେ ରବୀନ୍ଦ୍ରନାଥ ମିଶ୍ର , ହରେନ୍ଦ୍ରନାଥ ବାରିକ,ଗଣେଶ ଚନ୍ଦ୍ର ସାହୁ, ରାଧାକ୍ରିଷ୍ଣ ପାତ୍ର, ବାସୁଦେବ ନାପିତ, ଯତୀନ୍ଦ୍ରନାଥସାହୁ, ସହଦେବ ଗିରି, କମଳ ଲୋଚନ ମହାପାତ୍ର ଦୁର୍ଯୋଧନ ସିଂ, ରାମଚନ୍ଦ୍ର ପଣ୍ଡା,ଗୁରୁଚରଣ ଭୂୟାଁ । ରବି ନାରାୟଣ ପୃଷ୍ଟି, ଗୌରଚନ୍ଦ୍ର କଳିଆ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ । ସଂସଦରେ ଗୃହୀତ ମାର୍ଚ୍ଚ ୨୦୨୫ ର ଭାଲିଡେସନ ଆଇନକୁ ଉଚ୍ଛେଦକରି ପୂର୍ବବତ୍ ପେନସନ ଭୋଗୀକୁ ସୁବିଧା ପ୍ରଦାନ ଏବଂ ୮ମ ବେତନ କମିଶନ ଲାଗୁ କରିବା, ରେଳ ଓ ବସରେ ରିହାତି, ଚିକିତ୍ସା ଭତ୍ତା ପ୍ରଦାନ ସହ ପେନସନ ବିଭାଗର ପୁନଃ ପ୍ରଚଳନ ଭଳି ମୁଖ୍ୟ ଦାବି ଗୁଡ଼ିକ ଏଥିରେ ଅନ୍ତର୍ଭୁକ୍ତ ରହିଅଛି ବୋଲି ସମ୍ପାଦକ ଶ୍ରୀ ମହାନ୍ତି ଜଣାଇଛନ୍ତି ।

# ପ୍ରଚଣ୍ଡ ରୌଦ୍ରତାପ ଅନୁଭୂତ ହେବାରୁ ଅପ୍ରେଲ ୨୩ ତାରିଖ ପର୍ଯ୍ୟନ୍ତ ବିଦ୍ୟାଳୟ ଛୁଟି ଘୋଷଣା

ଖୋର୍ଦ୍ଧା , ୨୧/୪ (ନି.ପ୍ର): ଖୋର୍ଦ୍ଧା ଜିଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଅମ୍ରିତ୍ ଋତୁରାଜ ଜିଲ୍ଲାର ସମସ୍ତ ଅଞ୍ଚଳରେ ପ୍ରଚଣ୍ଡ ରୌଦ୍ରତାପ ଅନୁଭୂତ ହେଉଥିବା ଦେଖି ଆସନ୍ତା କାଲି ତା ୨୦.୦୪.୨୦୨୬ ରିଖ ଠାରୁ ତା୨୩.୦୪ ୨୦୨୬ରିଖ ପର୍ଯ୍ୟନ୍ତ ଶିଶୁ ବାଟିକା ଓ ବିଦ୍ୟାଳୟ ରେ ପଢୁଥିବା ସମସ୍ତ ଛାତ୍ର ଛାତ୍ରୀ ମାନଙ୍କ ସ୍ୱାସ୍ଥ୍ୟ ଓ ସୁରକ୍ଷା ଦୃଷ୍ଟିରୁ ଛୁଟି ଘୋଷଣା କରିଛନ୍ତି । ଏହି ଚାରି ଦିନ ଛୁଟି ଘୋଷଣାରେ ସମସ୍ତ ଶିଶୁବାଟିକା ରେ ପଢୁଥିବା ଶିଶୁ ଅର୍ଥାତ୍ ଶିଶୁ ବାଟିକା ଠାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସରକାରୀ, ଅର୍ଦ୍ଧ ସରକାରୀ ଓ ସମସ୍ତ ବେସରକାରୀ ବିଦ୍ୟାଳୟରେ ପଢୁଥିବା ଛାତ୍ରଛାତ୍ରୀ ମାନଙ୍କ ପାଇଁ ଲାଗୁ ହେବ । ପଞ୍ଚମ ଏବଂ ଅଷ୍ଟମ ଶ୍ରେଣୀରେ ପଢୁଥିବା ଛାତ୍ରଛାତ୍ରୀ ମାନଙ୍କ ଅନୁପୁରକ ପରୀକ୍ଷା ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ କର୍ତ୍ତୃପକ୍ଷ ନିୟମାନୁସାରେ ଚାଲୁ ରହିବ । ବିଦ୍ୟାଳୟ ମୁଖ୍ୟ ଛାତ୍ର ଛାତ୍ରୀ ମାନଙ୍କ ସ୍ୱାସ୍ଥ୍ୟ ଓ ସୁରକ୍ଷା ନିମିତ୍ତ ପର୍ଯ୍ୟାପ୍ତ ବିଶୁଧ ପାନୀୟ ଜଳ,ଓ ଆର ଏସ ପ୍ୟାକେଟ, ପ୍ରାଥମିକ ଚିକିତ୍ସା ସେବା, ଉତ୍ତମ ବିଶୁଦ୍ଧ ବାୟୁ ଚଳାଚଳ କକ୍ଷ ସୁବିଧା ଉପଲବ୍ଧ ର ବ୍ୟବସ୍ଥା କରିବେ । ବିଦ୍ୟାଳୟରେ ନାମଲେଖା, ପ୍ରଶାସନିକ କାର୍ଯ୍ୟ,ସେନସସ୍ କାର୍ଯ୍ୟ ଯଥାବିଧି ଚାଲୁରହିବ । ଜିଲ୍ଲା ପ୍ରଶାସନ ତରଫରୁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ, ଖୋର୍ଦ୍ଧା ପକ୍ଷରୁ ଏହା ଜଣାଇ ଦିଆଗଲା ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida